
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୦ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 30 JANUARY 2023
Vol.No. 34 ■ No. 28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଛାତିରେ ବାଜିଲା ଗୁଳି, ଚିରନିଦ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୨୯/୦୧ (ନି.ପ୍ର): ସାରା ରାଜ୍ୟ ସ୍ତବ୍ଧ । କେବଳ ରାଜ୍ୟ ନୁହେଁ, ସାରା ଦେଶରେ ଚାଂଚଲ୍ୟ । ଓଡ଼ିଶାର ରାଜନୀତି ଇତିହାସରେ କେବେ ବି ଏପରି ଘଟଣା ଘଟିନଥିଲା । ଦିନଦ୍ୱିପହରେ ପୋଲିସ ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ହୋଇଥିଲା । ଆଉ ଏହି ଗୁଳିମାଡରେ ସେ ସବୁଦିନ ପାଇଁ ଆଜି ବୁଜିଦେଇଛନ୍ତି । ଗୁଳି କେହି ପେଶାଦାର ଅପରାଧୀ ମାରିନଥିଲେ, ମାରିଥିଲେ ଜଣେ ପୁଲିସ କର୍ମଚାରୀ । ଯାହାକୁ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । କାହିଁକି କେଉଁ କାରଣରୁ ମନ୍ତ୍ରୀଙ୍କୁ ଜଣେ ପୋଲିସ କର୍ମଚାରୀ ଗୁଳିମାରିଲେ ତାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି । ବ୍ରଜରାଜନଗର ଗାନ୍ଧୀ ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ସେହି ଗାନ୍ଧୀ ଛକ ପୋଲିସ ଆଉଟପୋଷ୍ଟରେ ମୁତୟନ ଏଏସଆଇ ଗୋପାଳକୃଷ୍ଣ ଦାସ ଗୁଳି କରିଛନ୍ତି । ଗୋଟିଏ ଗୁଳି ନବ ଦାସଙ୍କ ଛାତିକୁ ଓ ଅନ୍ୟ ଗୋଟିଏ ଗୁଳି ଜଣେ ବିଜେଡି କର୍ମୀଙ୍କ ଉପରକୁ ଚଳାଇଥିଲେ ଗୋପାଳ । ପରେ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ସେଠାରେ ମୁତୟନ ବ୍ରଜରାଜନଗର ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁ ଓ ଅନ୍ୟଜଣେ କନେଷ୍ଟବଳ । ସବୁ ଏତେ ହଠାତ ଘଟିଗଲା ଯେ, କେହି କିଛି ବୁଝି ପାରିନଥିଲେ । ଗୁଳିକାଣ୍ଡ ପରେ ଗୋପାଳଙ୍କୁ କାବୁ କରି ପୋଲିସ ନିଜ ହେପାଜତରେ ରଖିଛି । ସାରା ରାଜ୍ୟକୁ ଦୋହଲାଇ ଦେଇଥିବା ଏହି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କେଉଁ ପରିସ୍ଥିତିରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ ଅଧିକାରୀ ମନ୍ତ୍ରୀଙ୍କ ଉପରକୁ ଗୁଳି କଲେ ତାର କାରଣ ଖୋଜିବ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ । ଯେଉଁ ଟିମର ନେତୃତ୍ୱ ନେଉଛନ୍ତି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା । ୯ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବ୍ରଜରାଜନଗରରେ ପହଞ୍ଚି ସାରିଛି । ମିଳିଥିବା ସୂଚନା ଅନୁସାରେ ଡିଏସପି ରମେଶ ଦୋରାଙ୍କ ତତ୍ତ୍ୱାବଧାନରେ ଘଟଣାର ଖୋଳତାଡ କରିବ କ୍ରାଇମବ୍ରାଞ୍ଚ ଟିମ୍ । ଗାନ୍ଧୀ ଛକରେ ଗୁଳିକାଣ୍ଡସ୍ଥଳକୁ ପୋଲିସ ସିଲ କରିଛି । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସେଠାରେ ଅନୁସନ୍ଧାନ ଚଳାଇଛନ୍ତି । ସେପଟେ ଗୋପାଳଙ୍କ ପରିବାର ସଦସ୍ୟ କହିଛନ୍ତି ଯେ, ତାଙ୍କର ମାନସିକ ଅବସ୍ଥା ଠିକ ନଥିଲା । ପରେ ଗୁରୁତର ଆହତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସପିଟାଲକୁ ନିଆଯାଇଥିଲା । କିନ୍ତୁ ଅବସ୍ଥା ଏତେ ସଂକଟାପନ୍ନ ଥିଲା ଯେ ତାଙ୍କୁ ତୁରନ୍ତ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଆପୋଲୋ ହସପିଟାଲକୁ ଅଣାଯାଇଥିଲା । ଭୁବନେଶ୍ୱର ବିମାନବନ୍ଦରରୁ

▶▶ପୃଷ୍ଠା ୭

## ମନ୍ତ୍ରୀଙ୍କ ଉପରେ ଗୁଳି ମାଡ ଘଟଣାର ଯାଞ୍ଚ ଦାୟିତ୍ୱ ନେଲା ସିଆଇଡି କ୍ରାଇମ ବ୍ରାଂଚ

ଭୁବନେଶ୍ୱର,୨୯/୦୧ (ନି.ପ୍ର): ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଉପରେ ଗୁଳି ମାଡ ଘଟଣାରେ ଯାଂଚର ଦାୟିତ୍ୱ ନେଇଛି ସିଆଇଡି କ୍ରାଇମ ବ୍ରାଂଚ । ଏହି ମାମଲାର ଯାଂଚ ପାଇଁ ସାତ ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି । ଏହି ଟିମରେ ସାଇବର ବିଶେଷଜ୍ଞ, ବାଲାଷ୍ଟିକ ବିଶେଷଜ୍ଞ ଓ କ୍ରାଇମ ବ୍ରାଂଚର ଅଧିକାରୀ ସାମିଲ ଅଛନ୍ତି । କ୍ରାଇମ ବ୍ରାଂଚ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଡିଏସପି ରମେଶ ଚନ୍ଦ୍ର ଦୋରା ଏହି ସ୍ୱତନ୍ତ୍ର ଟିମର ନେତୃତ୍ୱ କରୁଛନ୍ତି । ମାମଲାର ଯାଂଚ କରିବାକୁ ଏହି ଟିମ ହେଲିକେପ୍ଟର ଯୋଗେ ବ୍ରଜରାଜନଗର ପହଂଚିଛି । ଏହି ଟିମ ପହଂଚିବା ପରେ ସେଠାର ତଦନ୍ତ କାମ ଆରମ୍ଭ କରିଛି । ଏହି ମାମଲାର ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ଅତିରିକ୍ତ ଡିଜିପି ଅରୁଣ ବୋଥରା ମଧ ଯାଇଥିବା ଜଣା ପଡିଛି ।

## ତାଙ୍କର ମାନସିକ ଅବସ୍ଥା ଠିକ୍ ନଥିଲା, ଗତ ୫ବର୍ଷ ହେବ ସେ ନିୟମିତ ଚିକିତ୍ସା ପାଇଁ ଆସୁନଥିଲେ : ଡାକ୍ତର ଚନ୍ଦ୍ରଶେଖର ତ୍ରିପାଠୀ



ଭୁବନେଶ୍ୱର,୨୯/୦୧ (ନି.ପ୍ର) : ନବ ଦାସଙ୍କ ଉପରେ ଗୁଳି ଚଳାଇଥିବା ଗୋପାଳ ଦାସଙ୍କ ପତ୍ନୀ କହିଥିଲେ ତାଙ୍କ ମାନସିକ ଅବସ୍ଥା ଠିକ୍ ନାହିଁ । ତେବେ ଏନେଇ କନକ ନ୍ୟୁଜରେ ପ୍ରତିକ୍ରିୟା ରଖିଛନ୍ତି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଚନ୍ଦ୍ରଶେଖର ତ୍ରିପାଠୀ । ସେ କହିଛନ୍ତି, ଗତ ୮ରୁ ୧୦ ବର୍ଷ ତଳେ ସେ ପାଖରେ ଚିକିତ୍ସିତ ହେଉଥିଲେ । ଆମେ ଚିକିତ୍ସା ମଧ କରିଥିଲୁ । ତାଙ୍କ ଲକ୍ଷଣ ବି ଠିକଠାକ୍ ଥିଲା । ତେବେ ଏହାରି ଭିତରେ ଗତ ୫ ବର୍ଷ ହେବ ଚିକିତ୍ସା ପାଇଁ ସେ ଆସୁନଥିଲେ । ଔଷଧ ବୋଧେ ଖାଉନଥିଲେ । ଗୋପାଳଙ୍କ ଦେହରେ ନିଦ୍ରାହୀନତା, ଅଧିକ ରାଗିବାର, ମାଡମାରୁଥିବାର ଲକ୍ଷଣ ଥିଲା । ପ୍ରଥମେ ସେ ଯେତେବେଳେ ଆସିଥିଲେ ଆମେ ତାଙ୍କୁ ରୋକିବା ପାଇଁ ଇଞ୍ଜେକସନର ସହାୟତା ମଧ ନେଇଥିଲୁ । ଏକଥା ପ୍ରାୟ ୧୦ ବର୍ଷ ତଳର କିନ୍ତୁ, ପରେ ସେ ସୁସ୍ଥ ହୋଇଥିଲେ । ଗତ ୫ ବର୍ଷ ହେବ ସେ ନିୟମିତ ଚିକିତ୍ସା ହେଉନଥିଲେ ଲାଗୁଛି ପୁଣି ଥରେ ସେଭଳି କିଛି ଲକ୍ଷଣ ତାଙ୍କ ଦେହରେ ଆସିଥାଇପାରେ ।

## ମାନସିକ ରୋଗରେ ପୀଡ଼ିତ ଥିଲେ : ଗୋପାଳଙ୍କ ସ୍ତ୍ରୀ



ଭୁବନେଶ୍ୱର,୨୯/୦୧ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ବ୍ରଜରାଜନଗରରେ ଗୁଳିମାଡ଼ କରିଥିବା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସଙ୍କ ପତ୍ନୀ ଜୟନ୍ତୀ ଦାସ ତାଙ୍କର ସ୍ୱାମୀ ମାନସିକ ରୋଗୀ ଥିଲେ ବୋଲି କହିଛନ୍ତି । ଗଂଜାମ ଜିଲ୍ଲାରେ ତାଙ୍କ ଗାଁରେ ସେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି ଯେ ସେ 'ମନ୍ତ୍ରୀଙ୍କୁ ଗୁଳିମାଡ଼ ଘଟଣା ସଂପର୍କରେ ମୁଁ କିଛି ଜାଣି ନାହାନ୍ତି । ସକାଳେ ଝିଅ ସହିତ ମୋ ସ୍ୱାମୀ ଆଜି ଭିଡିଓ କଲିଂରେ କଥା ହୋଇଥିଲେ । ଅଚାନକ କାମ ଅଛି କହି କଲ୍ କାଟି ଦେଇଥିଲେ । ତେଣୁ ତାଙ୍କ ସହିତ ମୁଁ ମୋବାଇଲ୍ ଫୋନରେ କଥା ହୋଇପାରିନାହିଁ । ସେ କହିଛନ୍ତି ଯେ ୪ରୁ ୫ ମାସ ଆଗରୁ ଘରକୁ ସେ ଆସିଥିଲେ । ସେ ମାନସିକ ରୋଗରେ ପୀଡ଼ିତ ଥିଲେ । ତାଙ୍କର ମାନସିକ ସ୍ଥିତି ଭଲ ନଥିଲା । ସେଥିପାଇଁ ଔଷଧ ଖାଉଥିଲେ । ରକ୍ତଚାପ ପାଇଁ ମଧ ଔଷଧ ଖାଉଥିଲେ । ମନ୍ତ୍ରୀଙ୍କ ସହିତ ଶତ୍ରୁତା ନେଇ ମୁଁ କିଛି ଜାଣି ନାହିଁ । ଘଟଣାକୁ ନେଇ ଏବେ ମୋ ପିଲାମାନେ ଚିନ୍ତାରେ ଅଛନ୍ତି । ଘଟଣାର ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି ।

## ବାରମ୍ବାର କହିବା ସତ୍ତ୍ୱେ ତାଙ୍କୁ ଛୁଟି ମିଳିନଥିଲା : ଗୋପାଳଙ୍କ ପୁଅ



ଭୁବନେଶ୍ୱର,୨୯/୦୧ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କୁ ଗୋପାଳ ଦାସ ଗୁଳି ଚଳାଇବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଏଏସଆଇଙ୍କ ପୁଅ । ସେ କହିଛନ୍ତି ବାପାଙ୍କ ସ୍ୱାସ୍ଥ୍ୟ ଠିକ୍ ନଥିଲା । ଗତ ୫ମାସ ଧରି ସେ ଛୁଟିପାଇଁ କହିଆସୁଥିଲେ । କିନ୍ତୁ, ଛୁଟି ମିଳିପାରିନଥିଲା । ବାରମ୍ବାର ଛୁଟି ପାଇଁ ସେ ଆବେଦନ କରୁଥିଲେ ସୁଦ୍ଧା ତାଙ୍କୁ ଛୁଟି ମିଳିପାରୁନଥିଲା । ମୁଁ ଦୁଇ ଦିନ ତଳେ ଯାଇଥିଲି । ଆମେ ମଧ କଥାବାର୍ତ୍ତା କରିଥିଲୁ ।

## ସକାଳୁ ନବ ଦାସଙ୍କ ମୃତଦେହ ଯିବ ଝାରସୁଗୁଡ଼ା

ଭୁବନେଶ୍ୱର,୨୯/୦୧ (ନି.ପ୍ର): ଆଜି ରାତିରେ ନବ ଦାସଙ୍କ ମୃତଦେହ ପୋଷ୍ଟମର୍ଟମ ଶେଷ ହୋଇଛି । ସନ୍ଧ୍ୟାରେ ପୋଷ୍ଟମର୍ଟମ ପାଇଁ ମରଶରୀରକୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରୁ କ୍ୟାପିଟାଲ ହସ୍ପିଟାଲ ନିଆ ଯାଇଥିଲା । ଦୁଇ ଜଣିଆ ଡାକ୍ତରୀ ଟିମ୍ ଏହି ପୋଷ୍ଟମର୍ଟମ କରିଥିଲେ । ଏହି ପୋଷ୍ଟମର୍ଟମ ପ୍ରକ୍ରିୟାର ଭିଡିଓ ଗ୍ରାଫି ହୋଇଥିଲା । ଏହା ସରିବା ପରେ ମର ଶରୀରକୁ ବିଧାନସଭା ପରିସରକୁ ଅଣାଯାଇଥିଲା । ଏଠାରେ ମନ୍ତ୍ରୀ ଓ ବିଧାୟକମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏଠାରୁ ରାତିରେ ମର ଶରୀରକୁ ନବଙ୍କ ସରକାରୀ ବାସ ଭବନକୁ ନିଆଯାଇଥିଲା । ଆସନ୍ତାକାଲି ସକାଳ ୮ଟାରେ ତାଙ୍କ ମର ଶରୀରକୁ ଭୁବନେଶ୍ୱର ବିଜେଡି ଅଫିସ୍‌କୁ ନିଆଯିବ । ଶ୍ରଦ୍ଧାଞ୍ଜଳି ସରିବା ପରେ ଦିନ ୯ଟାରେ ମରଶରୀରକୁ ବିମାନବନ୍ଦର ନିଆଯାଇ ସ୍ୱତନ୍ତ୍ର ଚୋପର ଯୋଗେ ଝାରସୁଗୁଡ଼ା ନିଆଯିବାର ସମୟ ସ୍ଥିର ହୋଇଛି । ତାଙ୍କ ପୈତୃକ ବାସଭବନରେ ମର ଶରୀର ପହଞ୍ଚିବା ପରେ ଶ୍ରଦ୍ଧାଞ୍ଜଳି ଓ ଶେଷ ସଂସ୍କାର ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

# ବେଲଜିୟମକୁ ହରାଇ ହକି ଚାମ୍ପିୟନ୍ ଟାଇଟଲ ବାଜି ମାରିଲା ଜର୍ମାନୀ



ଭୁବନେଶ୍ୱର,୨୯/୦୧ (ନି.ପ୍ର): ବେଲଜିୟମକୁ ହରାଇ ବାଜି ମାରିଛି ଜର୍ମାନୀ । ଜର୍ମାନୀ ହକି ବିଶ୍ୱକପ୍ ୨୦୨୩ ଚାମ୍ପିଅନ୍ ହୋଇଛି । ଫାଇନାଲରେ ୫-୪ ଗୋଲ୍‌ରେ ବେଲଜିୟମକୁ ପରାସ୍ତ କରି ଜର୍ମାନୀ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ?ରେ ଉଭୟ ଦଳ ୩-୩ ଗୋଲ୍‌ରେ ସୀମିତ ରହିଥିଲେ । ଫଳରେ ଫଳାଫଳ ପାଇଁ ସୁଟଆଉଟ ସହାୟତା ନିଆଯାଇଥିଲା । ଏଥିରେ ଜର୍ମାନୀ ବାଜିମାରିଥିଲା । ଏଥିସହ ଜର୍ମାନି ତୃତୀୟ ଥର ପାଇଁ ବିଶ୍ୱକପ୍ ଟ୍ରଫି ହାସଲ କରିଛି । ଏହା ପୂର୍ବରୁ ୨୦୦୬ ଓ ୨୦୦୨ରେ ଜର୍ମାନି ବିଶ୍ୱ ବିଜେତା ହୋଇଥିଲା । ନିୟମିତ ସମୟରେ ବେଲଜିୟମ ପ୍ରଥମ କ୍ୱାର୍ଟରରେ ଭଲ ପ୍ରଦର୍ଶନ କରିଥିଲା ୯ ଓ ୧୦ ମିନିଟରେ ଲଗାତାର ୨ଟି ଗୋଲ୍ ଦେଇ ୨-୦ ଆଗୁଆ ଥିଲା । କିନ୍ତୁ ଦ୍ୱିତୀୟ କ୍ୱାର୍ଟରର ଶେଷ ସମୟ ବେଳକୁ ଜର୍ମାନି ଏକ ଗୋଲ ଦେଇଥିଲା । ଜର୍ମାନି ୩ୟ ଓ ୪ର୍ଥ କ୍ୱାର୍ଟରେ ଗୋଲ୍ (୪୦ ଓ ୪୭ ମିନିଟ) ଦେଇ ୩-୨ରେ ଅଗ୍ରଣୀ ଥିଲା । କିନ୍ତୁ ବେଲଜିୟମ ୫୮ ମିନିଟରେ ଏକ ଗୋଲ୍ ଦେଇ ସମାନ ସ୍ତରକୁ ଆଣିଥିଲା । ଫଳାଫଳ ନବାହାରିବାରୁ ଶେଷରେ ସୁଟ୍‌ଆଉଟ୍‌ର ସାହାର ନିଆଯାଇଥିଲା । ଏଥିରେ ଜର୍ମାନୀ ବାଜିମାରିଥିଲା ।

# ମନ୍‌କୀ ବାତ୍‌ରେ ଗଣତନ୍ତ୍ରର କଥା କହିଲେ ମୋଦି



ନୂଆଦିଲ୍ଲୀ,୨୯/୦୧ : ଆଜି ମନ କି ବାତ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପୂର୍ବାହ୍ନ ୧୧ଟାରେ ମନ କି ବାତ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନେକ ଦିଗକୁ ପ୍ରଶଂସା କରାଯାଉଛି । ଜାନୁଆରୀ ୨୬ ପରେଡରେ କର୍ତ୍ତବ୍ୟ ପଥ ନିର୍ମାଣ କରୁଥିବା ଶ୍ରମିକଙ୍କୁ ଦେଖି ବହୁତ ଭଲ ଲାଗିଲା । ପ୍ରଥମ ଥର ପାଇଁ ଏହି ପରେଡରେ ଅଂଶଗ୍ରହଣ କରିଥିବା ମହିଳା ଓଟ ଆରୋହୀ ଏବଂ ସିଆରପିଏଫ୍‌ର ମହିଳା କଣ୍ଟିଜେଣ୍ଟ ମଧ ଉଚ୍ଚ ପ୍ରଶଂସିତ ହେଉଛନ୍ତି । ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ର ଏବଂ ଆମେମାନେ ମଧ ଗର୍ବିତ ଯେ ଆମ ଦେଶ ମଧ ଗଣତନ୍ତ୍ରର ଜନନୀ । ଗଣତନ୍ତ୍ର ଆମ ଶିରାରେ, ଏହା ଆମ ସଂସ୍କୃତିରେ ଅଛି । ବର୍ଷ ବର୍ଷ ଧରି ଏହା ଆମର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସ୍ୱଭାବ ଅନୁସାରେ ଆମେ ଏକ ଗଣତାନ୍ତ୍ରିକ ସମାଜ । ପ୍ରଧାନମନ୍ତ୍ରୀ ଆହୁରି ମଧ କହିଛନ୍ତି, ବହୁ ସଂଖ୍ୟକ ପଦ୍ମ ପୁରସ୍କାର ପ୍ରାପ୍ତ ଆଦିବାସୀ ସମ୍ପ୍ରଦାୟ ଏବଂ ଆଦିବାସୀ

▶▶ପୃଷ୍ଠା ୭

# ରଏଟର୍ସର ଚିନ୍ତାଜନକ ଖବର : ସୀମାରେ ସାମରିକ ସ୍ଥିତି ମଜଭୂତ କରୁଛି ଡ୍ରାଗନ



ନୂଆଦିଲ୍ଲୀ,୨୯/୦୧ : ଆଗକୁ ଅଧିକ ଘନେଇପାରେ ଭାରତ-ଚୀନ ସୀମା ବିବାଦ । ରଏଟର୍ସ ରିପୋର୍ଟ ଅନୁସାରେ ସୀମାରେ ଚୀନ ଦ୍ରୁତ ଗତିରେ ନିଜର ସାମରିକ ସ୍ଥିତି ମଜବୁତ କରୁଛି । ତେଣୁ ଆଗାମୀ ଦିନରେ ଚୀନ ଓ ଭାରତୀୟ ସେନା ମଧରେ ବୃଦ୍ଧି ପାଇପାରେ ସଂଘର୍ଷ । ନିକଟରେ ଲଦାଖରେ ବସିଥିଲା 'ସିକ୍ୟୁରିଟି ଇସ୍ୟୁଜ ଫର ଟ୍ରେନିଂ ଲ୍ୟାଣ୍ଡ ବର୍ଡର' ବୈଠକ । ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ମଧ ଉପସ୍ଥିତ ଥିଲେ । ତେବେ ଏହି ବୈଠକରେ ଉପସ୍ଥାନ କରାଯାଇଥିବା ରିପୋର୍ଟ ଆଧାରରେ ଏକଥା କୁହାଯାଇଛି କି ଆଗକୁ ସୀମାରେ ସଂଘର୍ଷ ବୃଦ୍ଧି ହୋଇପାରେ । ସୂଚନା ଅନୁସାରେ ଏଲଏସିରେ କାରାକୋରାମ ଖାଇରୁ ଚୁମୁର ପର୍ଯ୍ୟନ୍ତ ଥିବା ମୋଟ ୬୫ଟି ପାଟ୍ରୋଲିଂ ପଏଂଟରୁ ୨୬ଟି ପଏଣ୍ଟରେ ଭାରତୀୟ ସେନାର ଅନୁପସ୍ଥିତି ଦେଖିବାକୁ ମିଳିଛି । ସେପଟେ ଚୀନ

▶▶ପୃଷ୍ଠା ୭

# ନୀଳପ୍ରଭା ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଓ କବି ଗଂଗାଧର ଦାସଙ୍କ ୭୫ତମ ଜନ୍ମ ଜୟନ୍ତୀ ସମାରୋହ



ନୀଳଗିରି,୨୯/୦୧ (ନି.ପ୍ର): ନୀଳପ୍ରଭା ସାହିତ୍ୟ ପରିଷଦ ତରଫରୁ ତା'ର ୩୦ତମ ବାର୍ଷିକ ଉତ୍ସବ ଓ କବି ଗଂଗାଧର ଦାସଙ୍କ ୭୫ତମ ଜୟନ୍ତି ଉତ୍ସବ ବିରମପୁର ସ୍ଥିତ ଇମ୍ପେରିଆ ଲଂଜଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରାଧାପକ ପ୍ରଶାନ୍ତ ବେହେରା, ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ବକ୍ତା ରବିନାରାୟଣ ଚୌଧୁରୀ, ସମ୍ମାନିତ ବକ୍ତା ମହେଶ୍ୱର ସାହୁ, ଶୁକଦେବ ଦାସ, ପୁରସ୍ତମ ସାହୁ ପ୍ରମୁଖ କବିଙ୍କର ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ତରତରି ବାଳିକା ବିଦ୍ୟାନିକେତନର ୩୦ଜଣ ଛାତ୍ରୀ ଯୋଗ ଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ସେମାନଙ୍କୁ ସଂଗଠନ ତରଫରୁ ପ୍ରମାଣ ପତ୍ର ଦିଆଯାଇଥିଲା । ଦ୍ୱିତୀୟ ଅଧିବେଶନରେ ପୌରହିତ୍ୟ କରିଥିଲେ ଯୋଗେଶ୍ୱର ପ୍ରଧାନ, ମୁଖ୍ୟ ଅତିଥି ପ୍ରଦୀପ୍ତ ପଣ୍ଡା ପୂର୍ବତନ ବିଧାୟକ ନୀଳଗିରି, ମୁଖ୍ୟବକ୍ତା ଭାବେ ସନ୍ତୋଷ ଦାସ ଗଣ ଆନ୍ଦୋଳନର ରାଜ୍ୟ ସଂପାଦକ, ସମ୍ମାନିତ ବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ଔପନ୍ୟାସିକ ସୃଷ୍ଟିଧର ପରିଡା ଓ ଓଡିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ସମ୍ପାଦକ କବି କାଳୀପଦ ପଣ୍ଡା, ବେତନଟୀ ସାହିତ୍ୟ ସଂସଦର ସଂପାଦକ ତଥା କବି ନୀରଦ ସୁନ୍ଦର ଜେନା ଯୋଗ ଦେଇଥିବା ବେଳେ ସଭା ସଂଯୋଜନାରେ ଥିଲେ ଅଧାପକ ପ୍ରଦୀପ କୁମାର ମିଶ୍ର ଓ ସତ୍ୟଭାମା ମୁଦୁଲି ।

▶▶ପୃଷ୍ଠା ୭

# ଲିଙ୍ଗ ନିରୂପଣ ନିୟମ ପାଳନ ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୯/୦୧ (ନି.ପ୍ର): ଜିଲ୍ଲାରେ କନ୍ୟାଭ୍ରୂଣ ହତ୍ୟାକୁ ନିଷେଧ କରିବା ସହ ଲିଙ୍ଗ ଚୟନ ପ୍ରତିଷେଧ ଅଧିନିୟମ ୧୯୯୪ କଡ଼ାକଡ଼ି ଭାବରେ ପାଳନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ପି.ସି.ପି.ଏନ୍.ଡି.ଟି. ଜିଲ୍ଲା ଉପଦେଷ୍ଟା କମିଟି ସଭାରେ ଆଇନ୍‌କୁ କଡ଼ାକଡ଼ି ଭାବରେ ପ୍ରୟୋଗ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ଅଲଟ୍ରାସାଉଣ୍ଡ ହେଉଥିବା ୟୁନିଟ୍‌ଗୁଡ଼ିକ ନିୟମିତ ଯାଂଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଜିଲ୍ଲାରେ ଥିବା ଅଲଟ୍ରା ସାଉଣ୍ଡ ୟୁନିଟ୍‌ଗୁଡ଼ିକର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ପି.ସି.ପି.ଏନ୍.ଡି.ଟି. ଆଇନ୍ ଅନୁଯାୟୀ ଅଲ୍‌ଟ୍ରାସାଉଣ୍ଡ ୟୁନିଟ୍‌ଗୁଡ଼ିକର ପଞ୍ଜିକରଣ ଓ ନବୀକରଣ ଆବେଦନ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ପି.ସି.ପି.ଏନ୍.ଡି.ଟି. କେସ୍ ପରିଚାଳନା ତ୍ୱରାନ୍ୱିତ କରିବା, ଜିଲ୍ଲାର ଯେଉଁ ସ୍ଥାନରେ ଲିଙ୍ଗ ଅନୁପାତ କମ୍ ଅଛି ସେହି ସ୍ଥାନରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଜିଲ୍ଲାପାଳ ଆଦେଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ଅଭିଯୋଗ ବାକ୍ସ ଓ ଦେଓମୁକ୍ତ ନମ୍ବର ଜରିଆରେ ସୂଚନା ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଛି। ଝିଅମାନଙ୍କ ଅଧିକାର ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ଆଗକୁ ଆଗେଇ ଆସିବା ସହ ଲିଙ୍ଗ ନିରୂପଣରେ ସମ୍ପୃକ୍ତ ଦୋଷୀ ବ୍ୟକ୍ତିଙ୍କୁ ଦଣ୍ଡ ଦେବାରେ ସହାୟତା କରିବା ଦିଗରେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଲିଙ୍ଗ ନିରୂପଣ ସମ୍ପର୍କିତ ମାମଲା ପରିଚାଳନା କରୁଥିବା ଏପିପି ମୋନାଲିସା ମିଞ୍ଜଙ୍କ ପ୍ରଶଂସା ମଧ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡାକ୍ତର ସୁପ୍ରଭା ବାରିକ, ଡାକ୍ତର ମହେଶ ମୋହନ ପଣ୍ଡା, ଡାକ୍ତର ହୃଷିକେଶ ଶତପଥୀ, ଡାକ୍ତର ବିଭୁଦତ ମହାନ୍ତି, ସମାଜସେବୀ ରେଣୁ ତିୱାରି, ଗୋବର୍ଦ୍ଧନ ମହାନନ୍ଦ ଓ ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଧମାଳ ମହୋତ୍ସବରେ ୩ବର୍ଷର ଏକ ଶିଶୁକୁ ଉଦ୍ଧାର

କନ୍ଧମାଳ, ୨୯/୦୧ (ନି.ପ୍ର): କନ୍ଧମାଳ ମହୋତ୍ସବରେ ୩ବର୍ଷର ଏକ ଶିଶୁକୁ ଉଦ୍ଧାର ହୋଇଥିବା ଶିଶୁକୁ ଆଜ ଅଧକ୍ଷ ଜିଲ୍ଲା ଶିଶୁମଙ୍ଗଳ କମିଟି ଆଦେଶ ଅନୁସାରେ ମାଆଙ୍କ ସହିତ ପରିବାରକୁ ହସ୍ତାନ୍ତର କରାଯାଇଛି। ସୁଚନା ଅନୁସାରେ ଗତକାଲି କନ୍ଧମାଳ ମହୋତ୍ସବ ପରିସରରେ ୩ରୁ୪ଘଂଟା ଅପେକ୍ଷା ପରେ ଶିଶୁକୁ ଚାଇଲ୍ଡଲାଇନ୍‌କୁ ହସ୍ତଗତ ହୋଇଥିଲା ଓ ଅଧକ୍ଷ ଶିଶୁମଙ୍ଗଳ କମିଟିକୁ ସୁଚନା ପ୍ରଦାନ କରାଯଇ ଅଧକ୍ଷ ଶିଶୁମଙ୍ଗଳ କମିଟିର ମୌଖିକ ଆଦେଶ ଅନୁସାରେ ସାଧନ ଅନୁଷ୍ଠାନରେ ଥଇଥାନ କରାଯାଇଥିଲା। ଏହା ପ୍ରଚାର ପରେ ସାର୍ତାଗୁଡା ସ୍ଥିତ ବୃଦ୍ଧାଶ୍ରମରେ ଆଟେଣ୍ଡାଂଟ ଭାବେ କାମ କରୁଥିବା ସ୍ୱାମି ପରିତ୍ୟକ୍ତା ମହିଳାର ବୋଲି ପରିଚୟ ମିଳିଥିଲା। ଏହାପରେ ଶିଶୁ ଓ ମାଆର ସମସ୍ତ ପ୍ରମାଣପତ୍ର ସଂଗ୍ରହ କରାଯାଇ ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଥିଲା ଓ ଅଧକ୍ଷ ଶିଶୁମଙ୍ଗଳ କମିଟିର ଆଦେଶ ଅନୁସାରେ ହସ୍ତାନ୍ତର କରାଯାଇଥିଲା। ଚାଇଲ୍ଡଲାଇନ୍ ପକ୍ଷରୁ ଟିମ୍ ମେମ୍ବର ଶିବଶଙ୍କର ବେହେରା ଓ ସୌମ୍ୟରଞ୍ଜନ ମିଶ୍ର ଶିଶୁଟିକୁ ଥଇଥାନ ଓ ପରିବାରକୁ ପଠେଇବାରେ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

# ବ୍ରହ୍ମବରଦା ପ୍ରତିଭା ପୂଜା ସଂସଦର ବାର୍ଷିକ ଉତ୍ସବ

ଧର୍ମଶାଳା, ୨୯/୦୧ (ନି.ପ୍ର): ଭାଇଚାରର ଅଂଚଳଭାବେ ବ୍ରହ୍ମବରଦା ବେଶ ପଚିଚିତ। ଏଠାରେ ଦୁଇ ଥର ମୁସଲିମ ସମ୍ମିଳନୀ ଏହାର ଜ୍ୱଳନ୍ତ ଉଦାହରଣ। ପ୍ରତିଭା ସମ୍ମାନ ଉତ୍ସବ ଏକ ନିଆରା କାର୍ଯ୍ୟକ୍ରମ। ଏହି ଉତ୍ସବରେ ଯୁବକ ଓ ବୃଦ୍ଧବୃଦ୍ଧାଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଦୂର ହୋଇଥାଏ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦାଠାରେ 'ପ୍ରତିଭା ପୂଜା ସଂସଦ'ର ୨ୟ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ମାଧବୀଲତା ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଦେବ ପ୍ରକାଶ ସାମଲ, ସାହିତ୍ୟିକ ଓ ସମ୍ଭକାର ମନୋରଂଜନ ମହାନ୍ତି,ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଓ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳର ଅଧ୍ୟକ୍ଷ ସୁଦର୍ଶନ ପୃଷ୍ଟି ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ସଂସଦର ସମ୍ପାଦକ କିଶୋର ଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଂଚଳରୁ ସଫଳତା ପାଇଥିବା ରାଜନୀତି, କୃଷି,ଶିକ୍ଷା,ସ୍ୱାସ୍ଥ୍ୟ ଓ ପ୍ରଶାସନିକ ସେବାକାରୀଙ୍କୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ରହ୍ମବରଦାର ପୂର୍ବତନ ସମିତିସଭ୍ୟ ଅବଦୁଲ ଦୟାନ ଖାଁ,ଅକ୍ତର ହୋସେନ ଖାଁନ,ପଂଚାନନ ରାଉତ,ଅରୁଣ ବେହେରା, ସଂଜୟ କୁମାର ବେହେରା,କାର୍ତ୍ତିକ ଓଝା, ଅମୂଲ୍ୟ ରାଉତ, ପ୍ରତାପ କେଶରୀ ଦେଓ, ସତ୍ୟନନ୍ଦ ରାଉତ ଓ ଜ୍ୟୋତ୍ସ୍ନାମୟୀ ବେହେରାଙ୍କ ସମେତ ପ୍ରତିଭା ପୂଜା ସଂସଦର ସମସ୍ତ ସଭ୍ୟ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳ ଯୁବ ସଂଗଠନ, ସ୍ଥାନୀୟ ଲୋକପ୍ରତିନିଧି, ସାହିତ୍ୟିକ, ଚିକିତ୍ସକ ଓ ଶିକ୍ଷାବିତମାନେ ଉପସ୍ଥିତ ରହିଥିଲେ। ସଂସଦର ବରିଷ୍ଠ ସଭ୍ୟ ହେମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟାନ କୃଷି ଦ୍ୱାରା ଘରେ ଘରେ ପୁଷ୍ଟି ପ୍ରୟାସରେ ଯୋଗଦେଲେ ନରସିଂହ

ବଲାଙ୍ଗିର, ୨୯/୦୧ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ଜିଲ୍ଲା ଉଦ୍ୟାନ କୃଷି ଉଦ୍ୟାନ ବିଭାଗ ଆନୁକୂଲ୍ୟରେ ଘରେ ଘରେ ପୁଷ୍ଟି ପ୍ରୟାସ ରଥର ଆଜି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷିରେ ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ୟୁପି ସ୍କୁଲ ପ୍ରାଙ୍ଗଣରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଦ୍ୱାରା ସ୍ଥାନୀୟ ମହିଳାମାନଙ୍କୁ ବିଧାୟକଙ୍କ ହାତରେ ବିଭିନ୍ନ ପ୍ରକାର ପୁଷ୍ଟିକାରକ ଚାରା ଏବଂ ବିହନ ପ୍ରଦାନ କରାଯାଇଥିଲା। ସରକାରଙ୍କ ପୁଷ୍ଟିହୀନତା ଦୂରୀକରଣ ଯୋଜନାରେ ପୂର୍ବରୁ ଅଙ୍ଗନୱାଡି ମା'ମାନଙ୍କ ଦ୍ୱାରା ଗର୍ଭବତୀ ମହିଳା ଏବଂ ଛୋଟ ଛୋଟ ଶିଶୁମାନଙ୍କୁ ଭିଟାମିନ ବଟିକା ତଥା ପୃଷ୍ଟିକର ଖାଦ୍ୟ ବଂଟନ ହେଉଥିଲା। କିନ୍ତୁ ବର୍ତମାନ ତା' ସହିତ ଉଦ୍ୟାନ କୃଷି ବିଭାଗ ଦ୍ୱାରା ମା'ମାନଙ୍କୁ ବିଭିନ୍ନ ପ୍ରକାର ଚାରା ଯାହାକି ଭବିଷ୍ୟତରେ ପୁଷ୍ଟିକର ଫଳ ଯୋଗାଇଦେବ ଯେତା ଅମୃତଭଣ୍ଡା, ସଜନା, କଦଳି, ଖମ୍ବଆଳୁ ଚାରା, ଲେମ୍ବୁଚାରା ଏବଂ ତା' ସହିତ ବାଇଗଣ, ଭେଣ୍ଡି, ଲଙ୍କା, ବିଲାତି ବାଇଗଣ, କଲତା, ପାଲଙ୍ଗ ପାଇଁ ବିହନ କିଟ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ମିଶ୍ର କହିଥିଲେ ଯେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ଏହା ହେଉଛି ବହୁତ ପୁରୁଣା ବ୍ୟବସ୍ଥା। ବହୁ ପୂର୍ବରୁ ଘରେ ଗର୍ଭବତି ମହିଳାମାନଙ୍କୁ ତଥା ଶିଶୁମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଉଥିଲା। ଯାହାକି ବର୍ତମାନ ସରକାର ବିଭିନ୍ନ ଢଙ୍ଗରେ ନିଜ ପୁଷ୍ଟିକର ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହା ନିହାତି ଭାବରେ ଏକ ସଠିକ୍ ଯୋଜନା କିନ୍ତୁ ଗ୍ରାଉଣ୍ଡ ଜିରୋରେ ଯୋଜନାର କାର୍ଯ୍ୟକାରିତାକୁ ନେଇ କେତେଦୂର ସଫଳ ହେବ ତାହା ମୋ ମନରେ ସନ୍ଦେହ ସୃଷ୍ଟି କରୁଛନ୍ତି। ଏହି ମର୍ମରେ ସେ ଆହୁରି ମଧ କହିଥିଲେ ଯେ କିଟ୍ ବଂଟନ ସମୟରେ ଅଧିକାରୀମାନଙ୍କର ତଥ୍ୟ କହୁଛି ବଲାଙ୍ଗୀର ବ୍ଲକ ହିତାଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ କିଟ୍ ଏବଂ ଚାରା ଲୋଇସିଂହା ବ୍ଲକର ଜାମୁଟାଆ ଗାଁର ମହିଳାଙ୍କୁ ପ୍ରଦାନ କରାଯାଉଛି। ଏହା ଅଧିକାରୀ ଏବଂ ସଂପୃକ୍ତ ହିତାଧିକାରୀ ଉଭୟେ ସ୍ୱୀକାର କରିଛନ୍ତି। ଏଥିରୁ ଅନୁମାନ କରାଯାଇପାରେ ଯେ ଏହି ଯୋଜନାର ରୂପାୟନ ଗ୍ରାଉଣ୍ଡ ଜିରୋରେ କିପରି ରହିଛି। ଆଲୋଚନାବେଳେ ସ୍ଥାନୀୟ ଗ୍ରାମବାସୀମାନେ ଉଦ୍ୟାନ ବିଭାଗର ଅଧିକାରୀ ତଥା ଯୋଜନାଗୁଡ଼ିକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଆଲୋଚନାରୁ ଜଣାଯାଇଥିଲା ଉଦ୍ୟାନ କୃଷି ମାଧମରେ ହେଉଥିବା ଅମଳକୁ ସୁରକ୍ଷିତ ସାଇତି ରଖିବା ପାଇଁ ସରକାରୀ ସ୍ତରରେ ଶିତଳ ଭଣ୍ଡାର କୌଣସି ବ୍ୟବସ୍ଥା ନାହିଁ। ଫଳରେ ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ଘୋଷଣା ଏକ ଫମ୍ପା ଘୋଷଣା ବୋଲି ବିଧାୟକ ଶ୍ରୀ ମିଶ୍ର ନିଜ ପ୍ରତିକ୍ରିୟାରେ କହିଥିଲେ ଏବଂ ତା' ସହିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଜିଲ୍ଲାରେ କୃଷକମାନଙ୍କ ହିତ ପାଇଁ ସରକାରୀ ଶିତଳ ଭଣ୍ଡାରର ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଯାଉ ଏବଂ ତାଙ୍କୁ ଏକ ନକଲ ପ୍ରଦାନ କରାଯିବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତୀତ ବଲାଙ୍ଗୀର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଡା. ଇପ୍‌ସିତା ପାତ୍ର, ଅତିରିକ୍ତ ଜିଲ୍ଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରମୋଦ ସେଠି, ସ୍ଥାନୀୟ ସରପଂଚ ପଙ୍କଜିନି ସାହୁ, ସମିତି ସଭ୍ୟ ସଂଗିତା ପାଣିଗ୍ରାହୀ, ଉପ ଉଦ୍ୟାନ କୃଷି ଅଧିକାରୀ ସୁଶ୍ରୀ ସୁଚିସ୍ମିତା ମେହେର, ଗିତିକ୍ରିଷ୍ଣା ନାଏକ, ସମ୍ବିଧାନ ଭୁଏ, ପ୍ରଜିତା ପୁରୋହିତ, ସ୍ଥାନୀୟ ବୁଦ୍ଧିଜୀବୀ କପିଳେଶ୍ୱର ପାଣିଗ୍ରାହୀ, ସଂକିର୍ତନ ମେହେର, ପ୍ରକାଶ ବରାଇ, ଗୋକୁଳ ବେହେରା, ଲିଙ୍ଗରାଜ ମେହେର, ବଳରାମ ମେହେର, ଦେବ ପ୍ରଧାନଙ୍କ ସମେତ ଆଙ୍ଗନୱାଡ଼ି କର୍ମୀ, ମହିଳା ସ୍ୱୟଂସେବିକା ସଭ୍ୟ ଉପସ୍ଥିତ ଥିଲେ।

# ୨୦୨୪ ନିର୍ବାଚନ ପାଇଁ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ମାନସ ମନ୍ଥନ

କେନ୍ଦ୍ରାପଡ଼ା, ୨୯/୦୧ (ନି.ପ୍ର): ୨୦୨୪ ନିର୍ବାଚନକୁ ମୁକାବିଲା କରିବା ପାଇଁ ଜିଲ୍ଲା ବିଜେପି ଶାଖା ତରଫରୁ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବା ସହ ନିର୍ବାଚନ ବୈତରଣୀ ପାର ହେବା ପାଇଁ କୌଶଳ ସ୍ଥିର କରାଯାଇ ଥିବା ଜଣାପଡିଛି। ଶନିବାର ଗରାପୁର ସ୍ଥିତ ଏକ ମଣ୍ଡପରେ ୫ମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଂପାଦକ ଅମର ନାୟକ, ପୂର୍ବତନ ବିଧାୟକ ଅଲେଖ ଜେନା, ଦୋଳ ଗୋବିନ୍ଦ ନାୟକ, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ତେଜେଶ୍ୱର ପରିଡାଙ୍କ ସମେତ ଦୁର୍ଯ୍ୟୋଧନ ସାହୁ, ସୁନାକାର ବେହେରା, ମାନସ ମହାନ୍ତି, ରାଷ୍ଟ୍ରୀୟ ପରିଷଦ ସଭ୍ୟ ବୈଦନାଥ ଚାଟାର୍ଜୀ ପ୍ରମୁଖ ନେତୃ ମଣ୍ଡଳୀ ଯୋଗ ଦେଇ ସ୍ୱାଧିନତା ପରବର୍ତୀ କେନ୍ଦ୍ରାପଡା ଜିଲା ନିରନ୍ତର ଭାବେ ଅଣ କଂଗ୍ରେସ ଗଡ ଭାବେ ଅଭିହିତ ହୋଇ ଆସିଅଛି। ଜିଲ୍ଲାରୁ ପ୍ରଥମ ଥର ବିଜୟୀ ହୋଇ ବିଜୁବାବୁ ପରବର୍ତି ସମୟରେ ପ୍ରବାଦ ପୁରୁଷ ଆଖ୍ୟା ପାଇଛନ୍ତି। ଜିଲ୍ଲାରେ ଦୁଇ ମନ୍ତ୍ରୀ ସମସ୍ତ ବିଧାୟକ, ସାଂସଦ ବିଜେଡି ଦଳର ହୋଇଥିଲେ ମଧ ଶିଳ୍ପ ଶୁନ୍ୟ, ସମ୍ବଳ ଶୂନ୍ୟ କେନ୍ଦ୍ରାପଡା ଜିଲ୍ଲାର ଯୁବକ ଆଜି ଭିଟାମାଟି ଛାଡି ବିଦେଶରେ ଦାଦନ ଖଟୁଥିବା ଉପସ୍ଥିତ ଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାର କୃଷକ ମାନଙ୍କ ନାନାବିଧି ସମସ୍ୟା, ଜଳ ସେଚନ, ଜଳ ନିଷ୍କାସନ, ଧାନ ମଣ୍ଡି ଗୁଡିକୁ ସୁବ୍ୟବସ୍ଥିତ କରିବା, ଚାଷୀ ଶସ୍ୟର ପ୍ରକୃତ ମୂଲ୍ୟ ପାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବା, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା, କାଲି ପଡିଥିବା ଶିକ୍ଷକ, ଅଧାପକ, ଡାକ୍ତର ପଦବୀ ପୁରଣ ଆଦି ବିଷୟରେ ଦାବି ଉପସ୍ଥାପନା କରିବା ସହ ଚର୍ତୁଦଶ ଓ ପଂଚଦଶ ଅର୍ଥ କମିଶନରେ ବ୍ୟାପକ ଦୁର୍ନିତି ଓ ଅନିୟମିତତା ବିରୋଧରେ ବିଜେପି ଆଗାମୀ ଦିନରେ ପ୍ରତ୍ୟେକ ସ୍ତରରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ଉପସ୍ଥିତ ଥିବା ବକ୍ତାମାନେ ମତବକ୍ତ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶଶାଙ୍କ ଶେଖର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲାର ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ କାର୍ଯ୍ୟକ୍ରମ ବିବରଣୀ ପାଠ, ଉପ ସଭାପତି ଉପୀନ ରାଉତ ଓ ଗଗନ ବିହାରୀ ସାହୁ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପିର ବହୁ ସଂଖ୍ୟକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଗସ୍ତରେ ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ସାଂସଦ ଅପରାଜିତା

କେନ୍ଦ୍ରାପଡ଼ା, ୨୯/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବୋକ୍ତା ଆନ୍ତର୍ଜାତୀୟ ସାଂସଦ ପରିଷଦର କାର୍ଯ୍ୟକାରୀ ସଦସ୍ୟା ତଥା ପ୍ରଭାବଶାଳୀ ସାଂସଦ ଅପରାଜିତା ଷଡଙ୍ଗୀ ଶନିବାର କେନ୍ଦ୍ରାପଡା ଗସ୍ତରେ ଆସି ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀରେ ଗସ୍ତର ଉଦ୍ଦେଶ୍ୟ ପ୍ରକାଶ କରିବା ସହ ଜିଲ୍ଲାର ସାମୁହିକ ବିକାଶ ଉପରେ ପ୍ରଶ୍ନ କରିଥିଲେ। ତେବେ ଏହି ଗସ୍ତକୁ ନେଇ ବିଜେପିର ଜିଲ୍ଲା ସଂଗଠନରେ ଥିବା ଆଭ୍ୟନ୍ତରୀଣ ଅବ୍ୟବସ୍ଥା ପଦାରେ ପଡି ଯାଇଥିବା ଆଲୋଚନା ଜୋର ଧରିଛି। ଗୋଟିଏ ଦିନରେ ଜଣେ ପ୍ରଭାବଶାଳୀ ସାଂସଦଙ୍କ ଜିଲ୍ଲା ଗସ୍ତ ଓ ଅପରପକ୍ଷରେ ସେହିଦିନ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ହେବା ଫଳରେ ଅପରାଜିତାଙ୍କ ଗସ୍ତକୁ ନେଇ ବିଜେପି ଯେଉଁ ରାଜନୈତିକ ଲାଭ ହାସଲ କରିଥାନ୍ତା ତାହା ଆଭ୍ୟନ୍ତରୀଣ ଅବ୍ୟବସ୍ଥା ଯୋଗୁଁ ହାସଲ ହୋଇପାରି ନାହିଁ। ଏହାକୁ ନେଇ ଜିଲ୍ଲାରେ ବିଜେପି ଚାରି ଗୋଷ୍ଠୀରେ ଭାଗ ହୋଇଥିବା ସ୍ପଷ୍ଟ ବାରିହୋଇ ପଡିଛି। ଆଜି ଦିନ ପ୍ରାୟ ୧୨ଟା ସମୟରେ ସାଂସଦ ଶ୍ରୀମତୀ ଷଡଙ୍ଗୀ ଚକ୍ଖୋଳ ଠାରେ ପହଁଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇ କେନ୍ଦ୍ରାପଡା ଅଭିମୁଖେ ପ୍ରସ୍ଥାନ କରାଯାଇ ଥିଲା। ସହରର ମୁଖ୍ୟ ଦ୍ୱାରା ତିନିମୁହାଣୀ ଠାରେ ଦଳୀୟ କର୍ମୀ, ଶୁଭେଚ୍ଛୁ ଓ ସମର୍ଥକ ମାନଙ୍କ ଦ୍ୱାରା ବିପୁଳ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀମତୀ ଷଡଙ୍ଗୀ ଏକ ବିରାଟ ପଟୁଆରରେ ପଦଯାତ୍ରା କରି ପ୍ରାୟ ୫ କିମି ବାଟ କେଶପୁର ବଜାର ଠାରେ ପହଁଚି ଥିଲେ। ସହରର ବିଭିନ୍ନ ଛକ ଓ ବଜାର ମାନଙ୍କରେ ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ଶ୍ରୀ ବଳଦେବଜୀଉଙ୍କ ଦର୍ଶନ ପରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡାର ବିକାଶ ପାଇଁ ଉପଯୁକ୍ତ ଯତ୍ନ ନିଆଯାଇ ନଥିବା ଅଭିଯୋଗ କରିଥିଲେ। ଜିଲ୍ଲାର ୬୫ ଭାଗ ଚାଷ ଜମିକୁ ଏପର୍ଯ୍ୟନ୍ତ ଜଳ ସେଚନ କରାଯାଇ ନଥିବା ବେଳେ ଭିତରକନିକା ଜାତୀୟ ଅଭୟାରଣ୍ୟ ବୀଶ୍ୱ ପର୍ଯ୍ୟଟନ ଦରବାର ରେ ସ୍ଥାନ ପାଇ ନଥିବାରୁ ନିଯୁକ୍ତି ହ୍ରାସ ପାଉଛି ବୋଲି ଅବିଯୋଗ କରିଥିଲେ। ଏହା ସହ ହରିଦାସପୁର-ପାରାଦ୍ୱୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ ଖୁବଶିଘ୍ର ଚାଲିବାର ଦିଆଯାଇ ଥିବା ପ୍ରତିଶୃତିକୁ ଦୋହରାଇ ଥିଲେ। ପାରାଦ୍ୱୀପ ବନ୍ଦର ସିଏସଆର ଫଣ୍ଡ ଜିଲ୍ଲାପାଇଁ ବିନିଯୋଗ ହୋଇପାରୁ ନଥିବା ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତି ଅଭାବରୁ ଜିଲ୍ଲାର ବିକାଶ ବାଧା ପାଉଥିବା ସୂଚନା ଦେଇଥିଲେ। ଶ୍ରୀ ବଳଦେବଜୀଉ ମନ୍ଦିରର ଉନ୍ନତି ପାଇଁ ଆସିଥିବା ୧୨କୋଟି ଟଙ୍କାରୁ ଏପର୍ଯ୍ୟନ୍ତ ୧୦କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନଥିବା ଅଭିଯୋଗ କରିବା ସହ ଏ ଦିଗରେ ରାଜ୍ୟ ସରକାର ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ନିକୁଞ୍ଜ କିଶୋର ପଟ୍ଟନାୟକ, ଜୀବନ କୁମାର ସାହୁ, ନଗର ସଭାପତି ଦିଲୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପିର କୌଣସି ପ୍ରମୁଖ ନେତା ଉପସ୍ଥିତ ନଥିବାରୁ ସାଂଗଠନିକ ଦୁର୍ବଳତା ଓ ଅବ୍ୟବସ୍ଥା ବାରିହୋଇ ପଡିଥିଲା।

# ନିଜ ପୈତୃକ ସମ୍ପତ୍ତିରୁ ଭୂମିହୀନ ପରିବାରକୁ ଘରଡିହ ଜମି ପ୍ରଦାନ କଲେ ଅତିରିକ୍ତ ଜିଲ୍ଲାପାଳ

ମାଲକାନଗିରି, ୨୯/୦୧ (ନି.ପ୍ର): ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳଙ୍କ ବଦାନ୍ୟତା। ଭୂମିହୀନଙ୍କୁ ନିଜ ପୈତୃକ ସମ୍ପତିରୁ ଜମି ଦାନ କଲେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ। ରାୟଗଡା ଜିଲ୍ଲା କାଶିପୁର ତହସିଲର ଡଙ୍ଗାସିଲ ଗାଁର୧୫ ହରିଜନ ପରିବାରକୁ ୨ ଡେସିମିଲ ଘରଡିହ ଜମି ଦାନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ। କାଶିପୁର ତହସିଲକୁ ଯାଇ ଦାନପତ୍ର ସ୍ୱାକ୍ଷରିତ କରି୧୫ ପରିବାରକୁ ଜମି ହସ୍ତାନ୍ତର କରିଛନ୍ତି ମହେଶ୍ୱର। ଗତ ଡିସେମ୍ବର ମାସ ୨୮ତାରିଖରେ ପ୍ରଥମେ ଡଙ୍ଗାସିଲ ଗାଁର ୧୫ ପରିବାରକୁ ୨ ଡେସିମିଲ ଲେଖାଏଁ ଘରବାରୀ ଜମି ଦାନ କରିଥିଲେ ମହେଶ୍ୱର। ଏବେ ପୁଣି ୧୫ ପରିବାରକୁ ଘରଡିହ ଜମି ପ୍ରଦାନ କରିଛନ୍ତି। ଡଙ୍ଗାସିଲ ଗାଁର ଏହି ୩୦ଟି ପରିବାରର ନିଜସ୍ୱ ଜମି ନଥିବାରୁ ଆବାସ ଯୋଜନାରେ ଘର ପାଇବାରୁ ବଂଚିତ ହୋଇଥିଲେ। ଏବେ ଅତିରିକ୍ତ ଜିଲ୍ଲାପାଳ ଘରଡିହ ଜମି ଦାନ ପରେ ଆବାସ ଯୋଜନାରେ ଘର ପାଇବା ସହଜ ହେବ। ୧୯୮୫ରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ବାପା କବିସୂର୍ଯ୍ୟ ନାୟକ ଏମାନଙ୍କୁ ଜମି ଦେଇ ଥଇଥାନ କରିଥିଲେ। ଏବେ ମହେଶ୍ୱର ଜମିକୁ ହସ୍ତାନ୍ତର କରି ନିଜ ବାପାଙ୍କ ଇଚ୍ଛାକୁ ପୂରଣ କରିଛନ୍ତି।

## ଭୁବନ ବ୍ଲକ ଜିଲ୍ଲାସ୍ତରୀୟ ଫୁଟବଲ ଟ୍ରଫି ବିଜେତା

ଭୁବନ, ୨୯/୦୧ (ନି.ପ୍ର): ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟରେ ଭୁବନ ବ୍ଲକ ବିଜେତା ହୋଇଛି। ଓଡ଼ାପଡ଼ା ବ୍ଲକକୁ ପେନାଲଟି ସଟ ଜରିଆରେ ପରାସ୍ତ କରି ଭୁବନ ଟାଇଟେଲ ହାସଲ କରିଥିଲା। ଜିଲ୍ଲାପାଳ ସରୋଜ କୁମାର ସେଠୀ ଏଥିନିମନ୍ତେ ବିଜେତା ଭୁବନ ବ୍ଲକକୁ ଟ୍ରଫି ସହ ୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଭୁବନ ବିଡିଓ କଲ୍ୟାଣ ସୌରଭ ଦାଶଙ୍କ ସହିତ ଏଡିଏମ୍, ପିଡି ଡିଆର୍‌ଡିଏ, ଆଡିସିନାଲ ପିଡି, ଓଡ଼ାପଡ଼ା ଏବଂ ସଦର ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

# ଜରିପାଲ କୁଡ଼ିଆରେ କଟୁଛି ଜୀବନ: ସରକାରୀ ଯୋଜନା ଅପହଂଚ

ରାଉରକେଲା, ୨୯/୦୧ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ସତ୍ୱେ ଆଜି ବି ଅନେକ ଗରିବ ଯୋଗ୍ୟ ହିତାଧିକାରୀ ଏହାର ସୁଫଳ ପାଇବାରୁ ବଂଚିତ ରହିଛନ୍ତି। ଶାସନ କ୍ଷମତାରେ ବସିଥିବା ଦଳ, ନେତା ପ୍ରଚାର ସର୍ବସ୍ୱ ରାଜନୀତିରେ ବୁଡି ରହିଥିବା ବେଳେ ଗାଁ ବସ୍ତିରେ ରହୁଥିବା ସଂଖ୍ୟା ବହୁଳ ଲୋକେ ଆଜି ବି ରାସନ କାର୍ଡ ଖଣ୍ଡେ ହେଉ କି ବାର୍ଦ୍ଧକ୍ୟ ଭତା ବା ପକ୍କା ଘର ଖଣ୍ଡେ ପାଇଁ ନେହୁରା ହେବା ସାର ହୋଇଛି। ବହୁ ସାମାଜିକ କର୍ମୀଙ୍କ ଚେଷ୍ଟା ସତ୍ୱେ ଏମାନଙ୍କ ସ୍ୱପ୍ନ ସାକାର ହୋଇ ପାରୁନି। ଏଭଳି କିଛି କାରଣ ତଥା ଅବହେଳା ପାଇଁ ଅନେକ ନିରୀହ ବସ୍ତି ବାସିନ୍ଦାଙ୍କ ଜୀବନ କିଭଳି ଦୁର୍ବିସହ ପାଲଟିଛି ତାର ଏକ ନିଛକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦକ୍ଷିଣ ରାଉରକେଲାର ବ୍ରିଟାନିଆ କଲୋନୀରେ। ଏହି ବସ୍ତିରେ ରହନ୍ତି ସୋନୁ ଜୋଜ (୬୩), ପତ୍ନୀ ଉଷା (୬୧) ଓ ଏକମାତ୍ର ରୋଗୀଣା ପୁଅ ସଞ୍ଜୟ (୩୩)। ଉଭୟ ପତି ପତ୍ନୀ ଓ ପୁଅ ବିଭିନ୍ନ ରୋଗରେ ଆକ୍ରାନ୍ତ। ସୋନୁ ଚେୟାର ଖଣ୍ଡେ ଧରି ଚଲା ବୁଲା କରୁଥିବା ବେଳେ ପତ୍ନୀ ଉଷା ଘୋଷାଡ଼ି ହୋଇ ଘର କାମ କରନ୍ତି। ଆଣ୍ଠୁ ଗଣ୍ଠି ବାତ ତାଙ୍କୁ ଏକ ପ୍ରକାର ଅଚଳ କରି ପକାଇଛି। ବେମାରିଆ ପୁଅଟି କେବେ କେମିତି ମୁଲ ମଜୁରୀ ପାଇଲେ ପରିବାର ଗଣ୍ଡେ ଭଲରେ ଖାଆନ୍ତି ନହେଲେ ନାହିଁ। ଘର ବୋଇଲେ ଚିରାଫଟା ଲୁଗା ଘେରା ପାଚେରୀ ଆଉ ଦୁଇ ଖଣ୍ଡ ଆଜବେଷ୍ଟସ। ଏମିତି ଅବସ୍ଥାରେ ନା ଏମାନଙ୍କୁ ମିଳିଛି ଖଣ୍ଡେ ରାସନ କାର୍ଡ ନା ବାର୍ଦ୍ଧକ୍ୟ ଭତା। ଆବାସ ମିଳିବା ତ ସ୍ୱପ୍ନ। କାରଣ ଏହି ଅଂଚଳଟି ନା ପଂଚାୟତରେ ଅନ୍ତର୍ଭୁକ୍ତ ହୋଇପାରିଛି ନା ମହାନଗରରେ ମିଶି ପାରିଛି। ଶିଳ୍ପାଂଚଳ ଭିତରେ ରହିଥିବାରୁ ଏସବୁ ଅଂଚଳର ଅନେକ ଗରିବ ବସ୍ତି ବାସିନ୍ଦା ସରକାରୀ ଯୋଜନାରୁ ବଂଚିତ ରହି ଏକ ପ୍ରକାର ଅଭିଶପ୍ତ ଜୀବନ କାଟୁଛନ୍ତି। କାଗଜ ପତ୍ର ଅଭାବରୁ ସୋନୁଙ୍କ ପରିବାରର କେହି ସଦସ୍ୟ ଆଧାର କାର୍ଡ ଖଣ୍ଡେ ପାଇ ପାରୁ ନାହାଁନ୍ତି।

# ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କନ୍ଧମାଳ, ୨୯/୦୧ (ନି.ପ୍ର): ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପୁରୁଷୋତମ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମକୁ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ଅଧକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ, ପୁରୀ, ଉଦଘାଟନ କରିବା ସହ ମାର୍ଗଦର୍ଶନ କରିଥିଲେ। ସାମ୍ପ୍ରତିକ ସମୟରେ ଶିଶୁ ବିଦ୍ୟାମନ୍ଦିର ମାଧମରେ ଛାତ୍ରମାନେ ଭବିଷ୍ୟତ କର୍ଣ୍ଣଧାର ହୋଇ ଦେଶକୁ ପରମ ବୈଭବଶାଳୀ କରିବାରେ ସକ୍ଷମ ହୋଇପାରିବେ ବୋଲି ସେ କହିଥିଲେ। ବାଲିଗୁଡା ନିର୍ବାଚନ ମଣ୍ଡଳୀର ବିଧାୟକ ଚକ୍ରମଣି କହଁର ଯୋଗଦେଇ ଶିଶୁ ମନ୍ଦିରର ପରିଚାଳନାରେ ଆବଶ୍ୟକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ସହ ଅଧିକାରୀ ସାଂଗୁଡା ରୂପା ମାଝି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦଣ୍ଡସେନା, ତୁମୁଡିବନ୍ଧ ସରପଂଚ ପ୍ରିୟଙ୍କା ପତ୍ରା, ସମିତି ସଦସ୍ୟା ଶ୍ରୀମତୀ ସୁଭଦ୍ରା ବେହେରଦଳାଇ, ଉପଦେଷ୍ଟା ତଥା ବୁଦ୍ଧିଜୀବୀ ଲକ୍ଷ୍ମୀଧର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ ମଂଚାସୀନ ଅତିଥି ମାନଙ୍କର ପରିଚୟ ଦେବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଶ୍ରୀ ଧଳଙ୍କ ରଚିତ ସ୍ୱାଗତ ସଂଗୀତ ସମସ୍ତଙ୍କ ମନ ମୋହିନେଇଥିଲା ବେଳେ ତାଙ୍କ ଦ୍ୱାରା ରଚିତ ଦୁଇଟି ଶିଶୁ ଗଳ୍ପ ପିଲାଙ୍କ କାହାଣୀ ମୁଣି (ଭାଗ ଏକ ଓ ଦୁଇ) ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସମ୍ପାଦକ ହୀରାଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଆଚାର୍ଯ୍ୟା ସସ୍ମିତା ପଣ୍ଡା, ମାତୃଭାରତୀର କୋଷାଧ୍ୟକ୍ଷ ମଧୁସ୍ମିତା ବେହେରା, କନ୍ୟାଶ୍ରମର ଆଚାର୍ଯ୍ୟା ରଶ୍ମି ମେହେର ମଂଚ ପରିଚାଳନା କରିଥିଲେ। କନ୍ୟାଶ୍ରମର ଛାତ୍ରୀ ଏବଂ ପୂର୍ବ ଛାତ୍ରୀ ସହ ବିଦ୍ୟାଳୟର ସମସ୍ତ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ନାୟକ, ପୁଷ୍ପଲତା ନାୟକ, ଜ୍ୟୋତିର୍ମୟୀ କହଁର, କେତକୀ ନାୟକ, ପ୍ରମୋଦ ନାୟକ ପ୍ରଭୃତି ଗୁରୁଜୀ ଗୁରୁମାଙ୍କ ସହ ଉପଦେଷ୍ଟା ରାମକୃଷ୍ଣ ପାଢ଼ୀ, ଉପ ସଭାପତି ପ୍ରସନ୍ନ ସାହୁ, ସହ ସମ୍ପାଦକ ମୁରଲୀଧର ମହାପାତ୍ର, କୋଷାଧକ୍ଷ ବିଶ୍ୱନାଥ ସାହୁ, ସଦସ୍ୟ ସୁଶାନ୍ତ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବେଣୁଧର ମାଝୀ, ଶରତ ଚନ୍ଦ୍ର ସାହୁ, କୈଳାଶ ଚନ୍ଦ୍ର ପାଢ଼ୀ, ଚନ୍ଦ୍ରମଣି ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, ଉମାକାନ୍ତ ପାତ୍ର, ଅରୁଣ ପଟ୍ଟନାୟକ, ବାବୁଲି ପାତ୍ର, ପ୍ରଶାନ୍ତ କୁମାର ସାହୁ, ଯୋଗେନ୍ଦ୍ର ଦୀକ୍ଷିତ, ଦୁର୍ଯ୍ୟୋଧନ ସାହୁ, ସୁମନ କୁମାର ନାୟକ, ସଞ୍ଜୟ କୁମାର ସାହୁ, ମାଧବ ଭାଇ, ବଙ୍ଗାଳିଭାଇ, ପ୍ରମୋଦ ବସନ୍ତିଆ, ବିଭୁତି ଭୂଷଣ ମଲ୍ଲିକ, ମୋତିରାମ ନାୟକ, ବିବଚ୍ଛ ପରିଚ୍ଛା ପ୍ରଭୃତି ସକ୍ରିୟ ସହଯୋଗ କରିଥିଲେ। ମାତୃ ଭାରତୀର ସଭାପତି ସ୍ୱାଗତିକା ସାହୁ, ସମ୍ପାଦକ ପ୍ରଶାନ୍ତି ସାହୁ, ସଦସ୍ୟା ବିଷ୍ଣୁପ୍ରିୟା ସାହୁ, ମାମି ପାଢ଼ୀ, ସୁଜାତା ସାହୁ ପ୍ରମୁଖ ବେଶଭୁଶାରେ ସହଯୋଗ କରିଥିଲେ।

# ସ୍ୱର୍ଗଠାରୁ କିଛି କମ୍ ନୁହେଁ ଏହି ସବୁ ବିଳାସପୂର୍ଣ୍ଣ ହୋଟେଲ୍

ଦେଶବିଦେଶରେ ଭ୍ରମଣ କରିବା, ବିଳାସପୂର୍ଣ୍ଣ ହୋଟେଲ୍‌ରେ ରହିବା ଲାଗି ସମସ୍ତଙ୍କ ମନରେ ଇଚ୍ଛା ଥାଏ। ଆଜି ଆପଣଙ୍କୁ ଏପରି କିଛି ହୋଟେଲ୍ ବିଷୟରେ କହିବୁ ଯାହା କୌଣସି ସ୍ୱର୍ଗଠାରୁ କମ୍ ନୁହେଁ। ଏହାକୁ ଦେଖିଲା ପରେ ସେହି ସ୍ଥାନକୁ ଯିବାକୁ ଆପଣଙ୍କୁ ନିଶ୍ଚୟ ଇଚ୍ଛା ହେବ।





♦ ଏହା ହେଉଛି ମାଳଦ୍ୱୀପର ରେଙ୍ଗାଲି ଆଇସ୍‌ଲ୍ୟାଣ୍ଡରେ ତିଆରି ହୋଇଥିବା କେନରାଡ୍ ହୋଟେଲ୍। ଏହା ସମୁଦ୍ର ଭିତରେ ରହିଛି। ଏହା ଏଭଳି କୌଶଳରେ ନିର୍ମିତ ହୋଇଛି ଯେ, ହୋଟେଲ୍ ଭିତରୁ ଚାରିପାଖକୁ ଦେଖିଲେ ଆପଣଙ୍କୁ ସମୁଦ୍ରର ସୁନ୍ଦର ମାଛ ଦେଖାଯିବ।

♦ ପାହାଡ଼ ଉପରେ ତିଆରି ହୋଇଛି ସ୍ୱିଜରଲ୍ୟାଣ୍ଡର ଇଷ୍ଟର କ୍ଲିଫ୍ ହୋଟେଲ୍। ଏହା ଦେଖିବାକୁ ବହୁତ ସୁନ୍ଦର। ଏହା ଏପରି ତିଆରି ହୋଇଛି ଯେ, ସେଠାକୁ ଗଲେ ଆପଣ ଏକ ନୂଆ ଏବଂ ଅଲଗା ଦୁନିଆରେ ପହଞ୍ଚିଲା ପରି ଅନୁଭବ କରିବେ ।

♦ ଫ୍ରାନ୍ସର ଏଟ୍ରୋପ୍ ରିଭ୍ସ ହୋଟେଲ୍ ପ୍ରକୃତିର କୋଳରେ ତିଆରି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ହୋଟେଲ୍‌ର ଚାରିପାଖରେ ବରଫ ଢାଙ୍କି ହୋଇ ରହିଛି। ପ୍ରକୃତିର ଏହି ସୌନ୍ଦର୍ଯ୍ୟ ଦେଖି ଆପଣ ବି ଭାବିବେ ସତରେ କ'ଣ ଏପରି ଜାଗା ରହିଛି।

♦ ଏହା ହେଉଛି ଇଟାଲିର ରେଷ୍ଟୁରାଣ୍ଟ ଗ୍ରୋଟା ହୋଟେଲ୍। ଏହା ପାହାଡ଼ରେ ଥିବା ଏକ ଗୁମ୍ଫାରେ ତିଆରି ହୋଇଛି। ସନ୍ଧ୍ୟାବେଳେ ଏହି ହୋଟେଲ୍ ଦେଖିବାକୁ ବହୁତ ସୁନ୍ଦର ଲାଗିଥାଏ। ଏହି ଜାଗାକୁ ଆପଣ ଗଲେ ସ୍ୱର୍ଗରେ ପହଞ୍ଚିଗଲା ପରି ଅନୁଭବ କରିବେ।

♦ ଥାଇଲ୍ୟାଣ୍ଡର ରୟାଦି କରାବିରେ ତିଆରି ହୋଇଥିବା ଏହି ହୋଟେଲ୍ ଗ୍ରୋଟା ହୋଟେଲ୍ ଭଳି ଗୁମ୍ଫାରେ ରହିଛି। ଗ୍ରୋଟା ହୋଟେଲ୍ ଏବଂ ଏହି ହୋଟେଲ୍ ଭିତରେ କେବଳ ଏହି ଫରକ୍ ଯେ, ଏହା ସମୁଦ୍ର ତଟରେ ରହିଛି।

♦ ଜଙ୍ଗଲ ମଝିରେ ତିଆରି ହୋଇଥିବା ଏହି ହୋଟେଲ୍ ପ୍ରକୃତି ପ୍ରେମୀଙ୍କୁ ଖୁବ୍ ଭଲ ଲାଗିଥାଏ।







ଏହି ହୋଟେଲ୍‌ର ନାମ ପଞ୍ଚୋରନ ରିଟ୍ରିଟ୍ ରିସୋର୍ଟ। ଏହା ଇଣ୍ଡୋନେସିଆର ଏକ ଦ୍ୱୀପରେ ରହିଛି।

♦ ଫିଲିପିନ୍ସରେ ଥିବା ଏହି ହୋଟେଲ୍ ?ର ନାମ ଭିଲ୍ଲା ଏସ୍କୋଡେରୋ ରେଷ୍ଟୁରାଣ୍ଟ। ଏହିଠାରେ ଥିବା ଝରଣା ପୁରାପୁରି ଅସଲି। ଏଠାରେ ପର୍ଯ୍ୟଟକଙ୍କ ରହିବା ପାଇଁ ସବୁ ସୁବିଧା ରହିଛି।

# ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୂର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ।



ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ତା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ।

ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ।

ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।

# ଖରାରେ ବୁଲି ଟ୍ୟାନ୍ ହୋଇ ଯାଇଥିଲେ ମୁହଁରେ ଲଗାନ୍ତୁ ଆଲୋବେରା: ପୁଣି ଥରେ ଚମକିଯିବ ତ୍ୱଚା



ଆମେ ନିଜର ତ୍ୱଚା ଓ କେଶକୁ ସୁସ୍ଥ ରଖିବାକୁ ବିଭିନ୍ନ ପ୍ରକାରର ରସାୟନିକ ପଦାର୍ଥ ବ୍ୟବହାର କରିଥାନ୍ତି। ହେଲେ ଏପରି କିଛି ପ୍ରାକୃତିକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆମେ ଅତୁଟ ସୌନ୍ଦର୍ଯ୍ୟ ପାଇପାରିବା। ଆଲୋବେରାକୁ ଆପଣ ଯଦି ଯାଦୁକରୀ ଉଦ୍ଭିଦ ବୋଲି କହିବେ ତାହାଲେ ବି ଭୁଲ୍ ହେବ ନାହିଁ। କାହିଁକି ନା, ଏହି ଗୋଟାଏ ଜିନିଷ ଅନେକ କାମରେ ଆସିଥାଏ। ଆଲୋବେରାକୁ ଆପଣ ତ୍ୱଚା, କେଶ ସହ ଶରୀରରେ ହୋଇଥିବା ଖଣ୍ଡିଆ ସ୍ଥାନରେ ବି ବ୍ୟବହାର କରିପାରିବେ। ଛୋଟ ଧରଣର ଖଣ୍ଡିଆ କିମ୍ବା ପୋଡ଼ା ସ୍ଥାନରେ ଆଲୋବେରା ଲଗାଇ ଉପଶମ ପାଇହେବ। ଯଦି ଆପଣ ଗୋଟାଏ ଗଛରୁ ଅନେକ ପ୍ରକାରର ସୁବିଧା ପାଇବା ପାଇଁ ଇଚ୍ଛୁକ ତେବେ ଆଲୋବେରା ନିଜ ଘର ଛାତରେ କିମ୍ବା ବାଡ଼ିରେ ନିଶ୍ଚୟ ଲଗାନ୍ତୁ। ଚିନ୍ତା କରନ୍ତୁ ନାହିଁ, ଯଦି ଆପଣଙ୍କ ଘରେ ଆଲୋବେରା ଗଛ ଉପଲବ୍ଧ ନାହିଁ ତେବେ ବଜାରରୁ ମିଳୁଥିବା ଆଲୋବେରା ଜେଲ୍ କିଣି ଆଣିପାରିବେ। ଆଲୋବେରାକୁ ଆପଣ ଜୁସ୍ କରି ପିଇପାରିବେ। ଏହାକୁ ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଆର୍ଦ୍ରତା ଠିକ୍ ଭାବେ ବଜାୟ ରହିବା ସହ କୋଷ୍ଠକାଠିନ୍ୟ ଓ ପେଟ ଜନିତ ଅନେକ ରୋଗ ଭଲ ହୋଇଯିବ। ଆଲୋବେରା ଜେଲ୍‌ରେ ପାଟି କୁଳି କରନ୍ତୁ। ଏହା ମାଉଥ୍ ୱାସ୍‌ର କାମ ଦେବ। ଖରାରେ ବୁଲି ତ୍ୱଚା ଟ୍ୟାନ୍ ହୋଇ ଯାଇଥିଲେ ମୁହଁରେ ଦୈନିକ ଆଲୋବେରା ଘଷନ୍ତୁ। ଦେଖିବେ କିଛି ଦିନ ଭିତରେ ମୁହଁ ଉଜ୍ଜ୍ୱଳ ଦିଶିବ। ଥ୍ରେଡିଂ କିମ୍ବା ୱାକ୍‌ସିଂ ପରେ ଆଲୋବେରାକୁ ସେହି ସ୍ଥାନରେ ଲଗାନ୍ତୁ। ତ୍ୱଚା ଆଉ ଜଳିବ ନାହିଁ। ଏହାକୁ କେଶ ମୂଳରେ ଲଗାଇଲେ କେଶ ସବଳ ହେବା ସହ ଝଡ଼ିବା ମଧ୍ୟ କମ୍ ହୋଇଥାଏ। ମେକ୍‌ଅପ୍ ଛଡ଼ାଇବା ପାଇଁ ମଧ୍ୟ ଆପଣ ଆଲୋବେରା ବ୍ୟବହାର କରିପାରିବେ।

# ଚିଙ୍ଗୁଡ଼ି ଡାଲମା

**ଆବଶ୍ୟକୀୟ ସାମଗ୍ରୀ:**

ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ୍, ରସୁଣ, ଅଦା, ପଞ୍ଚ ଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନ, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**



ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତୁ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ୍ୟ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ।



**କଦଳୀ:** କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ। କଦଳୀରେ ଫାଇବର ମଧ୍ୟ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ୍ୟ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ।





**ପତ୍ର ଯୁକ୍ତ ଖାଦ୍ୟ ତଥା ଶାଗ:** ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଶାଗ ତଥା ପତ୍ରଯୁକ୍ତ ଖାଦ୍ୟରେ ପୋଟାସିଅମ ଭରପୁରା ମାତ୍ରାରେ ରହିଛି। ବିଶେଷକରି ପାଳଙ୍ଗକୁ ଡାଏଟରେ ସାମିଲ କରିବା ଉଚିତ ବୋଲି ଅନେକ ବିଶେଷଜ୍ଞ ପରାମର୍ଶ ଦେଇଥାନ୍ତି।

**ଦହି:** ଦହି କ୍ୟାଲସିୟମ ଏବଂ ପୋଟାସିୟମର ଏକ ଉତ୍ତମ ଉତ୍ସ । ଏହା ଆପଣଙ୍କ ଅନ୍ତନଳୀକୁ ସୁସ୍ଥ ରଖିଥାଏ। ଉଚ୍ଚ ରକ୍ତଚାପ ଥିବା ଲୋକଙ୍କ ପାଇଁ ଦହି ଏକ ଭଲ ଖାଦ୍ୟ। ବଜାରରେ ମିଳୁଥିବା ଦହି ତଥା ମିଠା ଦହି ଅପେକ୍ଷା ଘରେ ପ୍ରସ୍ତୁତ କରି ଦହି ଖାଇବା ଉଚିତ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୩୦ ଜାନୁଆରୀ ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗାନ୍ଧୀଙ୍କ ନୀତି...

କ୍ଷମତାର ମୋହ ବର୍ତ୍ତମାନ ସମୟର ରାଜନୀତିର ଏକ ବିଶେଷତ୍ୱ ବା ହଲ୍‌ମାର୍କ୍ ହୋଇଥିବା ବେଳେ ଏବଂ ସମଗ୍ର ବିଶ୍ୱ ଯେତେବେଳେ ବେଲଗାମ୍ ରାଜନେତା, ଦାୟିତ୍ୱହୀନ ଇଚ୍ଛାକାଂକ୍ଷା ଏବଂ ଅନୈତିକ ଦୂରଦୃଷ୍ଟିହୀନତାରେ ଭରପୂର, ସେତିକି ବେଳେ ଏସବୁ ମଧ୍ୟରେ ଯେଉଁ ରାଜନେତ୍ରୀ ଜଣକ ପ୍ରକାଣ୍ଡ ବ୍ୟକ୍ତିତ୍ୱ ସହିତ ନିଜର ଉପସ୍ଥିତିକୁ ଜାହିର କରନ୍ତି, ସେ ହେଉଛନ୍ତି ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଜାସିନ୍ଦା ଆର୍ଡର୍ଣ୍ଣ । ଗାନ୍ଧୀ ନୀତିରେ ଦୃଢ଼ ଆସ୍ଥା ରଖୁଥିବା ଏହି ଶ୍ରମିକ ଦଳର ନେତ୍ରୀ ମାତ୍ର ୩୭ ବର୍ଷ ବୟସରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ପଦରେ ଆସୀନା ହୋଇଥିଲେ ୨୦୧୭ରେ, ଆଉ ଏବେ ହାରାହାରି ଛଅ ବର୍ଷ ପରେ ସେ ନିଜର ପଦତ୍ୟାଗ କରିବାକୁ ଯାଉଛନ୍ତି । ଜାସିନ୍ଦା କ୍ଷମତାକୁ ଆସିଥିଲେ ଏକ 'ରୂପାନ୍ତରଣକାରୀ ପରିବର୍ତ୍ତନ'ର ପ୍ରତିଶ୍ରୁତି ପ୍ରଦାନ କରି । ପରନ୍ତୁ, ପାଂଚ ମିଲିଅନ୍ ଜନତାଙ୍କ ନେତ୍ରୀ ଭାବରେ କ୍ଷମତାସୀନ ହେବା ପରେ ତାଙ୍କ ସମ୍ମୁଖରେ ଉଭା ହୋଇଥିଲା ଗୋଟିଏ ପରେ ଗୋଟିଏ ଆହ୍ୱାନ- ଦେଶର ଇତିହାସରେ ସର୍ବକାଳୀନ ମର୍ମନ୍ତୁଦ ଘଟଣା ଭାବରେ ଲିପିବଦ୍ଧ ହୋଇଥିବା ୨୦୧୯ର ଅତି କଦର୍ଯ୍ୟ ଖ୍ରୀଷ୍ଟଚର୍ଚ୍ଚ ଆତଙ୍କବାଦୀ ଆକ୍ରମଣ ଘଟଣା, ଯାହା ୫୧ଜଣ ଲୋକଙ୍କ ପ୍ରାଣ ନେଇଥିଲା, ତା' ପରେ ୨୦ଜଣ ଲୋକଙ୍କ ଜୀବନ ନେଇଥିବା ହ୍ୱାଇଟ୍ ଦ୍ୱୀପପୁଞ୍ଜର ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ, ଆଉ ଠିକ୍ ତା' ପରେ ପରେ ଜନଜୀବନକୁ ଏକ ପ୍ରକାର ପଙ୍ଗୁ କରି ଦେଇଥିବା ସାଂଘାତିକ କୋଭିଡ୍ ମହାମାରୀ । ଏସବୁ ବିପଦକୁ ଦକ୍ଷତାକୁ ସହିତ ପରିଚାଳନା କରିବା ବେଳେ ସୁଶ୍ରୀ ଆର୍ଡେର୍ଣ୍ଣ ସହାନୁଭୂତି ଏବଂ ନୈତିକ ମୂଲ୍ୟବୋଧରେ ନିହିତ ଥିବା ଏକ ନେତୃତ୍ୱର ନମୁନା ଛାଡ଼ି ଯାଇଛନ୍ତି- ବିଶେଷକରି ଯେଉଁଭଳି ଭାବରେ ସେ ଖ୍ରୀଷ୍ଟଚର୍ଚ୍ଚ ଘଟଣାକୁ ପରିଚାଳନା କରିଥିଲେ, ତାହା ଅବଶ୍ୟ ଦୃଷ୍ଟାନ୍ତଯୋଗ୍ୟ । ମହାମାରୀ କୋଭିଡ୍‌ର ପରିଚାଳନା ପ୍ରତି ତାଙ୍କର ଆଭିମୁଖ୍ୟ ପ୍ରାରମ୍ଭରେ ଲୋକପ୍ରିୟ ଥିଲା, ଯାହା ତାଙ୍କ ଦଳ ଲେବର ପାର୍ଟିକୁ ୨୦୨୦ ବ୍ୟବସ୍ଥାପିକା ସଭା ପାଇଁ ନିର୍ବାଚନରେ ବିପୁଳ ବିଜୟ ଆଣି ଦେଇଥିଲା । ଏହି ମହାମାରୀରେ ନ୍ୟୁଜିଲ୍ୟାଣ୍ଡର ମୁଣ୍ଡପିଛା ମୃତ୍ୟୁ ହାର ସମଗ୍ର ବିକଶିତ ବିଶ୍ୱ ମଧ୍ୟରେ ସର୍ବନିମ୍ନ ଥିଲା । ଜାସିନ୍ଦା ଭାରତର ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଜଣେ ସଚ୍ଚା ଅନୁଗାମିନୀ ଥିଲେ ବୋଲି କହିବା କ୍ୱଚିତ୍ ଅସମୀଚୀନ ହେବ । ସେ ଗାନ୍ଧିଜୀଙ୍କ ଅହିଂସା, ସାଧୁତା ଏବଂ ସମାବେଶୀ ନୀତିରେ ଦୃଢ଼ ଆସ୍ଥା ରଖୁଥିଲେ- ଆଉ ସେଥିପାଇଁ ସେ ଏକ ନିଜସ୍ୱ ସହାନୁଭୂତିପୂର୍ଣ୍ଣ ଶୈଳୀର ଛାପ ବହନ କରୁଥିଲେ, ଯାହା ଦୁର୍ବଳତାର ନୁହେଁ, ବରଂ ପ୍ରଭୁତ ଶକ୍ତିର ପ୍ରଦର୍ଶନ ଥିଲା । ସେଥିପାଇଁ ସେ ଏବେ ନିଜର ଇସ୍ତଫା କଥା ଯେଉଁଭଳି ଢଙ୍ଗରେ ଘୋଷଣା କଲେ- ଯେ ତାଙ୍କ ପାଇଁ ଆଉ ଏହି ଶୀର୍ଷସ୍ଥାନୀୟ କାର୍ଯ୍ୟାଳୟରେ 'ବିଶେଷ କିଛି କରିବାର ନାହିଁ' ତାହା ମଧ୍ୟ ତାଙ୍କ ପାଇଁ ଅର୍ଜନ କରିଛି ଅଜସ୍ର ପ୍ରଶଂସା, କାରଣ ଏହି ଘୋଷଣା ତାଙ୍କ ଏମିତି ଏକ ବିଶ୍ୱରେ ସ୍ୱତନ୍ତ୍ର ଭାବରେ ଉପସ୍ଥାପିତ କରଛି, ଯେଉଁଠି ଅଧିକାଂଶ ନେତା ଏତେ ସହଜରେ କ୍ଷମତାକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ତାଙ୍କ ପରେ ଏବେ ତାଙ୍କ କ୍ୟାବିନେଟ୍‌ରେ କୋଭିଡ୍ ପ୍ରତିକ୍ରିୟା ମନ୍ତ୍ରୀ ତଥା ଜଣେ ବିପଦ ଭଞ୍ଜନକାରୀ ଭାବରେ କାର୍ଯ୍ୟ କରିଥିବା କ୍ରିସ୍ ହିପ୍‌କିନ୍‌ସ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବାକୁ ଯାଉଥିବା ବେଳେ ୨୦୨୩ ନିର୍ବାଚନରେ ଲେବର ଦଳର ନେତୃତ୍ୱ ନେବେ । ଗୋଟିଏ ପଟେ ଜାସିନ୍ଦାଙ୍କ ନେତୃତ୍ୱ ନେବାର ଶୈଳୀ ସମଗ୍ର ବିଶ୍ୱରେ ବ୍ୟାପକ ଭାବରେ, ବିଶେଷକରି ଉଦାରବାଦୀମାନଙ୍କ ଦ୍ୱାରା ପ୍ରଶଂସିତ ହେଉଥିବା ବେଳେ ତାଙ୍କ ବିଦାୟ ଅବସରରେ ତାଙ୍କ ଦ୍ୱାରା ପ୍ରଦତ୍ତ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକର ତର୍ଜମା କରାଯିବାର ମଧ୍ୟ ଏକ ଆବଶ୍ୟକତା ରହିଛି । ସୂଚାଇ ଦିଆଯାଇପାରେ କି, ନ୍ୟୁଜିଲ୍ୟାଣ୍ଡ ହେଉଛି ବିଶ୍ୱର ସର୍ବାଧିକ ବ୍ୟୟବହୁଳ ରାଷ୍ଟ୍ର । ଏଠାରେ ବାସ କରିବା ଅତ୍ୟନ୍ତ କଷ୍ଟକର । ପୁଣି ଏଠାକାର ଏକ ବଡ଼ ସମସ୍ୟା ହେଉଛି ବାସଗୃହ । ନିର୍ବାଚନରେ ବିଜୟ ଲାଭ କଲେ ଦେଶର ଲୋକମାନଙ୍କ ପାଇଁ ୧ ଲକ୍ଷ ସୁଲଭ ମୂଲ୍ୟର ଗୃହ ନିର୍ମାଣ କରିବାକୁ ୨୦୧୭ରେ ଜାସିନ୍ଦା ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବିଗତ ପାଞ୍ଚ ବର୍ଷ ଭିତରେ ଏହା ମାତ୍ର କେତେକାଂଶରେ ପୂରଣ ହୋଇଛି । ବାସଗୃହର ମୂଲ୍ୟ ଅତ୍ୟଧିକ ଉଚ୍ଚ ରହିଥିବା ବେଳେ ଦେଶର ମୁଦ୍ରାସ୍ଫୀତି ମଧ୍ୟ ଅଧିକ ରହିଛି ।

# ସାମ୍ପ୍ରତିକ ସମୟରେ ବାଣିଜ୍ୟ ଶିକ୍ଷା



ଶ୍ରୀବତ୍ସ ନାୟକ

**ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ଏକ ଦେଶର ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ପାଇଁ ବାଣିଜ୍ୟ ଶିକ୍ଷା ର ଗୁରୁତ୍ୱ ନିଶ୍ଚିତ ଅଛି । ଯଦିଓ ଓଡ଼ିଶାରେ କଳା ଓ ବିଜ୍ଞାନ ଷ୍ଟ୍ରିମ ଅପେକ୍ଷା ବାଣିଜ୍ୟରେ ଖୁବ କମ ସଂଖ୍ୟକ ଛାତ୍ର ଛାତ୍ରୀ ଅଛନ୍ତି କିନ୍ତୁ ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ସମୟ ପରିବର୍ତ୍ତନ ସହ ଧୀରେ ଧୀରେ ବାଣିଜ୍ୟ ଶିକ୍ଷାର ଚାହିଦା ବଢ଼ି ବଢ଼ି ଚାଲିଛି । ଏହି ଶିକ୍ଷାର ଗୁରୁତ୍ୱ କୁ ଅନୁଭବ କରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଛନ୍ତି ଫଳରେ ଏହାର ପ୍ରଚାର ପ୍ରସାର ହେବାରେ ଲାଗିଛି ।**

ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ । ସାମ୍ପ୍ରତିକ ପରିସ୍ଥିତି ରେ ବିଜ୍ଞାନ ର ପ୍ରଚାର ପ୍ରସାର ତଥା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବହୁଳମାତ୍ରାରେ ଦେଖିବାକୁ ମିଳୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ବାଣିଜ୍ୟ, ଇତ୍ୟାଦି କ୍ଷେତ୍ରରେ ଏହାର ପ୍ରୟୋଗାତ୍ମକ ଚିତ୍ର ଦେଖିବା ପାଇଁ ମିଳୁଛି । ଆଧୁନିକତାର ସ୍ପର୍ଶରେ ଆମେ ବିଜ୍ଞାନ ଯୁଗର ଗ୍ରାହକ ବନିଗଲେଣି କିନ୍ତୁ ଏ ସବୁ ସତ୍ତ୍ୱେ ବି ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ ବି କିଛି କମ୍ ନୁହେଁ। ଯେ କୌଣସି ରାଷ୍ଟ୍ରର ବିକାଶ ପାଇଁ ସୁଦୃଢ଼ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ଭାରତର ଅଭିବୃଦ୍ଧି, ବିକାଶ କ୍ଷେତ୍ରରେ ଭାରତ ସରକାର ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ପରିବର୍ତ୍ତିତ ବିଶ୍ୱରେ ତିଷ୍ଠି ରହିବା ପାଇଁ ହେଲେ ଶିକ୍ଷା ସର୍ବୋତ୍କୃଷ୍ଟ ମାର୍ଗ ବୋଲି ହୃଦୟଙ୍ଗମ କରି, ଭାରତ କାହିଁକି ପ୍ରତ୍ୟେକ ଦେଶ ନିଜର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରିଥାନ୍ତି । ଆମ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାଟି ହେଉଛି ପ୍ରମୁଖ ଶୃଙ୍ଖଳିତ ବ୍ୟବସ୍ଥା । ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସମୟ ସହ ତାଳ ଦେଇ ଭାରତ ତାର ଶିକ୍ଷା ବ୍ୟବସ୍ଥାଟି ପ୍ରଚଳନ କରିଆସୁଛି । ଅଧୁନା ଭାରତରେ କଳା, ବିଜ୍ଞାନ ଓ ବାଣିଜ୍ୟ ନାମରେ ୩ଗୋଟି ପ୍ରମୁଖ ବିଭାଗ ପ୍ରଚଳିତ ହେଉଅଛି । ତନ୍ମଧ୍ୟରୁ ବାଣିଜ୍ୟ ଶିକ୍ଷା ଅନ୍ୟତମ।ବାଣିଜ୍ୟ ଶିକ୍ଷାର ପରିଚୟ ୧୮୮୬ ମସିହାରେ ରେ ଅନୁଷ୍ଠିତ ହୋଇଥିଲା। ଭାରତରେ ବାଣିଜ୍ୟ ଶିକ୍ଷା ଆରମ୍ଭ କରିବା କ୍ଷେତ୍ରରେ ମାଡ୍ରାସ୍ ଥିଲା ପ୍ରଥମ । ୧୯୧୩ ମସିହାରେ ପ୍ରଥମ ବାଣିଜ୍ୟ କଲେଜ ପ୍ରତିଷ୍ଠା ହେଲା ଏବଂ ସ୍ନାତକୋତ୍ତର ବାଣିଜ୍ୟ (ବି.କମ୍) ପାଠ୍ୟକ୍ରମ ଆରମ୍ଭ ହେଲା । ସମାନ ଭାବରେ ୧୯୨୫ରେ ମାଷ୍ଟର ଅଫ୍ କମର୍ସ (ଏମ.କମ୍) ପରିଚିତ ହେଲା । କ୍ରମାଗତ ଭାବରେ ଅନେକ ବୃତ୍ତିଗତ ଅନୁଷ୍ଠାନ ଯେପରିକି ଭାରତୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍, ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଏବଂ ୱର୍କସ ଆକାଉଣ୍ଟାଣ୍ଟସ୍, ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ??ଆକାଉଣ୍ଟାଣ୍ଟସ୍ ଦେଶ ମାଧ୍ୟମରେ ବାଣିଜ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା କରାଯାଇଥିଲା। ୧୯୫୨ ମସିହାରେ ମାଧ୍ୟମିକ ଶିକ୍ଷା ଆୟୋଗ ବାଣିଜ୍ୟକୁ ମାଧ୍ୟମିକ ବିଦ୍ୟାଳୟ ସ୍ତରର ଏକ ମୁଖ୍ୟ ସ୍ରୋତ ଭାବରେ ଅନ୍ତର୍ଭୁକ୍ତ କରିବାକୁ ସୁପାରିଶ କରିଥିଲା । ବାଣିଜ୍ୟ ଶିକ୍ଷା ଆରମ୍ଭରେ ଏକ ସ୍ଥିର ଅଭିବୃଦ୍ଧି ଘଟିଥିଲା କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ (୧୯୨୦-୧୯୪୦) ଭାରତ ବାଣିଜ୍ୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ଦ୍ରୁତ ଅଭିବୃଦ୍ଧିର ସାକ୍ଷୀ ରହିଲା । ଦିନକୁ ଦିନ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ଏବଂ ଗତ ବର୍ଷ ତୁଳନାରେ ବାଣିଜ୍ୟ ଶିକ୍ଷା ପାଇଁ ନାମ ଲେଖାଇଥିବା ଛାତ୍ର ସଂଖ୍ୟା ବୃଦ୍ଧି ପାଉଛି। ଅତୀତରେ ପାରମ୍ପାରିକ ଶିକ୍ଷା ବ୍ୟବସ୍ଥା ଜାରି ରହିଥିଲା ? କିନ୍ତୁ ସମୟ ବଦଳି ଯାଇଛି । ସମ୍ପ୍ରତି ଭାରତର ଶିକ୍ଷା ବ୍ୟବସ୍ଥାରେ ବାଣିଜ୍ୟ ସମସ୍ତଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ରୋତ ଅଟେ । ବାଣିଜ୍ୟରେ ଅନେକ ଶାଖା ଅଛି ଯେପରିକି ବାଣିଜ୍ୟ, ପରିବହନ, ଗୋଦାମ, ବୀମା, ବ୍ୟାଙ୍କିଙ୍ଗ, ବିଜ୍ଞାପନ ଇତ୍ୟାଦି । ଛାତ୍ର ଛାତ୍ରୀମାନେ ସେମାନଙ୍କ ପ୍ରତିଭା ଦେଖାଇବା ପାଇଁ ଏକାଧିକ ସେକ୍ଟରରେ ନିୟୋଜିତ ହୋଇପାରିବେ।

ଉଚ୍ଚ ଜନସଂଖ୍ୟାର ଦେଶ ଭାରତରେ ଦିନକୁ ଦିନ ଜନସଂଖ୍ୟା ବିସ୍ଫୋରଣ ହେବାରେ ଲାଗିଛି । ଅନୁରୂପ ଭାବେ ବିଶ୍ୱର ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଜାତିସଂଘର ଆକଳନ ଅନୁସାରେ ୨୦୨୫ ମସିହା ବେଳକୁ ବିଶ୍ୱର ଜନସଂଖ୍ୟା ୮୦୦ କୋଟି ପାର ହୋଇଯିବ। ଯଦି ଏହା ସତ୍ୟ ପ୍ରମାଣିତ ହୁଏ ତେବେ ବିଶାଳ ଜନ ସମୁଦ୍ରକୁ ମୌଳିକ ଆବଶ୍ୟକତା ଯୋଗାଇବା ଏକ କଷ୍ଟସାଧ୍ୟ ବ୍ୟାପାର ହେବ । ଜନସାଧାରଣ ମାନଙ୍କୁ ମୌଳିକ ସୁବିଧା ଯୋଗାଇ ସେମାନଙ୍କର ଜୀବନ ଧାରଣର ମାନ ରେ ଉନ୍ନତି ଆଣିବା ପାଇଁ ବାଣିଜ୍ୟ ଶିକ୍ଷା ଗୁରୁତ୍ୱ ପ୍ରଦାନ କରିଥାଏ।

ବାଣିଜ୍ୟ ଶିକ୍ଷା ଏହାର ସମସ୍ତ ପ୍ରକାଶନରେ ବ୍ୟବସାୟ ଏବଂ ବାଣିଜ୍ୟ ଜଗତର ଅଭିଜ୍ଞତାକୁ ପହଞ୍ଚାଇଥାଏ । ଏହା ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ କୌଶଳ ହାସଲ କରିବାରେ ସାହାଯ୍ୟ କରେ ଯାହା ସେମାନଙ୍କୁ ବ୍ୟବସାୟର ବିଭିନ୍ନ କାର୍ଯ୍ୟକ୍ଷମ କ୍ଷେତ୍ରରେ ସାହାଯ୍ୟ କରିଥାଏ। ପୋଷ୍ଟ ଉଦାରବାଦୀ ଯୁଗରେ ବାଣିଜ୍ୟ ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇଗଲା ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଶିକ୍ଷା ମାଧ୍ୟମରେ ସମସ୍ତେ ବ୍ୟବସାୟିକ ପରିବେଶର ସମ୍ମୁଖୀନ ହୋଇଥିଲେ । ବାଣିଜ୍ୟରେ ଭଲ ଏବଂ ସେବା ବିନିମୟ ସହିତ ଜଡିତ ସେହି ସମସ୍ତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ସ୍ଥାନ, ସମୟ, ସୂଚନା, ବିପଦ, ଅର୍ଥ, ବ୍ୟକ୍ତି ଇତ୍ୟାଦି ବିଭିନ୍ନ ପ୍ରତିବନ୍ଧକକୁ ହଟାଇବା ଏହି ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । (ଉଦାରୀକରଣ, ଘରୋଇକରଣ, ଏକୀକରଣ), ଏହା ଆଧୁନିକ ପ୍ରତିଯୋଗିତାମୂଳକ ବ୍ୟବସାୟ ଜଗତରେ ବଞ୍ଚିବା ପାଇଁ ଏକ ଚ୍ୟାଲେଞ୍ଜକୁ ବାରଣ କରେ । ଯାହାଫଳରେ ବଜାରରେ ସଂଗଠନକୁ ବଜାୟ ରଖିବା ପାଇଁ ଛାତ୍ରମାନଙ୍କ ମଧ୍ୟରେ ବାଣିଜ୍ୟ ଶିକ୍ଷାର ଆବଶ୍ୟକତା ଅଛି ।ବାଣିଜ୍ୟ ଶିକ୍ଷା ବିଭିନ୍ନ ବିଷୟକୁ ଅନ୍ତର୍ଭୁକ୍ତ କରେ ଯାହା ଟିକସ, ଅର୍ଥ, ବ୍ୟାଙ୍କିଙ୍ଗ, ବଣିକ ଏଜେଣ୍ଟ, ଅର୍ଥ, ମାର୍କେଟିଂ, ପରିଚାଳନା, ଅଡିଟ୍, ପରିବହନ, ବିଜ୍ଞାପନ, ଆନ୍ତର୍ଜାତୀୟ ବାଣିଜ୍ୟ, ଗୋଦାମ, ବୀମା, ଆକାଉଣ୍ଟାଣ୍ଟି, ଆଇନ, ଅର୍ଥନୀତି, ପରିସଂଖ୍ୟାନ ଇତ୍ୟାଦି ଟେକ୍ନୋଲୋଜିର ବିସ୍ଫୋରଣ ହେତୁ ମନୁଷ୍ୟର ପ୍ରତ୍ୟେକ କ୍ଷେତ୍ର ପ୍ରଭାବିତ ହେଲା । ଆଜିକାଲି ବ୍ୟବସାୟ ସଂଗଠନର କ୍ରୋଧିତ ଜଟିଳତା ଛାତ୍ରମାନଙ୍କୁ ବାଣିଜ୍ୟ ଶିକ୍ଷା ସହିତ ବାର୍ତ୍ତାଳାପ କରିବା ବାଧ୍ୟତାମୂଳକ କରିବ ।ବାଣିଜ୍ୟ ଶିକ୍ଷା ପ୍ରକୃତରେ ସମସ୍ତଙ୍କ ମଧ୍ୟରେ ସବୁବେଳେ ସବୁଜ ଏବଂ ଗତିଶୀଳ ଅନୁଶାସନ । ଦ୍ରୁତ ପରିବର୍ତ୍ତନ ଏବଂ ବୈଷୟିକ ଯୁଗ ସହିତ ଏହାର ଆମଦାନୀ ଦିନକୁ ଦିନ ବୃଦ୍ଧି ପାଉଛି । ଯେହେତୁ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ମଧ୍ୟରୁ ଗୋଟିଏ ତେଣୁ ବାଣିଜ୍ୟର ଶିକ୍ଷାକୁ ପୁନଃ ସଂଗଠିତ କଲେ ଦେଶ ଓ ଜାତିର ବିକାଶ ହେବ। ଖଚଏ ର ପରିଚୟ ବାଣିଜ୍ୟ, ଶିଳ୍ପ, ବଜାର ଏବଂ ବ୍ୟବସାୟର ବିଭିନ୍ନ ଦିଗ ଶିଖିବା ବାଧ୍ୟତାମୂଳକ କଲା । ସାମ୍ପ୍ରତିକ ସମୟରେ ଉଭୟ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ସ୍ତରରେ ବାଣିଜ୍ୟ ଶିକ୍ଷାର ଭୂମିକା ବୃଦ୍ଧି ପାଉଛି ।

ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ଏକ ଦେଶର ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ପାଇଁ ବାଣିଜ୍ୟ ଶିକ୍ଷା ର ଗୁରୁତ୍ୱ ନିଶ୍ଚିତ ଅଛି । ଯଦିଓ ଓଡ଼ିଶାରେ କଳା ଓ ବିଜ୍ଞାନ ଷ୍ଟ୍ରିମ ଅପେକ୍ଷା ବାଣିଜ୍ୟରେ ଖୁବ କମ ସଂଖ୍ୟକ ଛାତ୍ର ଛାତ୍ରୀ ଅଛନ୍ତି କିନ୍ତୁ ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ସମୟ ପରିବର୍ତ୍ତନ ସହ ଧୀରେ ଧୀରେ ବାଣିଜ୍ୟ ଶିକ୍ଷାର ଚାହିଦା ବଢ଼ି ବଢ଼ି ଚାଲିଛି । ଏହି ଶିକ୍ଷାର ଗୁରୁତ୍ୱ କୁ ଅନୁଭବ କରି ରାଜ୍ୟ ସରକାର ମଧ୍ୟ ବିଭିନ୍ନ ପ୍ରକାରର ପଦକ୍ଷେପ ନେଉଛନ୍ତି ଫଳରେ ଏହାର ପ୍ରଚାର ପ୍ରସାର ହେବାରେ ଲାଗିଛି । ବିକଶିତ ଦେଶ ଗୁଡ଼ିକ ରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଆମ ରାଜ୍ୟରେ ପ୍ରୟୋଗ କରାଯାଉଛି ।


ଅଧ୍ୟାପକ, ବାଣିଜ୍ୟ ବିଭାଗ।
ମୋ: ୯୪୩୮୦୭୦୮୪୯


# ଜିଲ୍ଲାରେ ଅତିଥିର ଅଭାବ



ସୁବ୍ରତ କର

**ଗୋଟାଏ ଗୋଟାଏ ସଭା ସମିତିରେ ୧୦-୧୨ ଜଣଙ୍କଠୁ ମଧ୍ୟ ବେଶି ଅତିଥି ଆସନ ଗ୍ରହଣ କରିଥାଆନ୍ତି । କିଛି ଅତିଥି ନିଜର ଦକ୍ଷତା ଅନୁସାରେ ଆସନ ପାଇଥାଆନ୍ତି ଆଉ କିଛି ପଇସା ଖର୍ଚ୍ଚ ଏବଂ ଖୋସାମୋଦ କରି ଆସନ ପାଇଥାଆନ୍ତି ।**

ଆମ ସହର ବାଲେଶ୍ୱର ଏବେ ଉତ୍ସବମୁଖର । ସାରା ମାସ ପର୍ବ ପର୍ବାଣୀରେ ଭରପୂର । ଖୋଲା ପଡ଼ିଆର ଅଭାବ, ଅଡିଟୋରିଏମ୍‌ର ଅଭାବ ଏବଂ ତା' ସହିତ ଅତିଥିର ମଧ୍ୟ ଅଭାବ । ପ୍ରତି ଦିନ ସକାଳୁ ସାରା ରାତି ପାଇଁ ମଧ୍ୟ କିଛି ନା କିଛି ଉତ୍ସବର ଆୟୋଜନ କରାହୋଇଛି । କୋର୍ଟର ଅର୍ଡରକୁ ମାନିବାର ପ୍ରଶ୍ନ ଉଠୁନାହିଁ । ରାତି ଦଶ ପରେ ମଧ୍ୟ ସବୁ ପ୍ରକାରର କାର୍ଯ୍ୟକ୍ରମ ଚାଲିଛି । ଏହାର ମୂଳ କାରଣ ଗତ ଦୁଇବର୍ଷ ହେବ କୋଭିଡ ପାଇଁ ସବୁ ବନ୍ଦ ଥିଲା । ଏ ବର୍ଷ କୋଭିଡ୍ ପ୍ରାୟ ନାହିଁ ତା'ଛଡ଼ା ସରକାରଙ୍କ ତରଫରୁ ମଧ୍ୟ ସେମିତି କିଛି ବାଧା ଦିଆହୋଇନାହିଁ । ସବୁ ଠିକ୍‌ଠାକ୍, ସବୁ ଭଲ । ଏମିତିକି ଗୋଟାଏ ଗୋଟାଏ ଦିନରେ ଛୋଟ, ବଡ଼ ମିଶି ୩୦-୪୦ କାର୍ଯ୍ୟକ୍ରମ ଚାଲିଛି । ଏହା ମଧ୍ୟରେ ସରସ୍ୱତୀ ପୂଜା, ସାଧାରଣତନ୍ତ୍ର ଦିବସ ଏବଂ ଅନେକ ସରକାରୀ କାର୍ଯ୍ୟକ୍ରମ ମଧ୍ୟ ରହିଛି । ପଦ୍ମଶ୍ରୀ ମେଳା, ଶିଳ୍ପ ମେଳା, କୌଣସି ମେଳା, ଚାନ୍ଦିପୁର ବିଚ ଫେଷ୍ଟିଭେଲ, ରୋଟାରୀର ଫ୍ଲାୱାର ଶୋ ଏବଂ ସବୁଠୁ ଚଳ ଚଞ୍ଚଳ ଫକୀରମୋହନ ଇଉନୀଭରସିଟି ଏବଂ ଫକୀର ମୋହନଙ୍କ ଜନ୍ମସ୍ଥାନ ଶାନ୍ତିକାନନ । ଛୋଟ ଛୋଟ କାର୍ଯ୍ୟକ୍ରମ ମଧ୍ୟରେ ପ୍ରାୟ ଜିଲ୍ଲାର ସବୁ କଲେଜ ଏବଂ ସ୍କୁଲର ଖେଳ ଦିବସ ଏବଂ ବାର୍ଷିକ ଉତ୍ସବ । ଏହି ସମୟରେ (ଶୀତୁଆ ଦିନ ଏବଂ ରାତିରେ) ସମସ୍ତେ ଏହାକୁ ଆନନ୍ଦର ସହିତ ଉପଭୋଗ କରିଛନ୍ତି ଏବଂ ଭାଗିଦାର ମଧ୍ୟ ହୋଇଥାଆନ୍ତି । ସମସ୍ତଙ୍କର କାର୍ଯ୍ୟ ସହିତ ଆନନ୍ଦ ଉପଭୋଗ କରିବା ଦରକାର ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି । ଏହା ସାଙ୍ଗରେ ଯେତେ ପ୍ରକାରର ଭୋଜି ଭାତ, ପିକ୍‌ନିକ୍ । ଏହା ପ୍ରାୟ ଚାଲିବ ଫେବୃଆରୀ ମାସର ଅଧା ପର୍ଯ୍ୟନ୍ତ । ପରେ ସୂର୍ଯ୍ୟ ଦେବତାଙ୍କ ପ୍ରକୋପ ଧିରେ ଧିରେ ବଡ଼ ଏବଂ ପ୍ରକୃତି ମଧ୍ୟ ସାଥ ଦେଇ ନଥାଏ ।

ଏହି ସବୁ କାର୍ଯ୍ୟକ୍ରମ ପାଇ (ଛୋଟ ହେଉ ବା ବଡ଼ ହେଉ) ଅତିଥିର ଆବଶ୍ୟକତା ପଡ଼ିଥାଏ । ବିଶେଷ କରି ଜିଲ୍ଲା ପ୍ରଶାସନର ଅଧିକାରୀମାନେ, ସାହିତ୍ୟିକ, ସାମ୍ବାଦିକ ଏବଂ ସହରର ବିଶିଷ୍ଟ ଲୋକଙ୍କ ଚାହିଦା ବହୁତ ବଢ଼ିଯାଏ । ଦିନେ ଦିନେ ଜଣେ ଜଣଙ୍କର ଖବରକାଗଜ ମାନଙ୍କରେ ତିନି ଚାରୋଟି କାର୍ଯ୍ୟକ୍ରମର ଫଟୋ ଏବଂ ଖବର ବାହାରିଥାଏ । ଗୋଟାଏ ଗୋଟାଏ ସଭା ସମିତିରେ ୧୦-୧୨ ଜଣଙ୍କଠୁ ମଧ୍ୟ ବେଶି ଅତିଥି ଆସନ ଗ୍ରହଣ କରିଥାଆନ୍ତି । କିଛି ଅତିଥି ନିଜର ଦକ୍ଷତା ଅନୁସାରେ ଆସନ ପାଇଥାଆନ୍ତି ଆଉ କିଛି ପଇସା ଖର୍ଚ୍ଚ ଏବଂ ଖୋସାମୋଦ କରି ଆସନ ପାଇଥାଆନ୍ତି । ପରଦିନ ପୁଣି ଖୋସାମଦ କରିବାକୁ ପଡ଼େ ଖବର କାଗଜର ରିପୋର୍ଟର ଏବଂ ସେମାନଙ୍କ ମୁଖିଆମାନଙ୍କୁ ଖବର ଯେମିତି ଠିକ୍‌ସେ ବାହାରେ ସେ ପୁଣି ଭଲ ଫୋଟ ଏବଂ କାଗଜର ଠିକ୍ ଜାଗାରେ ଆସିବା ଦରକାର, ତାହେଲେ ଲୋକଙ୍କ ନଜରକୁ ଆସିବେ ଏବଂ ଫୋନ ଆସିବ ଆଜି ଆପଣଙ୍କ କାଗଜରେ ଫୋଟ ଏବଂ ଖବର ଦେଖିଲି । ଅତିଥିର ଅଭାବ ହେତୁ ଜଣେ ଜଣେ ତିନି ଚାରିଟି ସ୍ଥାନରେ ଅତିଥି ହେବାକୁ ପଛାନ୍ତି ନାହିଁ ।।

## କବିତା କୋଣାର୍କ

### କେବେ ତୁଟିବ ମଣ୍ଡି ସମସ୍ୟା

ସୁନୀଲ କୁମାର ପ୍ରଧାନ

ଚାଷୀର ଦୁଃଖକୁ କେ ବୁଝିପାରିବ
ରହିଛି କେତେ ସମସ୍ୟା

ଆଜି ମଧ୍ୟ ଧାନ ଉଠିପାରୁନାହିଁ
ଲାଗିଛି ମଣ୍ଡି ସମସ୍ୟା ।

ସେଟେଲାଇଟିରେ ଧାନ ଅନୁଧ୍ୟାନ
କରିଥାନ୍ତି ସରକାର
ଜମିକୁ ଆସିକି ଦେଖି ଗଲେ ସିନା
ପାଇଥାନ୍ତେ ଯେ ଖବର ।

ବହୁ ଚାଷୀଭାଇ ହନ୍ତସନ୍ତ ହୁଏ
ନ ବିକି ନିଜର ଧାନ
ସମବାୟ କେନ୍ଦ୍ରରେ ନାଁ ତ ନଥାଏ
ଖତ ଖାଉଥାଏ ଧାନ ।

ବହୁ ଯେ ଯୋଜନା ଥାଇ ମଧ୍ୟ ଭାଇ
ଚାଷୀ ନ ପାଉଛି କିଛି
ବଡ଼ ବଡ଼ିଆଙ୍କ ପାଇଁ ଏ ଯୋଜନା
ସବୁ ଅଛି ବାଛି ବାଛି ।

ଆଜି ମଧ୍ୟ ଚାଷୀ ଆତ୍ମହତ୍ୟା କରେ
ନ ପାଇ ସଠିକ୍ ମୂଲ୍ୟ
କେତେ କେତେ ଜମି ପଡିଆ ପଡିଛି
କେ ବୁଝିବ ତାର ମୂଲ୍ୟ ।


ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


### ଖେଳ

ପ୍ରତିଭା ଜେନା

ଜମାଖାତା ନ ଥିଲା ପାଖରେ,
ତ,
ଜମେଇଲି ଖେଳ !
ଖେଳ ଆଜି ଖେଳୁ ଖେଳୁ ଖେଳୁ
ସରିଗଲା ମୋ ବେଳ ।
ଏବେ ବସ୍ତାନି ବାନ୍ଧିବା ର ବେଳ ।
ଆପ୍ଲୁତ ସ୍ୱପ୍ନ ମୁଁ !
କେବେ ପାହିଲା ରାତି ?
ଜାଣେନା ।
ଆଜନ୍ମ ଅଂଧ ମୁଁ !
ବାଡି କେମିତି ହଜିଲା ?
ଜାଣେନା ।
ଜାଣିଲି ହେତୁ ହେବାଦିନୁ
ନଷ୍ଟ ହେଉ ହେଉ ମୁଁ ଆକୃଷ୍ଟ !
ତମ ସଂକ୍ରମଣରେ ।
ଭୀତ ହେଉ ହେଉ ମୁଁ ଉଦ୍ଭାତ
ତୁମ ବିକର୍ଷଣରେ।
ଜମାଖେଳ ନ ଥିଲା ଜନ୍ମରେ
ତ,
ଜମେଇଲି ଖେଳ ।
ଏବେ ପ୍ରଶ୍ନ କରୁକରୁ
କିଏ ସେ ଖେଳାଳୀ,
ଖେଳ ଶେଷ !
ଉତ୍ତର ବି ଶେଷ !
କେତେ କେତେ ଅବଶୋଷ ର
ଆୟୁଷ
ଲୋଟିଛି ଏ ଶରୀର
କେତେ କେତେ ଅଭିସାରକୁ
ଅଭିସଂପାତ
ଦେଇଛି ଏ ସମୟ, ଜଣାନାହି ।
ଖାଲି ଜାଣେ
ଆଜି ମୋର ଶେଷ ସ୍ୱପ୍ନ
ଆଜି ହିଁ ମୋର ଶେଷ ପୁଲକ
ଯାହା ବିଚ୍ଛେଇ ହେଇଛି
ସାରା ଆରବ୍ୟ ମୂଳକ ।ୟ


ସୋରୋ, ବାଲେଶ୍ୱର
ପିନ-୭୫୬୦୪୫
ମୋ: ୮୨୬୦୮୩୯୦୪୫


### ଯୌବନର ଯନ୍ତ୍ରଣାରେ

ଜିତୁ ପ୍ରଧାନ

ପଦ୍ମ ପତ୍ରରେ ଜଳବୁନ୍ଦା ଢଳଢଳ ପରି
ଶ୍ୱେତାଙ୍ଗୀ ତୁମ ଦେହରେ
ଯୌବନ ବି ଅସ୍ଥିର ପ୍ରାୟ ପ୍ରିୟତମା
ତୂଳୀତଳ୍ପ ଶ୍ୱେତ ଶଯ୍ୟା ଜ୍ୟୋସ୍ନା
ଲୋକରେ
ନଦୀ ବନ୍ଧ ବଂଶୀ ସ୍ୱନ କଦମ୍ବ ବନରୁ
ବସନ୍ତ ବି ଛତ୍ରେ ଛତ୍ରେ
ଉଚ୍ଛାରୁଥାଏ କାମନାର ମହାମନ୍ତ୍ର
ପ୍ରିୟା।

ଯୋଗେଶ୍ୱରୀ ରାଜେଶ୍ୱରୀ
ବିନା ଯୁଦ୍ଧେ ଛନ୍ଦି ଦେବା
ଫନ୍ଦି ଫିକର ମୁଁ ଜାଣେ ନାହିଁ
ଉନ୍ମତ୍ତ ମନର ଉତ୍ତରଣ ନାୟିକାକୁ
ମାରିନାହିଁ ହୃଦବନ୍ଧ କବଚ କୁଟୀରରୁ ।

ମୂଖା ପିନ୍ଧା ଯନ୍ତ୍ରଣାରେ ଜର୍ଜରିତ
ହୃଦ ତନୁ ମନ
ଯେଉଁଠି ଥା ପଛେ ଲକ୍ଷେ ଜନ୍ମାନ୍ତର
ଯାଏ
ଆୟୁଷ ମୋ ଖୁଣ୍ଟି ନେଇ ଖୁସିରେ
ଖୁସିରେ
ଥା ଯୁଗ ଯୁଗ ଜନ୍ମାନ୍ତ ଜନ୍ମାନ୍ତର ପାଇଁ ।

ଅନ୍ତହୀନ ଅନ୍ତରରୁ ଏତେ କାହିଁ
ଦହଗଞ୍ଜ ଗଞ୍ଜଣାକୁ ମଥାପାତି
ମୁଣ୍ଡ ଗଣ୍ଡି ଏକ କରି ଚାହିଁଛି ତୋତେ।

ପ୍ରେମ ପୀୟୁଷର ପିଆଲାରୁ
ମଦ ମତ୍ତ ସ୍ୱାଦ ଚାଖି ଚକ୍ଷୁହୀନ ଆଜି
ମୋର
ଅବ୍ୟର୍ଥ ଚିନ୍ତା ଚୈତନ୍ୟ କାଟିକୁଟି
କୋଟି ସୁଖ ଭୋଗ କରୁଥା
ମନର ମଧୁର ପ୍ରେମମୟୀ
ପ୍ରେମିକା କି ପ୍ରିୟତମା ।

ଚାରି ଦଉଡ଼ି ଛିଣ୍ଡା ମୁଁ
ସାୟନ୍ତନର ଶାନ୍ତ କାନ୍ତ ଚାନ୍ଦିନୀ
ନିଶାରେ
ମଦୁଆଲା କାଦମ୍ବରୀ ମଦିରାକୁ ଓଠେ
ତୋର
ଚାହିଁ ଚାହିଁ ଆୟୁଷ ମୋ ଛିଣ୍ଡୁଥାଉ
କୋଟି ଯୁଗାନ୍ତର ଯାଏ ।।

ତଥାପି ତୁ ଆସିବାର ଆଶା ଆକାଂକ୍ଷା
ମୋ
ତୁଟିଲାଣି ମୋହ ବନ୍ଧ ଧୈର୍ଯ୍ୟର
ନିର୍ଘଣ୍ଟ
ବେଳୁ ବେଳ କ୍ଷୀଣ ହୁଏ ଚନ୍ଦ୍ର
ବଦନୀ ମୋ ମନରେ
ମନ୍ତ୍ରାୟୁଧ ପ୍ରାଣ ଧରି ପ୍ରାଣପ୍ରିୟା
ପ୍ରିୟତମା
ମୋତେ ଛିଣ୍ଡାଉଥା ଗୋଲାପର
କଣ୍ଟକିତ
ପାଖୁଡ଼ା ଓ ଡେମ୍ଫପରି
ଛିଂଡୁଥାଉ ଆୟୁଷ ମୋ ଯୌବନର
ଯନ୍ତ୍ରଣାରେ ।


ସ୍ନାତକ ଓଡ଼ିଆ ସାହିତ୍ୟ ଛାତ୍ର
ନୟାଗଡ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼


### ଶୀତ

ଡୁଲେଶ୍ୱର କୁମାର ସାହୁ

ଶୀତ ଆରେ ଶୀତ ମତେ ଥରେ ଆଉଁଷି
ଦେଇ ଯା
ତୋର କଅଁଳିଆ ହାତ
ତୋର ମିନି ମିଚିଆ ପାଦ
ତୁ ଦୂର ଦୂରାନ୍ତ ଦେଖୁଥିବା ଦୁଇ ଆଖିକୁ
ମତେ ଥରେ
ଆଉଁଷି ଦେଇ ଯା
ଶୀତ ଆରେ ଶୀତ ମତେ ଥରେ ଆଉଁଷି
ଦେଇ ଯା

ତୁ ମୋ ସହ ଝଗଡ଼ା କଲେ
ମୁଁ ତତେ ଡରି ସୁଇଟର୍ ପିନ୍ଧି ବସେ
ତୁ ମୋ ସହ ବଦ୍ ମାସି କଲେ
ମୁଁ ତତେ ଡରି ଝରକା ବନ୍ଦ କରି ବସେ
ତୁ ମୋ ସହ ମାଡ଼ ଗୋଲ୍ କଲେ
ମୁଁ ତତେ ଡରି ତତେ ଦକ୍ ଦକ୍ ନିଆଁରେ
ଧ୍ୱଂସ କରିଦିଏ

ତୁ ଆସିଲେ ମୁଁ ଖୁବ୍ ହସେ ଖୁବ୍ ହସାଏଁ
ତୁ ଆସିଲେ ପ୍ରକୃତିର ଅଭୟାରଣ୍ୟ
ସତେଜ୍ ଲାଗୁଥାଏ
ଲାଲ୍, ହଳଦିଆ, ସବୁଜରେ ରଙ୍ଗ ଓ
ବେରଙ୍ଗି
ତୁ ଆସିଲେ ଛାତି ମୋ ଥରେ
ବାର୍ ବାର୍ ବାରମ୍ବାର


ରେଗଡା, କର୍ଲାମୁଣ୍ଡା, କଳାହାଣ୍ଡି
ମୋ- ୭୦୭୭୩୨୭୯୩୧

ଘନଶ୍ୟାମ ପଲେଇ

## ଲୋଭ



ଛୋଟ ସହର ହେଲେ ବି ବେପାର ଭଲ । ଭଲ କାରବାର । ସବୁ ଜିନିଷ ଗୋଟିଏ ଦୋକାନଠି ଠୁଳ । ଜୀରାଠୁ ହୀରା ଯାହା ଖୋଜିବ ପାଇବ। ଗୋଟେ ମିନିମାର୍କେଟ ଜାଣ। ଖୁନ୍ଦାଖୁନ୍ଦି ହେଇ ଭରିଛି ଜିନିଷତକ ଥାକଥାକ ଉପରୁ ତଳ। ଏକା ସମ୍ଭାଳିଛି ଦୋକାନୀ । ଭଲ ବେପାର ପରେ ବି ବି ରସିଆ ମନ। ମୁହଁଟା ଲଟକେଇ ଥିବ ଲକ୍ଷେଟଙ୍କା କିଏ ନେଇଗଲା ଭଳି । ବିକଳିଆ ମୁହଁଟାକୁ ଦେଖିବାକୁ କାହାର ଇଚ୍ଛା ନଥିଲେ ବି ନାହିଁ ଚାରା । ଯିବାକୁ ହୁଏ ନଥିବାରୁ ବିକଳ୍ପ ।

ସନ୍ଧ୍ୟାରେ ଦୌଡି ଦୌଡି ଛୋଟ ପିଲାଟି ଆସିଲା ଦୋକାନକୁ । ଧଇଁସଇଁ ହେଇ କହିଲା---- ଅଙ୍କଲ୍ ! ଅଙ୍କଲ୍ ! ୱ୍ରାସରଟେ ଦେଲେ ! ମୋର ପ୍ରଜେକ୍ଟ ଶେଷକଲେ ଯାଇ କାଲିକୁ ଦେବି ସ୍କୁଲରେ ।

ଦୋକାନୀ ଚଷମାଟିକୁ ନାକତଳକୁ ଖସେଇ ଦେଖିଲା ପିଲାଟିକୁ । ଉପର ତଳ ତା' ସନ୍ଧାନୀ ନଜରରେ । ଦି'ଟା ଟଙ୍କା ପାଇଁ ବସବା ଠାଉଁ ଉଠିବ ! ଖୋଜିକି ଦେବ ଡବାରୁ ? ମୁହଁକୁ ଆହୁରି ବିକୃତିଆ କରି କହିଲା --- ବାବା ! ଅଛି ଯେ ଖୋଜି କି କ'ଣ ପାଇବି ? ଭଲ କି ଦିଶୁ ନାଇଁ ଆଖିକୁ। କାଲି କି ଆ ! ସକାଳବେଳା ଖୋଜି କି ରଖିଥିବି।

ବେଳେବେଳେ ଛୋଟ ଜିନିଷରେ ବି ହୁଏ ବଡ କାମ। କାହା ପାଇଁ ଛୋଟ ତ କାହା ପାଇଁ ସିଏ ବଡ। ଦି'ଟଙ୍କାର ୱ୍ରାସର ସିନା ଦୋକାନୀ ପାଇଁ ଛୋଟ । ପିଲାଟି ପାଇଁ କିନ୍ତୁ ବଡ । ଏଇ ଛୋଟ ଜିନିଷଟି ହେଲେ ଯାଇ ତା' ପ୍ରୋଜେକ୍ଟ ହେବ ଶେଷ। କାଲି ଦେବ ସ୍କୁଲରେ ।

ପୁଣି ଥରେ ଅନୁରୋଧ କଲା --- ଅଙ୍କଲ ଜରୁରୀ ଅଛି, ନହେଲେ ନ ଚଳେ ।

ଦୋକାନୀ ଅନେଇ ରହିଲା ତା'କୁ ମୁହଁଟା ଆମ୍ଳିଳା କରି ।

ଦୋକାନୀର ବିକଟାଳିଆ ମୁହଁଟାରୁ ବୁଝିଗଲା ପିଲାଟି, ଆଉ ମିଳିବନି ଆଜି । କଥାର ମୋଡ ବଦଳାଇ କହିଲା --- ଅଙ୍କଲ ! ଦୀପାବଳି ପାଇଁ ଚେନ ଲାଇଟ ଆଣିଲେଣି କି ?

ଦୀପାବଳିର ଲିଟୁଲାଇଟ ପରି ଟିକିଏ ମିଞ୍ଜି ମିଞ୍ଜି ଲାଇଟ ଜଳି ଉଠିଲା ମୁହଁରେ । ଦେଖେଇଲା ଭଳି କି ଭଳି ଲିଟୁମାଳ । ପିଲାଟି ଆଗ୍ରହରେ ଦେଖୁଥାଏ ସବୁକୁ । ମଝିରେ ମଝିରେ ପଚାରି ବୁଝୁଥାଏ ଦାମ । ଦେଢଶହ- ଦୁଇଶହରୁ ପାଞ୍ଚ ଶହ ଯାକେ ଅଛି ରେଟ । ସବୁଠୁ ଭଲ ଲାଇଟମାଳଟିକୁ ବାଛି କହିଲା --- ଅଙ୍କଲ ଇଆର ଦାମ କେତେ !

ଦୋକାନୀ କହିଲା--- ଚାରିଶହ ପଚାଶ ଦେ !

--- ଠିକ ଯେ ଅଙ୍କଲ ! କାଲି ଏକାଥରକେ ୱ୍ରାସର ନେଲାବେଳେ ନେବି । ଆଜି ଥାଉ ।

ଚାରିଶହ ଟଙ୍କିଆ ଜିନିଷଟା ବିକିବ, ତେଣୁ ଡବାରୁ କାଢି ଥୋଇଦେଲା ୱ୍ରାସର ଫଟାଫଟ।

ପିଲାଟି ୱ୍ରାସର ହାତରେ ଧରି, ପକେଟରୁ ଦି'ଟଙ୍କା କାଢି ଥୋଇ ଦେଇ କହିଲା --- ଅଙ୍କଲ ଆଜି ବେଶି ପଇସା ଆଣିନି ! ଆଉ ଦିନେ ଆସି ନେବି ।

ଦୋକାନୀ ରହିଗଲା ଥ' ହେଇ । ଥୋଇ ଥିବା ଦି' ଟଙ୍କା ହାତରେ ଧରି ପିଲାଟିକୁ ଚାହିଁଥାଏ ବଲବଲ କରି ।

+ବଡ-ଆମୁଁଣୀ, ଝୁମ୍ପୁରା, କେନ୍ଦୁଝର,
ମୋ-୯୪୩୭୭୧୮୫୦୦

ଶ୍ରୀ ସତ୍ୟବ୍ରତ ସାହୁ

## ରାବଣପୋଡି

ଶୋଭାମୟୀ ଶରତରେ ଧରାଧାମକୁ ଓହ୍ଲାଇ ଆସନ୍ତି ମା' ଦୁର୍ଗା । ପାର୍ବଣ ଋତୁରେ ଚାରିଆଡ଼େ ବ୍ୟାପିଯାଏ ଶାରଦୀୟ ମହୋତ୍ସବ । ପୂଜା ମଣ୍ଡପମାନଙ୍କରେ ପୂଜା ପା'ନ୍ତି ମା'ଙ୍କ ମୃଣ୍ମୟୀ ମୁର୍ତ୍ତି। ସୁନ୍ଦର ଆଲୋକମାଳା ତଥା ଚାକଚକ୍ୟ ସାଜସଜାରେ ଝଲସି ଉଠେ ପୂଜା ମଣ୍ଡପ । ଗାଁ'ରୁ ସହର ସବୁଆଡେ ମା'ଙ୍କୁ ଦର୍ଶନ କରିବା ପାଇଁ ପ୍ରବଳ ଭିଡ଼ ହୁଏ । ସମସ୍ତେ ମଜା ନିଅନ୍ତି ଦୁର୍ଗା ପୂଜାର । ବର୍ଷରେ ଥରେ ମା'ଙ୍କ ଦର୍ଶନ ପାଇଁ ମନ ବ୍ୟାକୁଳ ହୁଏ । ବିଜୟା ଦଶମୀ ଦିନ ଖୁବ୍ ଭିଡ଼ ହୁଏ ପୂଜା ମଣ୍ଡପ ମାନଙ୍କରେ। କାରଣ ସେଦିନ ଥାଏ ରାବଣପୋଡି। ତା ପର ଦିନ ମା' ଚାଲିଯା'ନ୍ତି ପାଣିକୁ । ତେଣୁ ଦଶମୀ ଦିନ ପ୍ରବଳ ଭିଡ଼ ଦେଖିବାକୁ ମିଳେ ।

ସେଦିନ ଥାଏ ବିଜୟା ଦଶମୀ । ଆମ ପାଖ ବଜାରରେ ରାବଣପୋଡି ହୁଏ ଦଶରା ଦିନ। ମୁଁ ସ୍ଥିର କଲି ରାବଣପୋଡି ଦେଖି ଯିବାପାଇଁ। ସନ୍ଧ୍ୟା ପୂର୍ବରୁ ମୋ' କୁନି ପୁଅ ଶୁଭକୁ ସାଙ୍ଗରେ ନେଇ ଚାଲିଲି ବଜାର। ଠିକ୍ ସମୟରେ ପହଞ୍ଚି ଗଲି ପୂଜା ମଣ୍ଡପ ପାଖରେ ଥିବା ପଡ଼ିଆରେ ଯେଉଁଠି ରାବଣପୋଡି ହେବାର ବ୍ୟବସ୍ଥା କରାଯାଇଥାଏ। ପଡ଼ିଆ ମଝିରେ ବିରାଟ ରାବଣ ମୂର୍ତ୍ତି ଦଣ୍ଡାୟମାନ ହୋଇଥାଏ। ବାଉଁଶ ଘେରା ଯାଇଥାଏ ଚାରିପଟେ ଯେମିତି କେହି ଯାଇ ନପାରିବେ ଭିତରକୁ । ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରୁଥା'ନ୍ତି ପୋଲିସମାନେ । ରାମ ଲୀଳା ଆରମ୍ଭ ହେଲା । ମାଇକରେ ପ୍ରଚାର ହେଲା ରାମ ଲୀଳା କଥା। ରାମ-ରାବଣ ଯୁଦ୍ଧ ହେଲା । ଅନେକ ବାଣ ମଧ ଫୁଟିଲା । ଶେଷରେ ରାବଣପୋଡି କଥା ଘୋଷଣା ହେବା ସହିତ ରାବଣ ମୂର୍ତ୍ତି ସହିତ ଲାଗିଥିବା ବାରୁଦରେ ନିଆଁ ଲଗାଗଲା । ସଙ୍ଗେ ସଙ୍ଗେ ରାବଣ ଦେହରେ ନିଆଁ ଲାଗିଲା ଓ ବାଣ ଫୁଟିଲା। କିଛି ସମୟ ଭିତରେ ବିରାଟ ରାବଣ ମୂର୍ତ୍ତିଟି ପୂରା ପୋଡ଼ି ଗଲା । ଆମେ ଫେରିଲୁ । ଫେରିବା ରାସ୍ତାରେ ଶୁଭ ମୋତେ ପଚାରିଲା-



'ବାପା, ରାବଣପୋଡି ହୁଏ କାହିଁକି ? କାହିଁକି ପୋଡ଼ି ପକାନ୍ତି ଏତେ ସୁନ୍ଦର ମୂର୍ତ୍ତିଟିକୁ' ? ମୁଁ ଆରମ୍ଭ କଲି ରାମାୟଣରୁ ଟିକେ ଟିକେ କହି। ସେ ବୁଝି ପାରିଲା ଭଳି କଥା ଆରମ୍ଭ କଲି । ରାବଣ ଲଙ୍କା(ବର୍ତ୍ତମାନ ଶ୍ରୀଲଙ୍କା)ର ରାଜା ଥିଲା। ସେ ଜଣେ ଦୁଷ୍ଟ, ଅତ୍ୟାଚାରୀ ଓ ଅସୁର ପ୍ରବୃତ୍ତିର ଥିଲା । ପ୍ରଭୁ ରାମଚନ୍ଦ୍ରଙ୍କ ସ୍ତ୍ରୀ ମା' ସୀତାଙ୍କୁ ହରଣ କରିନେଇ ଅଶୋକବନରେ ରଖି ଅନେକ ଦୁଃଖ ଦେଇଥିଲା...ଏମିତି ରାମାୟଣର ସବୁ କଥା କହି ସାରିବା ପରେ ଶେଷରେ ତାକୁ ଏତିକି ବୁଝାଇ ଦେଲି ଯେ, ଯେଉଁମାନେ ଦୁଷ୍ଟ, ଅହଂକାରୀ, ଅତ୍ୟାଚାରୀ, ଆତ୍ମଗର୍ବୀ, ଅନ୍ୟକୁ ଦୁଃଖ ଦିଅନ୍ତି, ଅନ୍ୟର ଅମଙ୍ଗଳ କରନ୍ତି ତାକୁ କେହି ଭଲ ପାଆନ୍ତି ନାହିଁ । ରାବଣ ସେହିପରି ଲୋକ ଥିବାରୁ ତାକୁ କେହି ଭଲ ପାଆନ୍ତି ନାହିଁ । ତେଣୁ ତାକୁ ପୋଡ଼ି ପକାନ୍ତି। ଅସତ୍ୟ ଉପରେ ସତ୍ୟର ବିଜୟ ହୁଏ ଏହା ରାବଣପୋଡିରୁ ପ୍ରମାଣିତ। ସତ୍ୟ, ଧର୍ମ, ନ୍ୟାୟ, ଦୟା, କ୍ଷମା, ମମତା ପରି ଭଲ ଗୁଣ ଥିବା ଲୋକଙ୍କୁ ସମସ୍ତେ ଭଲ ପାଆନ୍ତି। ଏଥର ଶୁଭ ପଚାରିଲା ବାପା, ସେଠାରେ ଉପସ୍ଥିତ ଥିବା ସମସ୍ତେ କ'ଣ ଏକଥା ଜାଣନ୍ତି' ? ମୁଁ କହିଲି ହଁ, ପ୍ରାୟ ସମସ୍ତେ ଏକଥା ଜାଣନ୍ତି । କିନ୍ତୁ ତୋ' ପରି ଛୋଟ ଛୋଟ ପିଲାଙ୍କୁ ଛାଡ଼ି ବଡ଼ ବଡ଼ ଲୋକମାନେ ଜାଣନ୍ତି। ଶୁଭ ପୁଣି ପଚାରିଲା ତେବେ ବଡ଼ ଲୋକମାନେ ଦୁଷ୍ଟ ହୁଅନ୍ତି କାହିଁକି ? ମଦ ପିଇ ମାତାଲ ହୋଇ ଗଣ୍ଡଗୋଳ କରନ୍ତି କାହିଁକି ? କାହା ଉପରେ ରାଗ ରଖି ଜୀବନରୁ ମାରି ଦିଅନ୍ତି କାହିଁକି ? କାହିଁକି ଅନ୍ୟ ଝିଅ, ବୋହୂଙ୍କୁ ଖରାପ ବ୍ୟବହାର କରନ୍ତି ? ସବୁଦିନ ଟିଭି ଓ ଖବରକାଗଜରେ ମାରପିଟ, ହତ୍ୟା, ଅପହରଣ, ଦୁଷ୍କର୍ମ, ଲୁଣ୍ଠନ ପରି ଖବର ପ୍ରକାଶ ପାଏ କାହିଁକି' ? ଛୋଟ ପିଲାଟିଠାରୁ ଏତେଗୁଡିଏ ପ୍ରଶ୍ନ ମୁଁ ଆଶା କରି ନଥିଲି । ତା' ସବୁ ପ୍ରଶ୍ନର ଉତ୍ତର ମୋ' ପାଖରେ ନଥିଲା। ମୁଁ କ'ଣ ଉତ୍ତର ଦେବି ଭାବୁ ଭାବୁ ଶୁଭ ପୁଣି କହିଲା 'ବାପା, ମୁଁ ଭାବୁଛି ଏକଥା ସମସ୍ତେ ବୁଝି ନାହାନ୍ତି ବୋଧହୁଏ । ବୁଝିଥିଲେ ଦୁନିଆରେ ଏତେ ଅନ୍ୟାୟ, ଅତ୍ୟାଚାର ହୁଅନ୍ତା ନାହିଁ। ଦୁନିଆ ପୂରା ଶାନ୍ତିମୟ ହୋଇଯା'ନ୍ତା। ମୁଁ ଠିକ୍ କହିଲି ନା ବାପା' ? ମୁଁ ଭାବୁଥିଲି ସତରେ କେଡେ ଗଭୀରିଆ କଥାଟିଏ କହିଲା ଶୁଭ । ଭାବିଲି ଶୁଭର ତୁଣ୍ଡ ସୁତୁଣ୍ଡ ହୋଇ ଯାଆନ୍ତା କି ? ସମସ୍ତେ ବୁଝି ପାରନ୍ତେକି ଏହି ଛୋଟିଆ କଥା ଯାହା ବୁଝି ପାରିଛି ଛୋଟ ପିଲା ଶୁଭ। ସମସ୍ତେ ବୁଝି ପାରିଲେ ଏ ବିଶ୍ୱ ପ୍ରେମମୟ, ଶାନ୍ତିମୟ, ଆନନ୍ଦମୟ ଓ ବିଶ୍ୱାସମୟ ହୋଇଯାଆନ୍ତା । ମନେ ମନେ ମାଆଙ୍କୁ ପ୍ରଣାମ କରି କହୁଥିଲି 'ମା'.. ଶୁଭର ତୁଣ୍ଡ ସୁତୁଣ୍ଡ କରିଦିଅ । ଏ ବିଶ୍ୱ ହୋଇଯାଉ ଆନନ୍ଦମୟ'।

+ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୭୫୬୧୯

## ଭାଉଜ ମାଆ



ଇଂ. ବିଦ୍ୟାଧର ପଣ୍ଡା

ସନାର ଚଉଦଟି ସନ୍ତାନ। କିନ୍ତୁ ପୁଅ ମାତ୍ର ଦୁଇଟି। ପ୍ରଥମ ସନ୍ତାନ ବଡପୁଅ ମାଗୁଣି ଏବଂ ଶେଷ କୋଡପୋଛା ଭିକାରି। ଏ'ଦୁହିଁଙ୍କ ମଝିରେ ବାର ଝିଅ। ଚତୁର୍ଥ ଝିଅହେଲା ପରେ ସନା କହୁଥିଲା ପରିବାର ନିୟୋଜନ ଅପରେସନ୍ ହୋଇଯିବାକୁ। ହେଲେ ସନାର ବାପା କହିଲେ, 'ଏକ ଆଖି ଆଖିନୁହେଁ କି ଏକ ସାକ୍ଷୀ ସାକ୍ଷୀ ନୁହେଁ। ସବୁ ଭଗବାନଙ୍କ ହାତର କଥା। ଯିଏ ଜନ୍ମ ଦେଉଛି ସିଏ କର୍ମ ଦେବ। ତା'ଙ୍କ ପାଇଁ ସିଏ ଆହାର ଖଞ୍ଜିଥିବ। ତୁ କାହିଁକି ଅଯଥା ଚିନ୍ତା କରୁଛୁ, ଆଉ ଦି ତିନିଟା ପିଲା ହେଉ। ତା'ପରେ ଦେଖିବା। ଦୁଧ ଖାଇବାକୁ ଇଚ୍ଛାକଲେ ଘରେଥିବ ଗାଈ, ଯୁଦ୍ଧ କରିବାକୁ ଇଚ୍ଛାକଲେ ସଙ୍ଗେଥିବ ଭାଇ।' ବାପା କହିବାକଥା ମାନି ଦ୍ୱିତୀୟ ପୁତ୍ରସନ୍ତାନକୁ ଅନିଷା କରିକରି ସନା ଗୋଟିଏ ପରେ ଗୋଟିଏ ବାରୋଟି କନ୍ୟାର ଜନକ ହୋଇଗଲା। ସେତେବେଳକୁ ସନାର ବୟସ ପଚାଶ ଏବଂ ସ୍ତ୍ରୀ ସାବିର ବୟସ ଅଠଚାଳିଶ। ବାଇଶିବର୍ଷ ପୂର୍ବେ ଦୁହିଁଙ୍କର ବାହାଘର ହୋଇଥିଲା। ବଡପୁଅ ମାଗୁଣିକୁ ଏବେ ଏକୋଇଶି। ମାଗୁଣିକୁ ଜୋଇଁ କରିବାକୁ ଝିଅଘର ମାନଙ୍କରୁ ପସ୍ତାବ ଆସିବା ଆରମ୍ଭ ହୋଇଗଲାଣି। ସବାସାନ ଝିଅ ଦୁଃଖୀର ଜନ୍ମ ପରେପରେ ସାବିଦେହ ବହୁତ ଖରାପ ହୋଇଗଲା। ଘରେ ଝିଅ ମାଳମାଳ, ହେଲେ କେହି ଗୋଟାଏ ରୋଷେଇବାସ କାମକୁ ନୁହଁ। ସେଥିପାଇଁ ମାଗୁଣିର ବାହାଘର କରି ସନା ତା'ଘରକୁ ନୂଆବୋହୂଟିଏ ଘେନିଆଣିଲା। ବୋହୂଟି ଗୁଣର, ପାଖ ଗାଁ ଝିଅ। ନାଁ ରେବ। ମାଛିକୁ ମ' ବୋଲି କହିବନି। ଘରକରଣା ସବୁକାମକୁ ପ୍ରବୀଣ ଏବଂ ଲେଉଟେଇକି କେବେ କାହାକୁ କିଛି କହିବା ଶିଖିନି। ବୋହୂକୁ ସମସ୍ତଙ୍କର ପ୍ରଶଂସା। ବୋହୂଟିର ସେବାଶୁଶ୍ରୁସାରେ ଶାଶୁ ସାବି ମାସ ଗୋଟାକରେ ଚେଙ୍ଗାହୋଇ ଚଲାବୁଲା କଲା।

ମାସକପରେ ମାଗୁଣି ବାପା ହେବାକୁ ଯାଉଛି ବୋଲି ବୋହୂ ଶୁଭଖବର ଘରେ ଜଣେଇଲା। ତାଙ୍କର ପ୍ରଥମ ମିଳନ ଚଉଠିଦିନ ହିଁ ବୋହୂର ଗର୍ଭ ରହିଛି। ଖୁସିରେ ସନା ଓ ମାଗୁଣି ଉଭୟେ ସାହିରେ ରସଗୋଲା ବାଂଟିଲେ। ଦୁଇମାସପରେ ଶାଶୁ ସାବିର ମାସିକଧର୍ମ ବନ୍ଦ ହେବାରୁ ସିଏ ଭାବିଲା ଆଉ ବୋଧେ ତା'ର ହେବନି। ବୟସ ପଚାଶ ହେଲାଣି। ସବୁଦିନ ପାଇଁ ତା'କୁ ମାସିକ ଧର୍ମରୁ ଛୁଟି ମିଳିଗଲା। କିନ୍ତୁ ଚାରିମାସପରେ ପେଟ କାଟିବାରୁ ଡାକ୍ତରଙ୍କ ପାଖକୁ ଯାଇ ଜାଣିଲେ ଯେ ସାବିପେଟରେ ଛୁଆଟିଏ ବଢୁଛି। ଏତେଦିନ ଗଡିଗଲା ପରେ ଆଉ ଏବେ କିଛି କରିହେବନି। ଡାକ୍ତର କହିଲେ ଗର୍ଭପାତ କରାଇଲେ ସାବିର ଜୀବନପ୍ରତି ବିପଦ ଅଛି। ସନାର ପିଳେହି ପାଣି। ତେଣୁ ଗର୍ଭପାତ ନକରି ଛୁଆଟିକୁ ଜନ୍ମଦେବାପାଇଁ ଦୁହେଁ ସ୍ଥିର କଲେ। ସେପ୍ଟେମ୍ବର ମାସରେ ଢୁଢୁ ବର୍ଷା ହେଉଥିବା ବେଳେ ବୋହୂର ଗର୍ଭକଷ୍ଟ ଆରମ୍ଭ ହେଲା। କିଛି କୁଆଡେ ଉପାୟ ନପାଇ ମଝିଘରେ ମାଗୁଣି ଖଳାରୁ ଉପାଡିଆଣି ମେଢିଖୁଂଟ ପୋତିଲା। ଲଙ୍ଗଳଦଉଡି ମଝିକୁ ଫାଶପକେଇ ରେବର ଦୁଇ ହାତରେ ଦୁଇମୁଣ୍ଡ ଧରେଇଲା। ଶୂଳକଷ୍ଟରେ ରେବ ଛଟପଟ ହେଉଥିଲା ବେଳେ ସାବି କହୁଥାଏ, 'କିଛି ହେବନି। ଆଉ ମାତ୍ର ଦଶମିନଟ୍। ଛୁଆ ମୁଣ୍ଡର ଚୁଟି ଦେଖା ଗଲାଣି। ମୁଁ ପରା ତେରଟା ଜନ୍ମ କରିଛି। ମୋ'ଠାରୁ କଣ ଧାଇ ବେଶି ଜାଣିଛି। ଡାକ୍ତର କ'ଣ କାହାର କଷ୍ଟ ନେଇଯିବ ! ଦୁଇ ହାତରେ ଦଉଡି କଷିକି ଟାଣିଧର, ଗୋଡ ଫର୍ଚ୍ଚା କର। ଛଅଟା ନଣନ୍ଦ ସେ'ଘର ଭିତରେ ଭାଉଜପାଖରେ ଥାଆନ୍ତି। କିଏ ପିଠି ଆଉଁସୁଥାଏ ତ କିଏ ମୁଣ୍ଡରେ ହାତ ମାରି ଦେଉଥାଏ। ବଡନଣନ୍ଦ ଦୁଇଟା କାନ୍ଧରେ ପିଠି ଡିରାଦେଇ ରେବ ଭାଉଜ ଅଂଟାରେ ନିଜନିଜର ପାଦକୁ ଠେସି ରଖିଥାନ୍ତି। ରେବର 'ବୋଉଲୋ ବାପାଲୋ ମରିଗଲି' ଚିତ୍କାର ଦାଣ୍ଡପିଣ୍ଡାକୁ ଶୁଭୁଥାଏ। ପଡୋଶୀଲୋକ ଜମାହେବାରୁ ସନା ବୋହୂର କ'ଣ ପିଲାପିଲି ହେବାକଥା କହି ଘଉଡେଇ ଦେଉଥାଏ। ଅଗଣା ଭିତରେ ମାଗୁଣି ସେହି ଘରବାହାରେ ଏପଟସେପଟ ହେଉଥାଏ।

ଶାଶୁ ସାବିର ବି ଆଠମାସ ଚାଲିଛି। ତେଣୁ ସିଏ ବୋହୂକୁ ବିଶେଷ କିଛି ସାହାଯ୍ୟ କରିପାରୁନଥାଏ। ଯାହା ସେହି କୁଆଁରୀ ନଣନ୍ଦମାନେ ଭାଉଜ ପାଖରେ ରହି ଧରାଧରି କରୁଥାଆନ୍ତି। ସେମାନଙ୍କ ଭିତରୁ ଚାରିଜଣ ଏଥିରେ ଅଭିଜ୍ଞ। ତା'ଙ୍କ ମାଆକୁ ଜନ୍ମକଲା ବେଳେ ପାଖରୁ ଦେଖିଛନ୍ତି। ହଠାତ୍ ଚିତ୍କାର ବନ୍ଦ ହୋଇଗଲା ଏବଂ କଅଁଳା ଛୁଆର କୁଆଁକୁଆଁ ରଡି ଶୁଭିଲା। ଏ ରଡି ଶୁଣି ମାଗୁଣି ଘର ଭିତରକୁ ଧସେଇ ପଶି ଦେଖିଲା ରେବ ଲଙ୍ଗଳାମୁକୁଳା ହୋଇ ପଡି ଜଳଜଳ ହୋଇ ତା ଆଡକୁ ଚାହୁଁଛି। ରେବର ଦୁଇଗୋଡ ମଝିରେ ଝିଅଛୁଆଟିଏ ତଳେ ମାଟି କାଦୁଅରେ ସାଲୁବାଲୁ ହୋଇ ଉପରମୁହାଁ ହୋଇ ପଡିଛି। ତା ଭଉଣୀରୁ ଗୋଟାଏ ତାକୁ ପାଟିକରି ସେଘରୁ ତାକୁ ଖେଦିଦେଲା। ଶାଶୁ ନାହିକଟା, ଫୁଲ ପଡିସାରିବା ପରେ ଛୁଆକୁ ସଫାକରି ବୋହୂକୋଳରେ ଦେବା କାର୍ଯ୍ୟ ଝିଅମାନଙ୍କୁ କହିକହି ଭଲରେ ତୁଲେଇଦେଲେ। ସେଇଘରରେ ଶାଳକାଠ ଗଣ୍ଡିଟିଏ ଆଣି ସନା ଏକୁଡିନିଆଁର ବନ୍ଦୋବସ୍ତ କଲା। ସେ ମେଢିଖୁଂଟ ସେମିତି ସେହି ଘର ମଝିରେ ପୋତା ହୋଇ ରହିଲା। କାରଣ ଶାଶୁ ଏଇମାସ କି ଆରମାସରେ ଛୁଆ ବେଇଲାବେଳେ କାମରେ ଆସିବ। କିଏ ବାରମ୍ବାର ଘରଭିତରେ ଶୂଳଖୁଂଟ ପୋତିବ ! ବୋହୂର ପ୍ରଥମ ଗର୍ଭରୁ ଝିଅଟିଏ ହେଲା ବୋଲି ସନା ଓ ମାଗୁଣିର ମନ ଟିକେ ଊଣା। କାରଣ ଘରେ ସମୁଦାୟ ଝିଅସଂଖ୍ୟା ଏବେ ତେର ହୋଇଗଲା। କିନ୍ତୁ ଦେଢମାସ ପରେ ଶାଶୁ ପୁଅଟିଏ ଜନ୍ମ ଦେଲା। ମାଗୁଣି ସାଙ୍ଗକୁ ଯୁଦ୍ଧ କରିବାକୁ ଶେଷରେ ଭାଇ ଭିକାରି ଭୂମିଷ୍ଠ ହେବାରୁ ସନା ପ୍ରସନ୍ନହେଲା। ଏବେ ଘରେ ଶାଶୁର ଚଉଦ ଏବଂ ବୋହୂର ଏକ, ଏମିତି ଶାଶୁ ବୋହୂର ମିଶି ସମୁଦାୟ ପନ୍ଦରଟି ଛୁଆ। ଶାଶୁର ବାସି ରୁଟିପରି ଚମ ଧୁଡୁଧୁଡୁ ଶୁଖିଲାସ୍ତନରୁ କ୍ଷୀର ବାହାରୁନି। ଅଧିକାଂଶ ସମୟରେ ଛୁଆଟା ଭୋକ ସହିନପାରି ରଡିରଡି ନାକେଦମ୍ କରିଦେଉଛି। ଭାଉଜ ରେବ ଛୁଆର ବିକଳ କାନ୍ଦ ସହିପାରୁନି। ଏବେ ଭିକାରି କାନ୍ଦିଲେ ରେବ ତା'କୋଳକୁ ଟାଣିନେଇ ତା'ସ୍ତନବୃନ୍ତକୁ ପାଟିରେ ପୁରେଇଦେଲେ ସିଏ ସଙ୍ଗେସଙ୍ଗେ ଚୁପ୍ ହୋଇଯାଏ। ରେବ ସମ୍ପର୍କରେ ସିନା ନାଁକୁ ଖାଲି ଭାଉଜ, କିନ୍ତୁ ମାଆ ପରି ଭିକାରିର ଗୁହମୂତ ଠାରୁ ଆରମ୍ଭକରି କ୍ଷୀରଖିଆ ଆଦି ସବୁକାମ କରୁଛି। ବଡ ହେଲା ପରେ ଭିକାରି ସାବିକୁ ବଡମା ଏବଂ ରେବକୁ ସାନମା ବୋଲି ଡାକିବାକୁ ଲାଗିଲା। ସାଇପଡିଶା ଲୋକେ ରେବକୁ ଭିକାରିର ଭାଉଜମା ବୋଲି କୁହାକୁହି ହୁଅନ୍ତି।

ଭିକାରିକୁ ବାରବର୍ଷ ହେଲା ବେଳକୁ ଧିରେଧିରେ ବୁଦ୍ଧି ହେଲା। ଇତି ମଧ୍ୟରେ ମାଗୁଣିର ଆଉ ଦୁଇଟି ଝିଅଛୁଆ ବି ଜନ୍ମ ହୋଇ ସାରିଥାନ୍ତି। ଭିକାରିର ଉପରେ ବାରୋଟି ଭଉଣୀ ଏବଂ ଭାଉଜଙ୍କର ଦୁଇଝିଅକୁ ମିଶେଇ ଚଉଦଜଣ। କାହାର ବାହାଘର ହୋଇନି। ଘରେ ସମସ୍ତଙ୍କୁ ଦୁଇଓଳି ପେଟପୁରା ଖାଇବାକୁ ବି ମିଳୁନି। ସନା ଓ ମାଗୁଣି ମୂଳପାତି ଲାଗି ଯେତିକି ପାଆନ୍ତି ସେଥିରେ ସମସ୍ତଙ୍କ ଖାଇବାପାଇଁ କୁଳାଏନି। ଭିକାରି ପାଇସା ରୋଜଗାର କରିବାକୁ ଯାଇ ସବୁକାମ କରିଛି। ଭଲ ପଢୁଛି ବୋଲି ଦିନରେ ସ୍କୁଲ୍ ଯାଏ। ସାରାରାତି ରଦି ଖବରକାଗଜ ଆଣି ମଇଦାରେ ଅଠାରାନ୍ଧି ଅନିଦ୍ରା ରହି ଠୁଙ୍ଗା ତିଆରିକରି ବିକିଛି। ପ୍ରଥମ ଦ୍ୱିତୀୟ ଶ୍ରେଣୀଛୁଆଙ୍କୁ ଟ୍ୟୁସନ୍ କରି ଟଙ୍କା ରୋଜଗାର କରି ଭାଉଜଙ୍କ ହାତରେ ଦେଇଛି। ଗତ ଚାରିବର୍ଷରେ ଭିକାରି ଏମିତି କିଛି ଟଙ୍କା ଭାଉଜଙ୍କ ପାଖରେ ସଂଚିସଂଚି ଉପରଆଢୁ ତିନି ଭଉଣୀଙ୍କର ବିଭାଘର କାମ ସାରିଲାଣି। ଦୁଇବର୍ଷରେ ଗୋଟିଏ ଭଉଣୀପାଇଁ ଯୋଗାଡ ହୋଇଯାଉଛି। ଭଉଣୀ ଓ ଝିଆରିଙ୍କୁ ମିଶେଇ ଆଉରି ଏଗାର ଜଣ ଘରେ ବସିଛନ୍ତି। ଏବେ ଭିକାରିର ଦଶମ ସରି କଲେଜ ପାଠପଢା ଦୁଇବର୍ଷ ସରିଲାଣି। ସହରରୁ ଘରକୁ ଗଲେ ଭାଉଜ ନିଜ ପଣତକାନିରେ ଭିକାରିର ମୁହଁଝାଳ ପୋଛି ଘଡିଏ ନିଜ ଛାତିରେ ଲଗେଇ ଆଖିରୁ ଲୁହ ଗଡାଏ। ବାତ୍ସଲ୍ୟମମତାରେ ଭରା ଭାଉଜର ହୃଦୟ ଭିକାରିକୁ ଦେଖିଲେ ତରଳିଯାଏ। ଘରପାଇଁ ଭିକାରି କେତେ ପରିଶ୍ରମ କରୁଛି ଦେଖି ତା ଭବିଷ୍ୟତ ବିଷୟରେ ଭାଉଜ ଚିନ୍ତା କରିବସେ। ଦିନେ ରେବ ଭିକାରିକୁ ଗୋଟିଏ ଝିଅର ପ୍ରସ୍ତାବ ଆସିଥିଲା ବୋଲି କହି ବିବାହ ବିଷୟରେ କଥା ଉଠାଏ। ଭିକାରି କୁହେ ମୁଁ ନିଜ ପସନ୍ଦରେ ବିବାହ କରିବି, ତୁମ ପସନ୍ଦରେ ନୁହେଁ। ରେବ କୁହେ ଠିକ୍ ଅଛି। ତୁମେ ଯାଇ ସେ ଝିଅକୁ ଦେଖି ଆସ। ଭିକାରି ତାଙ୍କ ଘରକୁ ଯାଇ ସେ ଝିଅସହ କଥାବାର୍ତ୍ତା ହୋଇ ଘରକୁ ଫେରି ଭାଉଜକୁ ଝିଅଟି ଭଲ ବୋଲି କୁହେ। କିନ୍ତୁ ସନ୍ଧ୍ୟାରେ ଭିକାରିକୁ ବିବାହ କରିବାକୁ ସେ ଝିଅ ଚାହୁଁନାହିଁ ବୋଲି ଝିଅଘରୁ ଖବର ଆସିଲା। ଭାଉଜକୁ ଆଶ୍ଚର୍ଯ୍ୟ ଲାଗିଲା। ତା'ପରେ ଗୋଟିଏ ପରେ ଗୋଟିଏ, ଏମିତି ପନ୍ଦର କୋଡିଏ ଜାଗାରୁ ପ୍ରସ୍ତାବ ଆସିଥିଲା। କିନ୍ତୁ ସବୁଥର ସେଇ ଏକା କଥା। ନିଜେ ଭିକାରି ଝିଅସହ ସାକ୍ଷାତ କରି ଫେରିଲାପରେ ଝିଅଘର ତରଫରୁ ବିବାହ ଭାଙ୍ଗି ଦେଉଥିଲେ।

ଏମିତି ଚାରିବର୍ଷ ବିତିଗଲା। ଏବେ ଭିକାରି ଚେଷ୍ଟା କରୁଛି ଦୁଇଦୁଇ ଭଉଣୀଙ୍କର ଏକାବେଳେ ବିବାହ କରିବାକୁ। ଏଥିରେ ସଫଳତା ବି ମିଳୁଛି। ଏବେ ଏଇ ଗତ ଦୁଇବର୍ଷରେ ଚାରିଜଣଙ୍କର ସବାରି ଉଠିଲାଣି। ଆଉ ରହିଲେ ସାତଜଣ। ଭିକାରିକୁ ଭଲ ଚାକିଟିଏ ବି ମିଳିଗଲା। ଏବେ ଘର ଚଳିବାପାଇଁ କିଛି ଅସୁବିଧା ନାହିଁ। ଭିକାରିକୁ ଲାଗେ ସନା ଏବଂ ସାବି ତାର ବାପା ମା ନୁହଁନ୍ତି। ସେମାନେ ତାର ବୁଢାବାପା ଓ ବୁଢୀମା। ବଡଭାଇ ମାଗୁଣି ହେଉଛି ତାର ବାପା ଓ ଭାଉଜ ରେବ ତାର ମାଆ। ଦୂର ପରିଚୟ ବନ୍ଧୁବାନ୍ଧବ କିଏ ଘରକୁ ଆସିଲେ ସେମାନେ ବି ଏହିପରି ଅନୁମାନ କରନ୍ତି। ଏବେ ବି ଦରମା ପାଇଲା ଦିନ ସନ୍ଧ୍ୟାବେଳକୁ ଆସି ପ୍ରଥମେ ଭିକାରି ଭାଉଜଙ୍କ ହାତରେ ସବୁ ଟଙ୍କା ଧରାଇଲା ପରେ ପୋଷାକ ବଦଳେ। ଭିକାରିର ହାତରୁ ଟଙ୍କା ନେଇ ରେବ ଗଣିଲାବେଳକୁ ଆଖି ଛଳଛଳ ହୋଇଯାଏ। ଦିନେ ନେହୁରା ହୋଇ କହିଲା ଯେମିତି ହେଲେ ଏଇ ଅଷାଢମାସ ତିଥିରେ ତୁମର ବାହାଘର କରିବି। ତୁମେ କୋଉଠି ଦେଖିଛ ଯଦି କୁହ, ନହେଲେ ମୁଁ ଯୋଗାଡ କରିବି। ତୁମର ଦେଖିବା ଦରକାର ନାହିଁ। ବାହାଘର ପରେ ଚଉଠିରେ ତା ସାଙ୍ଗରେ ତୁମର ଦେଖାହେବ। ଭାଉଜର ଏଭଳି ସ୍ନେହମିଶା ଦରଦିଆ ତାଗିଦ୍‌କୁ ବୁଝି ଶେଷରେ ନିଜେ ଭିକାରି ଗୋଟିଏ ଝିଅକୁ ଠିକ୍‌କରି ଭାଉଜଙ୍କୁ ଜଣେଇଲା। ଭାଉଜ ଆସନ୍ତାତିଥିକୁ ଯୋଗାଡକରି ଭିକାରିକୁ ହାତକୁ ଦୁଇହାତ କରିଦେଲେ। ଭିକାରି ତା ସ୍ତ୍ରୀ ପ୍ରିୟାକୁ ବାହାଘର ଆଗରୁ ତାଙ୍କ ଘରପରିବାର ଏବଂ ତାର ସବୁ ଗୁରୁ ଦାୟିତ୍ୱ ବିଷୟରେ ପ୍ରାଞ୍ଜଳ ଭାବରେ ବୁଝେଇ ଦେଇଥାଏ। ଆସୁଆସୁ ସମସ୍ତଙ୍କର ସେବା ଯତ୍ନ, ଘରକାମ ଏମିତି କଲା ଯେ ସମସ୍ତେ ଯାଉଣୁ ଆସୁଣୁ ଖାଲି ପ୍ରିୟା ପ୍ରିୟା ହେଲେ। ପ୍ରିୟା ଗରିବ ଘରର ଝିଅ, ମା ଛେଉଣ୍ଡ। ବିବାହ ବୟସ ଅଳ୍ପ ଗଡି ଯାଇଥାଏ। ବିଶ୍ୱାସ ନଥିଲା ତାକୁ ଆଉ କେହି ପସନ୍ଦ କରିବ ବୋଲି। ତଥାପି ଯାହା ହାଣ୍ଡିରେ ଯିଏ ଚାଉଳ ପକେଇଛି, ସିଏ ତା ପାଖକୁ ନିଶ୍ଚିତ ଯିବ। ଦେଖିବାକୁ ସୁନ୍ଦର, ଗୁଣ ତ ଆଉରି ସୁନ୍ଦର। ଘରର ସମସ୍ତ ସଦସ୍ୟ ତା ଉପରେ ବହୁତ ଖୁସି। ଶାଶୁ ଶ୍ୱଶୁର ଯାଆ ଦେଢଶୁର ସମସ୍ତେ ଗାଁଗଣ୍ଡାରେ ପଡୋଶୀଙ୍କ ସାମ୍ନାରେ ତା'ର ଭୁରିଭୁରି ପ୍ରଶଂସା କରନ୍ତି। ଆମବୋହୂ ଗୋଟେ ହୀରା। ସଜନାଛୁଇଁ ବଡିବେସର ରାନ୍ଧିଲେ ଆଙ୍ଗୁଠି ଚାଟିଚାଟି ଖାଇବ, ଟମାଟୋ ଖଟା କଲେ ତ ଜିଭ କାମୁଡିଦେବ। ତା ହାତରେ ଲକ୍ଷ୍ମୀ ସାଆନ୍ତାଣୀ ଅଛନ୍ତି। ସିଏ ଆସିଲା ଦିନରୁ ଆମଘରେ କିଛି ଅସୁବିଧା ନାହିଁ। ବାପଘର ସିନା ଗରିବ, କିନ୍ତୁ ଆମ ଘରପାଇଁ ସିଏ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ।

ରେବ ବହୁତଥର ଭାବିଲାଣି ପ୍ରିୟାକୁ ପିଲାପିଲି କରିବା ବିଷୟରେ ପଚାରିବ ବୋଲି। କିନ୍ତୁ ପାରେନି। ଆଜିକାଲିକା ବୋହୂମାନେ କୁଆଡେ ଜଲ୍‌ଦି ପିଲାଜନ୍ମକଲେ ତାଙ୍କର ଫିଗର୍ ଖରାପ ହୋଇଯାଉଛି। ତେଣୁ ଦି ତିନି ବର୍ଷ ଉଦାଖିଆ ଗୋରୁପରି ବୁଲିଲା ପରେ ପେଟରେ ହେଉଛନ୍ତି। କିନ୍ତୁ ଛଅବର୍ଷ ପୁରି ସାତବର୍ଷ ଚାଲିଲାଣି। ସନା ଓ ସାବି ଆଉ ପ୍ରିୟାର ପ୍ରଶଂସା କରିବାକୁ ଭଲ ପାଉ ନାହାନ୍ତି। ଗାଁରେ କିଏ ଯଦି କେବେ ବୋହୂ ବିଷୟରେ ପଚାରେ ସାବି ମୁହଁ ମୋଡିଦେଇ କୁହେ, 'ଝିଅ ଗୁଣର, ଦେଖିବାକୁ ଭଲ ହେଲେ କଣ ହେବ ବାଂଝଟା। ଆମ ଭାଗ୍ୟ ଖରାପ। ସକାଳୁସକାଳୁ ବାଂଝମୁହଁ ଚାହିଁଚାହିଁ ଯାହା ପାପ ହେଉଛି ଆମକୁ ଶେଷବେଳକୁ ସବୁ ଭୋଗିବାକୁ ହେବ। ରୋଜଗାରିଆ ପୁଅର ସ୍ତ୍ରୀ ଯେତେବେଳେ ତା'କୁ ଆମେ ଘରେ ରଖିବାକୁ ବାଧ୍ୟ। ତା'ମୁହଁ ଚାହିଁବାକୁ ବାଧ୍ୟ। ଆମହାତରୁ ଠାକୁର ପାଣି ଛୁଅନ୍ତୁ କି ନ ଛୁଅନ୍ତୁ ଆମେ ଆଉ କଣ କରିପାରିବୁ !' ରେବର ଚିନ୍ତା ବଢିଲାଣି। ଛୁଆ କାହିଁକି ହେଉନି। ପ୍ରିୟା କଣ ଏମିତି ଖୋଉଛି ଯେ ସାତବର୍ଷରେ ବି ଭିକାରିର ମନ ଭରୁନି ! ଆଉରି କେତେ ବର୍ଷ ଏମିତି ଉପଭୋଗ କରି ଚାଲୁଥିବେ ! ବୁଲେଇବାଙ୍କେଇ ଯାହା କହିଲେ ଭିକାରି ଏ'କାନରେ ପୁରେଇ ସେ'କାନରେ ବାହାର କରେ। ଏ'ପ୍ରିୟାକୁ ବି ଛୁଆପିଲା ବିଷୟରେ ପଚାରିଲେ ମୁରୁକି ହସାଦେଇ ଅନ୍ୟ କାମରେ ଧ୍ୟାନ ଦେଉଛି। ସେ ଦୁହିଁଙ୍କ ଭିତରେ କ'ଣ ଚାଲିଛି, ରେବକୁ କିଛି ଜଣାପଡୁନି। ରେବ ଦିନେ ସାହସ ବାନ୍ଧି ପ୍ରିୟାକୁ ପଚାରିଲା, 'ତୁ କ'ଣ ଗୋଟେ ବନ୍ଧ୍ୟା ସ୍ତ୍ରୀ ? ତୋ'ର ମାସିକିଆ ଲୁଗା ତ ଠିକ୍ ସମୟରେ ପଡୁଛି, ଛୁଆପିଲା କାହିଁକି ହେଉନି ? ତୁ ଜାଣିଛୁ ତ ବାଂଝମୁହଁ ଚାହିଁଲେ ଅଶୁଭ ବୋଲି ! ଏତେ ଝିଅଙ୍କୁ ଦେଖେଇଲି, ଟୋକାର କାହାକୁ ମନ ପାଇଲାନି। ସେମାନେ ସବୁ ବାହାସାହା ହୋଇ ଗଣ୍ଡାଏ ଛୁଆର ମାଆ ହେଲେଣି, ଯା'କୁ କୋଉଠୁ ପାଇଲା କେଜାଣି ! ସାତବର୍ଷ ହେଲାଣି ଘଇତାସୁଆଗି ହୋଇ ଗୋଟାଏଖଟରେ ଶୋଉଛି ଯେ ପିଲାପିଚିକା କିଛି ବୋଲେ କିଛି ନାହିଁ।' ରେବ ପ୍ରିୟାକୁ ଏମିତି ନିଷ୍ଠୁର ଭାବରେ ଗାଳି କରୁକରୁ ନିଜର ଓକ୍କାର ଆସିଲା। ବେସିନ୍ ପାଖକୁ ଯାଇ ଅଳ୍ପ ବାନ୍ତିକରି କୁଳୁକୁଂଚା ପକେଇଲା ବେଳକୁ ପ୍ରିୟା କହୁଛି, 'ନାନୀ ତୁମର କ'ଣ ଦେହ ଖରାପ ?' ତୁରନ୍ତ ରୁକ୍ଷ ଗଳାରେ ରେବ ପ୍ରିୟାକୁ କୋଷିଲା, 'ବାଂଝ କି ଜାଣେ ପ୍ରସବ ବେଦନା। ପିଲାପିଲି ହେବାର ଥିଲେ ଏମିତି ବାନ୍ତି ହୁଏ, ମୁଣ୍ଡ ବୁଲାଏ। କଲେ ସିନା ଜାଣନ୍ତୁ। ତୋ ପରି ବାଂଝକୁ କହିବା ଯାହା ମଇଁଷି ଆଗରେ ବୀଣା ବଜେଇବା ସେଇଆ।' କିନ୍ତୁ ଭିକାରି ବଂଶ ମୁଁ କଦାପି ବୁଡିଯିବାକୁ ଦେବିନି। ମୁଁ ତାକୁ ଏଇ ଥନରୁ ମୋ କ୍ଷୀର ପିଆଇ ବଢେଇଛି। ତା' ଭାଉଜ ନୁହେଁ ମୁଁ ତା'ର ଭାଉଜ ମାଆ। ସଅଳ ଆଉ ଗୋଟେ କାହାକୁ ଦେଖି ତାକୁ ଛନ୍ଦିଦେଲେ ଦଶମାସରେ ଛୁଆ। ତୋ'କଥା ତୁ ବୁଝ, ମୁଁ ଅନ୍ୟଝିଅ ଯୋଗାଡ କରୁଛି। ତୁ ଅଫଳନ୍ତି ଲଟି, ଦେଖା ସୁନ୍ଦର ବଉଳା ଗାଈ। ବାଂଝ ହେଲୁ ମାନେ ସଉତୁଣୀ ଖଡୁମୁଷା ଖାଇବା ତୋ'ଭାଗ୍ୟରେ ଅଛି, ମୁଁ କ'ଣ କରିବି !



ଦାଣ୍ଡପଟରୁ ଭିକାରିର ଗାଡିଶବ୍ଦ ଶୁଣି ଉଭୟେ ଚୁପ୍ ହୋଇଗଲେ। ପ୍ରିୟାଆଖିରୁ ଲୁହ ବନ୍ଦ ହେବାର ନାଁ ନେଉ ନଥାଏ। ସମସ୍ତଙ୍କ ଅଗୋଚରରେ ନିଜ ମୁହଁ ସଫାକରି ନିଜର ଶୋଇବା ଘରଭିତରକୁ ଯାଇ ଭିତରର କୁଣ୍ଡି ଲଗେଇଲା। ରେବ ଭାବିଲା ବୋଧହୁଏ ମୋ ନାଁରେ ମିଛଖଚ କିଛି ଯୋଡି ସ୍ୱାମୀଆଗରେ ଏବେ କହିବ। ଭାଉଜ ଦିଅର ଭିତରେ କଳି ଲଗେଇବ। ପଛପଟ ଝରକାପାଖରେ ଲୁଚିକି ଛିଡାହୋଇ ଦୁଇପ୍ରାଣୀଙ୍କର କଥାକୁ ଶୁଣିବା ସହିତ ଭଅଁର କଣାରେ ଆଖିଲଗାଇ ଘରଭିତରର ଦୃଶ୍ୟକୁ ମଝିରେ ମଝିରେ ଦେଖିବାକୁ ଲାଗିଲା। ପ୍ରିୟା ଭିକାରିର ଗୋଡତଳେ ମୁଣ୍ଡିଆମାରି ମାଆ ହେବାକୁ ଅନୁରୋଧ କଲାପରେ ଭିକାରି କହୁଛି,

- ବିବାହ ପୂର୍ବରୁ ମୋତେ ଦେଇଥିବା କଥାସବୁ ତୁମେ କ'ଣ ଭୁଲିଗଲ ?
- କିଛି ମୁଁ ଭୁଲିନି। ହେଲେ ମୁଁ ଆଉ ସହି ପାରୁନି । ବାପା ବୋଉ ମୋ ମୁହଁ ଚାହିଁ ପୂଜାକଲେ ଠାକୁର ପାଣି ଛୁଉଁନାହାନ୍ତି । ତାଙ୍କର ପାପ ହେଉଛି । ସକାଳୁସକାଳୁ ମୋ ମୁହଁ ଚାହିଁଲେ ନାନୀଙ୍କର ଅଶୁଭ ହେଉଛି । ଯେଉଁଘରେ ଏତେ ଛୁଆ ଅଛନ୍ତି, ଆମ ଦୁହିଁଙ୍କର ଗୋଟିଏ ଛୁଆ କ'ଣ ବେଶି ହୋଇଯିବ ! ମୋତେ ବନ୍ଧ୍ୟାସ୍ତ୍ରୀ ଶବ୍ଦ ଶୁଣିବାକୁ ଆଦୌ ଭଲ ଲାଗୁନାହିଁ। ଆତ୍ମହତ୍ୟା କରିବାକୁ ଇଚ୍ଛା ହେଉଛି, ମୁଁ ଆଉ ପାରୁନି । ପୁଅହେଉ କି ଝିଅହେଉ ଆମର ଗୋଟିଏ ଛୁଆ ହେଲା ପରେ ହିଁ ମୋତେ ଏ ଲୋକହସାରୁ ମୁକ୍ତି ମିଳିପାରେ।
- ପ୍ରିୟା ! ଏବେ ବି ମୋର ତିନିଭଉଣୀ ଓ ଦୁଇଝିଆରୀ ବାହାହେବାକୁ ଘରେ ବସିଛନ୍ତି। ବାପା ଓ ଭାଇଙ୍କର ରୋଜଗାର ତ ତୁମେ ଜାଣ। ତୁମର ଯଦି ପୁଅ ନ ହୋଇ ଝିଅଟିଏ ହେଲା ?
- ମୁଁ ନିଜେ ରାକ୍ଷସୀମାଆ ହୋଇ ଏକୁଡିନିଆଁରେ ସେ ଝିଅକୁ ପୋଡି ମାରିଦେବି। କିନ୍ତୁ ତା'ପରେ ମୋତେ ବାଂଝ କି ବନ୍ଧ୍ୟାସ୍ତ୍ରୀ କେହି କହିବେନି। ମୋର ଛୋଟପ୍ରାର୍ଥନା ରଖିବନି ?
- ପ୍ରିୟା ! ତୁମପାଇଁ ଏଭଳି କିଛି ଅପବାଦ ଆସିବ ବୋଲି ମୁଁ ଆଗରୁ ଭାବି ପାରିନଥିଲି । ତୁମେ ଯେଉଁଦିନ ମୋର ସର୍ତ୍ତରେ ରାଜିହୋଇ ମୋତେ ବିବାହ କରିବାକୁ କଥାଦେଲ, ସେହିଦିନ ମୁଁ ଡାକ୍ତରଖାନା ଯାଇ ନିଜର ପରିବାର ନିୟୋଜନ ଅସ୍ତ୍ରୋପଚାର କରିଦେଲି । ତେଣୁ ମୁଁ କେବଳ ସମ୍ଭୋଗ କରିବାକୁ ସକ୍ଷମ, କିନ୍ତୁ ପିତା ହେବାକୁ ଅକ୍ଷମ। ମୋତେ କ୍ଷମା କରିଦେବ ପ୍ରିୟା, ମୁଁ ତୁମ ଅନୁରୋଧ ଆଜି ରକ୍ଷା କରିବାକୁ ସମର୍ଥ ନୁହେଁ।

ଏତିକି ଶୁଣି ରେବ ଆଗପଟକୁ ବୁଲିଆସି ଭିକାରି ଶୋଇବାଘର କବାଟ ବାଡେଇବାରୁ ଭିକାରି ଖୋଲିଲା । ଘର ଚଟାଣରେ ପ୍ରିୟା ଲୋଟିପଡି ଲୁହ ବୁହାଉଥାଏ । ରେବ ପ୍ରିୟା ସାମ୍ନାକୁ ଯାଇ ହାତଯୋଡି ତାର ଦୁଇଗୋଡରେ ନିଜ ମୁଣ୍ଡକୁ ରଖି କହିଲା, -'ମୋତେ କ୍ଷମା କରିଦେ ପ୍ରିୟା। ଆଜିଠାରୁ ତୁ ମୋ'ଝିଅ, ଭିକାରି ମୋ'ପୁଅ। ମୋ'ପାଟିରେ ପୋକପଡୁ ତୋ'ଭଳି ଦେବୀକୁ ମୁଁ ବନ୍ଧ୍ୟା କହିଲି ! ତୁମେ ଦୁଇଜଣଯାକ ମଣିଷ ନୁହେଁ ଦେବୀ ଦେବତା। ମୋତେ କ୍ଷମା କରିଦେବୁ, ଆଉ ଏ'ଜୀବନରେ ତୋତେ କେବେ ବି ଦୁଃଖ ଦେଲାଭଳି କୌଣସି କଥା କହିବିନି । ବାପାବୋଉଙ୍କୁ ମୁଁ ସବୁ ସତକଥା କହିଦେବି । ସେ ତୋତେ ଆଗରୁ ଯେମିତି ଭଲ ପାଉଥିଲେ, ସେମିତି ଦେଖିବେ। ଏତେ ବଡ ତ୍ୟାଗ ! ସତରେ ଭିକାରି ତୁ ମୋ'କ୍ଷୀରର ପୁରା ପାଉଣା ସୁଝେଇଦେଲୁ। ଆମେ ପ୍ରିୟାକୁ ଦୋଷୀବୋଲି ଭାବି ଏଣ୍ଡୁତେଣ୍ଡୁ କେତେକେତେ କଥା ନିତିଦିନ କହୁଛୁ ! ଛାତିକୁ ପଥର କରି ସିଏ ଚୁପ୍‌ଚାପ୍ ସବୁ ସହିଯାଉଛି, ହେଲେ ପଦେହେଲେ ଲେଉଟାଇ କହୁନି। ଚାଣ୍ଡାଳ ! ଅପରେସନ୍ ହୋଇଗଲୁ ! ଆମପାଇଁ ନିଜେନିଜର ବଂଶବୁଡେଇ ଦେଲୁ ?' ଏତେ ବଡକଥା ମୋତେ ଲୁଚେଇଲୁ କାହିଁକି ? ମୁଁ ପରା ତୋ'ର ମାଆ। ମାଆ ଆଗରେ ପୁଅ କ'ଣ ଲୁଚାଏ ? ସମ୍ପର୍କରେ ପୁଣି ନିଜର ଭାଉଜ। ଭାଉଜକୁ କିଏ କ'ଣ ଲଜ କରେ ! ଆଉ ପ୍ରିୟା ! ତୁ ନାନୀନାନୀ ହୋଇ ଏତେବର୍ଷ ମୋ ଭଉଣୀ ସାଜି ମଧ୍ୟ ମୋତେ ଅନ୍ଧାରରେ ରଖିଲୁ କାହିଁକି ? ତୁ ଏ ଘରେ ଜଣେ ବନ୍ଧ୍ୟା ସ୍ତ୍ରୀ ନୁହେଁ , ବରଂ ସାକ୍ଷାତ୍ ମା' ଲକ୍ଷ୍ମୀ। ଭିକାରି ମୋତେ ମୁଖାଗ୍ନି ଦେବ। କାରଣ ମୁଁ ତାର ମାଆ, ଭାଉଜ ମାଆ।

ଏଲ୍-୧୭/୧୫, ଫଂଚସଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦

# ଫେବୃୟାରୀ ୧୧ ତାରିଖରେ ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର, ୨୯/୦୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଫେବୃୟାରୀ ମାସ ୧୧ ତାରିଖ ଶନିବାର ଦିନ ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ଥିବା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଖୋର୍ଦ୍ଧା-ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ଏହି ଲୋକ ଅଦାଲତରେ ରଫା ଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ଗାଡି-ମୋଟର ଦୁର୍ଘଟଣାଜନିତ ମାମଲା, ଶ୍ରମ ବିବାଦ, ଜନ ଉପଯୋଗୀ ମାମଲା, ବିଦ୍ୟୁତ୍, ପାନୀୟଜଳ, ବୈବାହିକ, ଜମିଅଧିଗ୍ରହଣ, ପେନସନ୍ ଓ ନିଯୁକ୍ତି, ରାଜସ୍ୱ ମାମଲା, ଟେଲିଫୋନ୍ ଦେୟ ଅନାଦେୟ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ଖାଉଟି ସୁରକ୍ଷା ମାମଲାମାନ ଆପୋଷ ବୁଝାମଣା କରିଆରେ ସଂପୃକ୍ତ ବିଭାଗୀୟ ଅଦାଲତ ମାନଙ୍କରେ ଫଇସଲା କରାଯିବ ବୋଲି ସଚିବ ଶ୍ରୀମତୀ ସୌଦାମିନି ସିଂ ପ୍ରକାଶ କରିଛନ୍ତି । ତେଣୁ ଜନସାଧାରଣ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହେବାର ଯଥେଷ୍ଟ ପୂର୍ବରୁ ସଂପୃକ୍ତ ଅଦାଲତରେ ନିଜ ନିଜର ମାମଲାର ଆପୋଷ ସମାଧାନ ପାଇଁ ଦରଖାସ୍ତ କରି ଫଇସଲା କରି ପାରିବେ ନତୁବା ଅଦାଲତ ପରିସରରେ ଥିବା ଆଇନ ସେବା ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ, ମୋକଦ୍ଦମା ନଥାଇ ମଧ ଯଦି ନିଜ ନିଜ ମଧରେ ବା ଅପର ପକ୍ଷଙ୍କ ସହ ବିବାଦ ଲାଗି ରହିଥାଏ, ତେବେ ଉକ୍ତ ବିବାଦର ସମାଧାନ ପାଇଁ ମଧ ଉଭୟ ପକ୍ଷ ଆଇନ ସେବା ବିଭାଗକୁ ନିର୍ଦ୍ଧାରିତ ଫର୍ମରେ ଆପୋଷ ବୁଝାମଣା ପାଇଁ ଦରଖାସ୍ତ ପ୍ରଦାନ କଲେ, ଏହା ଫଇସଲା ହୋଇପାରିବ ବୋଲି ସଚିବ ଶ୍ରୀମତୀ ସିଂ ସୂଚନା ଦେବା ସହ ଜନସାଧାରଣ ଏହାର ସୁଯୋଗ ନେବାକୁ ଏବଂ ସୁଫଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି ।

# ଗୁପ୍ତେଶ୍ୱରଠାରେ ମହା ଶିବରାତ୍ରୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୨୯/୦୧ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ଗୁପ୍ତେଶ୍ୱର ଶୈବ ପୀଠ ଠାରେ ମହା ଶିବରାତ୍ରୀ ବହୁ ଅଡମ୍ବର ସହକାରେ ପାଳନ କରାଯିବ । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଜୟପୁର ପୌରପାଳିକା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କର ।ଯାଇଥିଲା । ଯେପରି ଯାନବାହାନ ନିୟନ୍ତ୍ରଣ ନିମନ୍ତେ ହଳଦିକୁଣ୍ଡ ରାସ୍ତା ଠାରୁ ଡକରିଘାଟି ପର୍ଯ୍ୟନ୍ତ ଗତି ପରିବର୍ତନ । ପାର୍କି ସ୍ଥାନକୁ ସଫା ସୁତୁରା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଭିଡ ନିୟନ୍ତ୍ରଣ ନିମନ୍ତେ ଗୁପ୍ତେଶ୍ୱର ମନ୍ଦିରର ଯୁବକ ସଂଘରୁ ୧୫୦ ଜଣ ସ୍ୱେଚ୍ଛାସେବୀ ଯୋଗେଇ ଦେବେ । ସ୍ୱେଚ୍ଛାସେବକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଟି-ସାର୍ଟ ଏବଂ ବ୍ୟାଚ ଦିଆଯିବ । ନଦୀ ଘାଟରେ କୌଣସି ଅଭାବନୀୟ ଘଟଣା ନ ଘଟିବା ପାଇଁ ନଦୀ ଘାଟ ଜଗିବା ନିମନ୍ତେ ଅଗ୍ନିଶମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସ୍ୱର୍ଗଦ୍ୱାର ପାଖରେ କେବୁଲ ତାର ନ ଥିବା ଯୋଗୁ ନୂଆ ଭାବରେ କେବୁଲ ଲଗାଯିବ ଓ ରାଜସ୍ୱ ବଙ୍ଗଳାକୁ ମଧ ବିଦ୍ୟୁତିକରଣ କରାଯିବା । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଅସ୍ଥାୟୀ ପାନୀୟ ଟ୍ୟାଙ୍କର ମନ୍ଦିର ସାମନାରେ ରଖାଯିବ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲା ଖାଉଟି ଓ ଯୋଗାଣ ବିଭାଗ ତରଫରୁ ୨ ଗୋଟି ଷ୍ଟଲ ଲାଗିବ । ଏହି ବର୍ଷ ଚଢେଇପାଣି ରାସ୍ତାରେ କାଠ ପୋଲ ନିର୍ମାଣ କରାଯିବ । ଭିଡ ଯୋଗୁଁ ଅଭାବନୀୟ ଘଟଣାକୁ ଏଡାଇବା ନିମନ୍ତେ ଏକ ସ୍ୱାସ୍ଥ୍ୟ ଦଳ ଆମ୍ବୁଲାନ୍ସ ଗାଡି ସହ ୧୭.୦୨.୨୦୨୩ ଦିନ ଠାରୁ ଉପସ୍ଥିତ ରହିବେ । ଅବାସ ସ୍ଥାନ ନିମନ୍ତେ ଗୋଷ୍ଠୀ ଉନ୍ନୟନଙ୍କ ରାଜସ୍ୱ ବଙ୍ଗଳା, ଆଲିଶାନ ହୋଟେଲ ଓ ଗୁପ୍ତେଶ୍ୱରରେ ଥିବା ରାଜସ୍ୱ ବଙ୍ଗଳା ଆରକ୍ଷିତ ରହିବ । ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ । ଯେହେତୁ ଉକ୍ତ ଦିନ ବହୁତ ଭିଡରେ ଯୋଗାଯୋଗ ଅସୁବିଧା ହେବ ସେଠି ପାଇଁ ବସଷ୍ଟାଣ୍ଡ ନିକଟରେ ଏକ ମୋବାଇଲ ନେଟଓ୍ୱର୍କର କାପାସିଟି ବଢାଇବା ନିମନ୍ତେ ଅନୁରୋଧ କରାଯାଇଛି । କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ବୈପାରିଗୁଡାଙ୍କୁ ଅନୁରୋଧ କରାଯାଇଛି । ପ୍ରତି ବର୍ଷ ୨ ଗୋଟି ଷ୍ଟଲ ହୁଏ ଏବଂ ଏଥି ନିମନ୍ତେ ଡାଲି ଓ ଚାଉଳ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ଯୋଗାଇ ଦେବେ । ପ୍ରତି ବର୍ଷ ୨୦ଟି ବସ୍ ଜୟପୁର ଠାରୁ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ଚଳାଚଳ ହୁଏ । ବସ୍ ଟିକଟ ବାବଦରେ ଟ.୭୦/- ରଖା ଯାଇଛି । ଦେବ ଦର୍ଶନ ନିମନ୍ତେ ସ୍ପେଶାଲ ଟିକଟ ଟ.୩୦୦/- ରଖାଯାଇଛି । ଟୋଲ ଗେଟ ଫି ପାଇଁ ମୋଟର ସାଇକଲ ନିମନ୍ତେ ଟ.୧୦/-, ଅଟୋ ନିମନ୍ତେ ଟ.୨୦/-, ଚାରି ଚକିଆ ଯାନ ନିମନ୍ତେ ଟ.୫୦/- ରଖାଯାଇଛି । ଏହି ପୂଜା ନିମନ୍ତେ ବ୍ରାହ୍ମଣ ସମାଜଙ୍କୁ ୨ କୁଇଂଟାଲ କାଠ ଓ ୮ କେଜି ଘିଅ ଯୋଗେଇ ଦେବା ନିମନ୍ତେ ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଛି । ଏହି ଦିନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏକ ସୂଚନା କେନ୍ଦ୍ର କରାଯାଇଥାଏ । ହରିହର ମିଳନ ରାତ୍ର ୧୨ଟା ରେ ଏବଂ ତା ପରେ ପରେ ମହା ଦୀପ ଉଠିବ ।

ଏହି ବୈଠକରେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହରିଶ ବି.ସି, ଜୟପୁର ତହସିଲଦାର ପ୍ରଧାନ ତୁଳି ଆମ୍ପା, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପାଳିକା ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟାନ୍ୟ ଭାରପ୍ରାପ୍ତ ପୋଲିସ ଅଧିକାରୀ, ଟାଉନ ଥାନା, ଭାରପ୍ରାପ୍ତ ପୋଲିସ ଅଧିକାରୀ, ବୈପାରିଗୁଡ଼ା, ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ବୈଠକକୁ ପ୍ରଧାନ ତୁଳି ଆମ୍ପା, ତହସିଲଦାର ଜୟପୁର ପରିଚାଳନା କରିଥିଲେ । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯/୦୧ (ନି.ପ୍ର): ସାହିତ୍ୟର ମୂଳ ଉଦ୍ଦେଶ୍ୟ ହିତ ସାଧନ ନୁହେଁ, ବରଂ ଏହା ଆମ ସହିତ ରହି ବିବର୍ତିତ ହୋଇ ଚାଲିଥାଏ । ମାନବଜାତି ସହିତ ସାହିତ୍ୟ ସଂପର୍କ ନିବିଡ଼ । ସାମାଜିକ-ସାଂସ୍କୃତିକ ବ୍ୟବସ୍ଥାର ଅବବୋଧ ଓ ଅନୁଭୂତିକୁ ନେଇ ସାହିତ୍ୟିକ ଲେଖନୀ ଚାଳନା କରିଥାଏ ଏବଂ ତାହା ହିଁ ମଣିଷ ସହିତ ସାହିତ୍ୟର ସଂପର୍କକୁ ପ୍ରମାଣିତ କରିଆସିଛି ବୋଲି ଅତିଥିମାନେ ମତପ୍ରଦାନ କରିଛନ୍ତି । ଆଜି ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପରୋକ୍ତ ମର୍ମରେ ଅତିଥିମାନେ ସାହିତ୍ୟର ଉଦ୍ଦେଶ୍ୟ, ସାହିତ୍ୟିକର ଆଭିମୁଖ୍ୟ ଓ ସମାଜ ଉପରେ ସାହିତ୍ୟର ପ୍ରଭାବ ନେଇ ଆଲୋକପାତ କରିଛନ୍ତି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ହରପ୍ରସାଦ ଦାସ, ଖ୍ୟାତିସଂପନ୍ନ ସିନେ-ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ମହାପାତ୍ର ଓ ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତି ମଂଚାସୀନ ଥିଲେ । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ଉପସଭାପତି ଶ୍ରୀ ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଭୁବନେଶ୍ୱର ସାହିତ୍ୟ ପର୍ବ'ର ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟ ସବୁବେଳେ ପରିବର୍ତନକୁ ସ୍ୱାଗତ କରିଆସିଛି ଓ ସମାଜ ବ୍ୟବସ୍ଥାରେ ସୁଧାର ଓ ସଂଶୋଧନ ପାଇଁ ମାର୍ଗ ଦର୍ଶାଇ ଆସିଛି । ଆଜି ଗ୍ରହଣୀୟ ଲାଗୁ ନଥିବା ସାହିତ୍ୟ କୃତି ଆସନ୍ତାକାଲିକୁ ଅଧିକ ମାତ୍ରାରେ ଆଦୃତ ହେବାର ସମ୍ଭାବନା ରହିଛି ବୋଲି ଅତିଥିମାନେ ଦର୍ଶାଇଥିଲେ । ଶ୍ରୀମତୀ ମାନି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ପରେ ପରେ 'ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନାର ଦିଗ' ପ୍ରସଙ୍ଗ ଉପରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, ଡ. ଦିଲ୍ଲୀପ କୁମାର ସ୍ୱାଇଁ, ଡ. ଜ୍ଞାନୀ ଦେବାଶିଷ ମିଶ୍ର, ଡ. ମମତା ପ୍ରିୟଦର୍ଶିନୀ ସାହୁ ଆଲୋଚନା କରିଥିଲେ । 'ଓଡ଼ିଆ ପତ୍ରପତ୍ରିକାର ପ୍ରସାର ସଂକଟ' ଶୀର୍ଷକ ଆଲୋଚନା ଚକ୍ରରେ ଡା. ଉପେନ୍ଦ୍ର ପ୍ରସାଦ ନାୟକ, ଶ୍ରୀ ରମାକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଡା. ଦେବେନ୍ଦ୍ର ନାଥ ମାନସିଂହ ଓ ଶ୍ରୀ ଶୁଭ୍ରାଂଶୁ ପଣ୍ଡା ଅଂଶଗ୍ରହଣ କରିଥିଲେ । ସେହିପରି 'ଆମ ଗପ: ଅନ୍ୟଠୁ ଭିନ୍ନ ଓ ଅନନ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ ଶ୍ରୀ ଆର୍ଯ୍ୟ ଯଜ୍ଞଦତ, ବିୟତ୍‌ପ୍ରଜ୍ଞା ତ୍ରିପାଠୀ, ଡ. ଅନୀଲ କୁମାର ପାଢ଼ୀ, ଡ. ରମେଶ ପଟ୍ଟନାୟକ ଅଂଶଗ୍ରହଣ କରିଥିବାବେଳେ ଶ୍ରୀ ସରୋଜ ବଳ ସଂଯୋଜନା କରିଥିଲେ । 'ଅନୁବାଦକ ପାଇଁ ଆହ୍ୱାନ' ଶୀର୍ଷକ ଆଲୋଚନା ଚକ୍ରରେ ଡ. ଚିତରଞ୍ଜନ ମିଶ୍ର, ଶ୍ରୀ ପ୍ରଶାନ୍ତ ମହାନ୍ତି, ଶ୍ରୀ ବଙ୍ଗାଳୀ ନନ୍ଦ, ଶ୍ରୀ ସୋମେଶ ମହାପାତ୍ର ଅଂଶଗ୍ରହଣ କରିଥିଲେ ଓ ଡ. ପ୍ରଦୀପ କୁମାର ରାୟ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସୁଗାୟିକା ଅନିନ୍ଦିତା ଦାସ ସଂଗୀତ ପରିବେଷଣ କରିଥିଲେ । ଏହାପରେ ଡ. ହିମାଂଶୁ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ବୃତଚିତ୍ର 'ଧୀର ପାଣି' ପ୍ରଦର୍ଶିତ ହୋଇଥିଲା । ଡ. ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ ବାରିକ, ଆଭାସ ବରାଳ, ବିଧୁଭୂଷଣ ତ୍ରିପାଠୀ, ସଂଜୟ ମହାନ୍ତି, ଶାକ୍ୟସିଂହ ମହାପାତ୍ର ଓ ରାଜାରାମ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦିବସବ୍ୟାପୀ ଆୟୋଜିତ ସମସ୍ତ ଆଲୋଚନା ଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକ, ସଂସ୍କୃତିକର୍ମୀ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ସମବେତ ହୋଇଥିଲେ । ଭୁବନେଶ୍ୱର ସାହିତ୍ୟ ପର୍ବ ଆସନ୍ତାକାଲି ଉଦ୍‌ଯାପିତ ହେବ ।

# କୁଇ ଭାଷା ସାହିତ୍ୟ ରାଜ୍ୟସ୍ତରୀୟ ସମ୍ମିଳନୀ ଓ କବିତା ପାଠ

କନ୍ଧମାଳ, ୨୯/୦୧ (ନି.ପ୍ର): କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୩ ଉପଲକ୍ଷେ କୁଇ ଭାଷା ସାହିତ୍ୟ କର୍ମଶାଳା ଓ କୁଇ କବିତା ପାଠୋତ୍ସବ ଏବଂ ଆଲୋଚନାଚକ୍ର ଆଇଟିଡିଏ, ଫୁଲବାଣୀ ସଭାଗୃହ ଠାରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ କୁଇ ଭାଷାର ପ୍ରଚାର ପ୍ରସାର ସମ୍ବନ୍ଧରେ ଆଲୋଚନାଚକ୍ର ଜିଲ୍ଲା ଶିକ୍ଷା ଅଧିକାରୀ, କନ୍ଧମାଳ, ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । କୁଇ କବି ନରତୋମ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ତଥା ଗବେଷକ ଡଃ. ପରମାନନ୍ଦ ପଟେଲ୍, ମୁଖ୍ୟ ଆଲୋଚକ ଭାବରେ ଯୋଗଦାନ କରି କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଛେଦରେ ସ୍ଥାନୀତ କରିବା ପାଇଁ ବିଭିନ୍ନ ସରକାରୀ ବିଧି ବିଧାନ ଏବଂ କୁଇ ସାହିତ୍ୟର ରୂପରେଖ ଉପରେ ଆଲୋଚନା କରିଥିଲେ । ଆବାହକ ନରେଶ ଚନ୍ଦ୍ର ଶବର, ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ଆଜିର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଡା. ନୀରଦ ଚନ୍ଦ୍ର କହଁର କୁଇ ଭାଷାର ପ୍ରଚାର ଓ ପ୍ରସାର ବେସରକାରୀ ତଥା ସରକାରୀ ସ୍ତରରେ ଉଦ୍ୟମ ହେବା ପାଇଁ ଧ୍ୟାନ ଆକର୍ଷଣ କରିଥିଲେ । ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଭାକର ପ୍ରଧାନ କୁଇ ଭାଷା ଅନ୍ୟମାନଙ୍କ ଦ୍ୱାରା କେଉଁଭଳି ପ୍ରଭାବିତ ହେଲା ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଭାସ୍କର ପ୍ରଧାନ କୁଇ ମନ୍ତ୍ର, କୁଇ ବିଧି ବିଧାନ ଗୁଡ଼ିକ ପୁସ୍ତକ ଆକାରରେ ସଂରକ୍ଷଣ କରିବା ପାଇଁ ମତ ରଖିଥିଲେ । ଲମ୍ବୋଦର କହଁର କୁଇ ଭାଷାରେ କଥାବାର୍ତା ହେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସଦାଶିବ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କୁଇ ଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ସମସ୍ତଙ୍କର ଭୂମିକା ରହିଛି ବୋଲି ମତ ପ୍ରକାଶ କରିଥିଲେ ।

ଦ୍ୱିତୀୟ ଅଧିବେଶନ କୁଇ କବିତା ପାଠୋତ୍ସବ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅପରାହ୍ନ ୩ଟା ସମୟରେ ଦୀନବନ୍ଧୁ କହଁରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା ଏବଂ ସଂଧ୍ୟା ୬ଟାରେ ସମାପ୍ତ ହୋଇଥିଲା । ଏଠାରେ ଅବସରପ୍ରାପ୍ତ ଅତିରିକ୍ତ କମିଶନର କୁମୁଦ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ, ଡାକ୍ତର ନୀରଦ ଚନ୍ଦ୍ର କହଁର, ଲମ୍ବୋଦର କହଁର, ବିଜୟ କୃଷ୍ଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଭ୍ୟ ସଦାଶିବ ପାତ୍ର ମଂଚାସୀନ ଥିଲେ । ୩୦ ଜଣରୁ ଉର୍ଦ୍ଧ୍ୱ କୁଇ କବି ବିଭିନ୍ନ ସ୍ୱାଦର କବିତା ଆବୃତି କରିଥିଲେ । ଖଞ୍ଜଣୀ ବାଦ୍ୟର ତାଳେ ତାଳେ ଭାବଗର୍ଭକ ନବରସର କୁଇ କବିତା ସମସ୍ତ ଶ୍ରୋତାଙ୍କୁ ବିମୋହିତ କରି ବାନ୍ଧି ରଖିଥିଲା । କୁଇ କବି ସୁଦର୍ଶନ କହଁର, ବଳି କହଁର, ଭୃଙ୍ଗରାଜ କହଁର, ଇଶ୍ର ମିଣ୍ୟାକା(କୋଲରାପୁଟ), ବୁଲୁ ହିକାକା(କୋରାପୁଟ), ଉଦୟନାଥ ପ୍ରଧାନ, ପ୍ରଦୀପ କହଁର, ଗଣପତି ମଲ୍ଲିକ, କରୁଣାକର ପ୍ରଧାନ, ରାମ ଚନ୍ଦ୍ର କହଁର, ବିଶ୍ରବା ପ୍ରଧାନ, ଲଙ୍କେଶ୍ୱର କହଁର, ମଙ୍ଗରାଜ କହଁର, ଶରତ ଚନ୍ଦ୍ର ମଲ୍ଲିକ, ବିଶ୍ୱମ୍ବର ପ୍ରଧାନ, ଡରେ ମଲ୍ଲିକ, ବିପିନ୍ ମଲ୍ଲିକ, ସତ୍ୟଶ୍ୱର କହଁର, କିନ୍ଦୁ କହଁର, ଲଣ୍ଡା କହଁର, ମୋହନ ଦିଗାଲ, ନାଭିଦତ୍ୟ ଦିଗାଲ, କେମ ଦିଗାଲ ଆଦି କବିତା ପାଠ କରିଥିଲେ ।

# କେନ୍ଦୁଝରରେ ଆବାସ ଗୃହ ସହ ସରକାରୀ ସୁବିଧାରୁ ବଂଚିତ ୩ ଗ୍ରାମର ଅଧିବାସୀ

କେନ୍ଦୁଝର, ୨୯/୦୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ପ୍ରକୃତ ହିତାଧିକାରୀ ତାଲିକାରୁ ବାଦ୍ ପଡିଥିବାରୁ ଏହାକୁ ନେଇ ଜିଲ୍ଲାର ବିଭିନ୍ନ ଅଂଚଳରେ ଜନ ଅସେନ୍ତାଷ ବଢିବାରେ ଲାଗିଛି । ଏପରିକି ଅନେକ ଗ୍ରାମର ଅଧିବାସୀ ସରକାରଙ୍କର ଯୋଜନାରୁ ଆଜି ବି ବଂଚିତ ହୋଇ ରହିଛନ୍ତି । ଯାହାକି କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ବ୍ଲକ ଅଂଚଳରେ ଦେଖିବାକୁ ମିଳିଛି । ୨୦୧୧ ଜନ ଗଣନା ଅନୁଯାୟୀ, ଏସଇସିସି ଲିଷ୍ଟରେ ନାମ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ତଥା ଅନ୍ୟ ପ୍ରାୟ ସମସ୍ତ ସମସ୍ତ ପ୍ରକାର ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଂଚାୟତର ବଳଭଦ୍ରପୁର ଓ ଜଗନ୍ନାଥପୁର ସମେତ ନିର୍ଶ୍ଚିନ୍ତପୁର ଗ୍ରାମପଂଚାୟତର ଘୁଣ୍ଟୁପଶି ଗ୍ରାମବାସୀ । ଏ ସମ୍ପର୍କରେ ସଂପୃକ୍ତ ୩ ଟି ଗ୍ରାମର ଅଧିବାସୀ ଅନେକ ଥର ଜିଲାପାଳ, ଉପଜିଲାପାଳ, ଝୁମ୍ପୁରା ବିଡିଓଙ୍କ ଠାରୁ ରାଜନେତା ମାନଙ୍କ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରି ଆସିଥିଲେ ମଧ ନ୍ୟାୟ ତ ଦୂରର କଥା ସବୁ ସମୟରେ କେବଳ ପ୍ରତିଶୃତିରେ ହିଁ ସୀମିତ ହୋଇ ରହିଛି । ହେଲେ ସମସ୍ୟାର ସମାଧାନ ହୋଇ ପାରିନାହିଁ । ସରକାରଙ୍କ ଏତାଦୃଶ୍ୟ ମନୋଭାବ ପ୍ରତିବାଦରେ ଗତ ପଂଚାୟତ ନିର୍ବାଚନରେ ବଳଭଦ୍ରପୁର ଓ ଜଗନ୍ନାଥପୁର ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ । ସେ ସମୟରେ ଏହାର ସମାଧାନ କରାଯିବ ବୋଲି ତତ୍କାଳୀନ ଚମ୍ପୁଆ ଉପଜିଲାପାଳ ନିର୍ଭର ପ୍ରତିଶୃତି ଦେଇଥିଲେ ମଧ ବର୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ । ଜଙ୍ଗଲାଂଚଳରେ ଅବସ୍ଥିତ ଏହି ୩ଟି ଗ୍ରାମବାସିନ୍ଦା ମୁଖ୍ୟତଃ ଶ୍ରମଜୀବି, ଚାଷାଦି କାର୍ଯ୍ୟକରି ଜୀବିକା ନିର୍ବାହ କରିଥାନ୍ତି । ୩ଟି ଗ୍ରାମର ୯୦ ପ୍ରତିଶତ ବାସିନ୍ଦା ଆଦିବାସୀ ସମୁଦାୟର, ଏମାନଙ୍କର ମଧ୍ୟରୁ ଅନେକ ଜଙ୍ଗଲ ଜାତଦ୍ରବ୍ୟ ବିକ୍ରିବଟା କରି ଜୀବିକା ନିର୍ବାହ କରିଥାନ୍ତି । ଆବାସ ଯୋଜନା ଏହି ୩ଟି ଗ୍ରାମକୁ ଅପହଁଚ ହୋଇପଡିଥିବା ବେଳେ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ସମସ୍ୟା ନେଇ ଉକ୍ତ ୩ଟି ଗ୍ରାମର ବାସିନ୍ଦା କଷ୍ଟ ଭୋଗି ଚାଲିଛନ୍ତି । ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପାନୀୟ ଜଳ ଯୋଗାଇ ଦେବା, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଦାବି ନେଇ ଗତ ୨୪/୧/୨୦୨୩ ରିଖ ଘୁଣ୍ଟୁପଶି ଗ୍ରାମବାସିନ୍ଦା ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟରେ ଦାବି ପତ୍ର ଦେବା ସହ ଗଣଧାରଣା କରିଥିଲେ । ୨୭/୧/୨୦୨୩ ରିଖ ଜଗନ୍ନାଥପୁର ଓ ବଳଭଦ୍ରପୁର ଗ୍ରାମବାସିନ୍ଦା ଶୋଭାଯାତ୍ରା, ଗଣଧାରଣା କରିବା ସହ ଝୁମ୍ପୁରା ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି । ଏହାର ସମାଧାନ ନହେଲେ ଉକ୍ତ ୩ ଗ୍ରାମର ଅଧିବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବାବୁଲାଲ ମହାନ୍ତ, ଲକ୍ଷ୍ମୀରାଣୀ ଦାସ, କିରଣ ଆରୁକ, ହୃଷିକେଶ ମହାନ୍ତ, ବେଣୁଧର ମହାନ୍ତ, ସସ୍ମିତା ମହାନ୍ତ, ବିକ୍ରମ ମୁଣ୍ଡା, ରଇଦାସ ମୁଣ୍ଡା, କୈଳାସ ମୁଣ୍ଡା, ରାନୁ ମୁଣ୍ଡା ପ୍ରମୁଖ କହିଛନ୍ତି । ଅଭିଯୋଗ ସମ୍ପର୍କରେ ପଚାରିବାରୁ ଜିଲାପାଳଙ୍କୁ ରିପୋର୍ଟ କରାଯାଇଛି । ସମସ୍ୟା ସମାଧାନ କରିବାକୁ ପଦେକ୍ଷପ ନିଆଯିବ ବୋଲି ଝୁମ୍ପୁରା ବିଡିଓ ଉମାକାନ୍ତ ପରିଡା କହିଛନ୍ତି ।

# ଆଦିବାସୀ ନାବାଳିକା ଛାତ୍ରୀ ମା' ହେବା ଘଟଣାକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର, ୨୯/୦୧ (ନି.ପ୍ର): କେନ୍ଦୁଝରରେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଆଦିବାସୀ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଓ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏହାକୁ ନେଇ ବିଭନ୍ନ ପ୍ରଶ୍ନ ଉଙ୍କି ମାରିଛି ।

ସମ୍ପୃକ୍ତ ଛାତ୍ରୀ ଜଣକ କେନ୍ଦୁଝର ଜିଲ୍ଲା ସଦର ଥାନା ଅଂଚଳର ଏକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଆଶ୍ରମ ସ୍କୁଲରେ ନବମ ଶ୍ରେଣୀରେ ପଢନ୍ତି । ୧୫ ବର୍ଷିୟା ଏହି ଛାତ୍ରୀ ଜଣକ ଗତ ମକର ଛୁଟିରେ ୧୨ ତାରିଖରେ ସ୍କୁଲରୁ ଘରକୁ ଯାଇଥିଲେ ମଧ ଆଉ ସ୍କୁଲକୁ ଆଉ ଫେରି ନଥିଲେ । ଘରେ ଥିବାବେଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଏବଂ ଗତ ୨୫ ତାରିଖରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଆଡମିଶନ ହେବା ପରେ ଛାତ୍ରୀ ଜଣକ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ମାଉ ଦେହ ଭଲ ରହିଥିବା ବେଳେ ଶିଶୁ କନ୍ୟାଟିକୁ ଏସ.ଏନ.ସି.ୟୁ ରେ ଭର୍ତି କରାଯାଇଥିବା ଜଣାପଡିଛି । ନାବାଳିକା ଛାତ୍ରୀଙ୍କ ମା ସଦର ଥାନାରେ ଏ ସଂକ୍ରାନ୍ତରେ ଏକ ଏତଲା କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଜଣେ ୨୨ ବର୍ଷିୟା ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି । ଛାତ୍ରୀ ଜଣକ ଗର୍ଭବତୀ ହୋଇଥିବା କଥା ବିଦ୍ୟାଳୟ କର୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ତାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଥିବା ବେଳେ ବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ଏପଟେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କର ବଦଳି ହୋଇ ଯାଇଥିବା ବେଳେ ନୂତନ ଅଧିକାରୀ ଯୋଗଦେଇ ନଥିବାରୁ ଘଟଣା ସମ୍ପର୍କରେ ଅନ୍ୟ କେହି ମୁହଁ ଖୋଲୁ ନାହାଁନ୍ତି । ଏଭଳି ଏକ ସେମ୍ବଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ଉପରେ ଏବେ ସମସ୍ତଙ୍କର ନଜର ।

# ଭାରତ ଯୋଡ଼ - ଓଡ଼ିଶା ପରିବର୍ତ୍ତନ ଯାତ୍ରା ହେଲା ସମାପନ

ଭୁବନେଶ୍ୱର, ୨୯/୦୧ (ନି.ପ୍ର): ଅକ୍ଟୋବର ମାସ ୩୧ ତାରିଖ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ପରିବର୍ତନ ଯାତ୍ରା ସାରା ଓଡ଼ିଶାର ପାଖାପାଖି ୨୦୦୦ କି.ମି.ରୁ ଅଧିକ ଅତିକ୍ରାନ୍ତ କରି ଆଜି ଭୁବନେଶ୍ୱର ଶିଶୁ ଭବନ ଛକ ଠାରେ ସଂନ୍ଧ୍ୟା ୫.୩୦ ଘଟିକା ସମୟରେ ପହଂଚିଲା । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାସ ଏବଂ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତୃବର୍ଗଙ୍କୁ ସ୍ୱାଗତ କରିବା ସହିତ ଭାରତ ଯୋଡ଼- ଓଡ଼ିଶା ଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମର୍ଦ୍ଧନା କରିଥିଲେ । ସହ ସହ କଂଗ୍ରେସ କର୍ମୀ ଏବଂ ନେତୃବର୍ଗ ଭୁବନେଶ୍ୱର ଶିଶୁ ଭବନ ଛକ ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଭାରତ ଯୋଡ଼ - ଓଡ଼ିଶା ଯାତ୍ରୀଙ୍କ ସହିତ ଚାଲି ଚାଲି ଆସି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପହଂଚିଥିଲା । ଘଂଟ, ପାରମ୍ପାରିକ ନୃତ୍ୟ ଏବଂ ବାଜା ବଜାଇ ଭାରତ ଯୋଡ଼ ଯାତ୍ରୀଙ୍କୁ ସାରା ରାସ୍ତାରେ ଉତ୍ସାହିତ କରି ତାଙ୍କ ସହିତ ଚାଲିଥିଲେ । ନଫରତ ଛୋଡ଼, ଭାରତ ଯୋଡ଼, ଭେଦଭାବ ଛୋଡ଼, ଯାତ୍‌ପାତ୍‌କି ବନ୍ଦନ ତୋଡ଼- ଭାରତ ଯୋଡ଼ ନାରା ଦେଇ ପଦଯାତ୍ରୀଗଣ ଏବଂ ସମସ୍ତ କଂଗ୍ରେସ କର୍ମୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟ ଠାରେ ପହଂଚିଥିଲେ । ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୃଥିବୀବଲ୍ଲଭ ପଟ୍ଟନାୟକ ଓ ଅନ୍ୟାନ୍ୟ ନେତୃବର୍ଗ ଖୋର୍ଦ୍ଧାଠାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ ଭାରତ ଯୋଡ଼ ଯାତ୍ରୀଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭାପତିଙ୍କ ନେତୃତ୍ୱରେ ଏକ ସମାପନ ଉତ୍ସବ ମଧ ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି - ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀ ଯୁକ୍ତ ଜୟଦେବା ଜେନା, ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ, ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ସିଂହ ସାଲୁଜା, ବିଧାୟକ ଶ୍ରୀଯୁକ୍ତ ରାଜନ ଏକ୍କା, ବିଧାୟକ ଅଧିରାଜ ପାଣିଗ୍ରାହି, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା - ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ, ଶ୍ରୀଯୁକ୍ତ ଗଣେଶ୍ୱର ବେହେରା, ପୂର୍ବତନ ସାଂସଦ ସୁଶିଲା ତିରିଆ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଶ୍ରୀଯୁକ୍ତ ଯୁଧିଷ୍ଠିର ଜେନା ଏବଂ ବରିଷ୍ଠ ନେତୃବର୍ଗ ଭାରତଯୋଡ଼ ଯାତ୍ରା ଆଜି ସଫଳ ହୋଇଛି । ଏ ଯାତ୍ରା ଓଡ଼ିଶାର ବେକାରୀ ସମସ୍ୟା, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଚାଷୀର ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ, ହରିଜନ ପଛୁଆ ବର୍ଗ ଏବଂ ଛୋଟ ବ୍ୟବସାୟୀ, ମଧ୍ୟମ ବ୍ୟବସାୟୀମାନଙ୍କର ସ୍ୱାର୍ଥ ରକ୍ଷା କରିବା ଏବଂ ଓଡ଼ିଶାର ଜନବିରୋଧି ସରକାର ପରିବର୍ତନ କରିବା ପାଇଁ ଏ ପଦଯାତ୍ରା । ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଏହି ସମାପନ ଉତ୍ସବରେ କହିଥିଲେ ଯେ, ଓଡ଼ିଶା ଏବଂ ଭାରତ ବର୍ଷରେ ଜନବିରୋଧି ସରକାର ଆଜି ଶାସନଗାଦିରେ । ଦୀର୍ଘ ୨୨ ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ବିଜୁ ଜନତା ଦଳ ଶାସନ ଥାଇ ମଧ ଓଡ଼ିଶାର ଯୁବକ ଆଜି ଦିଗହରା । ପ୍ରତିବର୍ଷ ୨ ଲକ୍ଷ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ । ୨୨ ବର୍ଷରେ ୪୪ ଲକ୍ଷ ଓଡ଼ିଶାର ଶିକ୍ଷିତ ଯୁବକ / ଯୁବତୀ ନିଯୁକ୍ତି ମିଳିବା କଥା କିନ୍ତୁ ଆଜି ୨୨ ବର୍ଷରେ ୨ ଲକ୍ଷ ଯୁବକ / ଯୁବତୀଙ୍କୁ ମଧ ଦିଆଗଲା ନାହିଁ । ପ୍ରତି ବ୍ଲକରେ ୩୫ ପ୍ରତିଶତ ଜମିକୁ ଜଳସେଚନ ଯୋଗାଇ ଦେବେ ବୋଲି ୨୦୦୮ ମସିହାରେ କହିଥିଲେ । କିନ୍ତୁ ୨୦୨୩ ମସିହା ଜାନୁୟାରୀସୁଧା ୧୭ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇନାହିଁ । ଶିକ୍ଷା ବ୍ୟବସ୍ଥା ଆଦିବାସୀ ବହୁଳ ୮ ଜିଲ୍ଲାର ଅତ୍ୟନ୍ତ ନୈରାଶ୍ୟଜନକ । ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲାରେ ବହୁ ସ୍କୁଲମାନଙ୍କୁ ବନ୍ଦ କରାଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରର ସ୍ଥିତି ସାରା ରାଜ୍ୟରେ ଅତ୍ୟନ୍ତ ଉତ୍କଟ ଅତ୍ୟନ୍ତ ନିରାଶଜନକ । ବିଶେଷ କରି ଆଦିବାସୀ ବହୁଳ ଜିଲ୍ଲା ସ୍ୱାସ୍ଥ୍ୟ ସମସ୍ୟା ଅତ୍ୟନ୍ତ ନୈରାଶ୍ୟଜନକ । ଡାକ୍ତରଖାନା ମାନଙ୍କରେ ବହୁ ବିଭାଗ ଜଣେ ହେଲେ ବି ଡାକ୍ତର ନାହାନ୍ତି । ନର୍ସ, ଟେକ୍ନିସିଆନ ଓ ପାର୍ମାସିସ୍‌ଟି ଘୋର ଅଭାବ । ରାଜ୍ୟରେ କୃଷକର ଆୟ ୨୨ ବର୍ଷ ପରେ ଦେଶରେ ସର୍ବନିମ୍ନ । ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି କୃଷକ ସମସ୍ତ ଉତ୍ପାଦିକ ଦ୍ରବ୍ୟକୁ ଉଚିତ୍ ମୂଲ୍ୟ ଦେଇ କ୍ରୟ କରାଯିବ ବୋଲି କିନ୍ତୁ ଆଜି ପର୍ଯ୍ୟନ୍ତ କୃଷକ ତା'ର କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇଲାନାହିଁ । ଦୀର୍ଘ ୨୨ ବର୍ଷ ଭିତରେ ରାଜ୍ୟରେ ଗୋଟିଏ ବୋଲି ନଦୀବନ୍ଧ ଯୋଜନା ବା କୌଣସି କୃଷିଭିତିକ ଶିଳ୍ପ ପ୍ରତିଷ୍ଠା କରାଯାଇନାହିଁ । ରାଜ୍ୟରେ ଆଦୌ ଶୀତଳ ଭଣ୍ଡା ନାହିଁ । ମିଲରମାନଙ୍କ ଦୟାରେ କୃଷକର ଭାଗ୍ୟ ଝୁଲି ପଡ଼ିଛି । ନାରୀ ନିର୍ଯ୍ୟାତନା ଓ ଦୁଷ୍କର୍ମ ଆଜି ଚରମ ସୀମାରେ । ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ମୋର ଆଶା ଏବଂ ବିଶ୍ୱାସ ଏ ଭାରତ ଯୋଡ଼ ପରିବର୍ତନ ଯାତ୍ରା ନିଶ୍ଚିତ ରୁପେ ଆସନ୍ତା ଦିନରେ ଓଡ଼ିଶାରେ ପରିବର୍ତନର ନୂତନ ସୂର୍ଯ୍ୟୋଦ୍ଵୟ ହେବ । ଶ୍ରୀ ପଟ୍ଟନାୟକ ବିଶେଷ ଭାବରେ ଭାରତ ଯୋଡ଼ ଯାତ୍ରାର ଅଧକ୍ଷ ସନ୍ତୋଷ ସିଂ ସାଲୁଜା, ମୁଖ୍ୟ ସଂଯୋଜକ ମାନସ ଚୌଧୁରୀ, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ନବଜ୍ୟୋତି ପଟ୍ଟନାୟକ, ସଂଜୀବ ଗିରି, ଜାନକୀବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ରଜତ ଚୌଧୁରୀ, ସଜୟ ତ୍ରିପାଠି ଏବଂ ଯୁବ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ, ସୁରେଶ ମହାପାତ୍ର, କିଶୋର ଜେନା, ଆଦିବାସୀ ସେଲର ମୁଖ୍ୟ ଭୁଜବଳ ମାଝୀ, ଏସ୍.ସି.ସେଲର ମୁଖ୍ୟ ବାଙ୍କନିଧି ବେହେରା, ଲୋକନାଥ ମହାରଥୀ, ରଜନ ମହାନ୍ତି, ପ୍ରକାଶ ମିଶ୍ର, ରଞ୍ଜିତ ପାତ୍ର, ଦିପକ ମହାପାତ୍ର, ଜ୍ଞାନରଂଜନ ପଟ୍ଟନାୟକ, କୈଳାସ ସାହୁ, ସୁଶାନ୍ତ ତ୍ରିପାଠୀ, ମନୋଜ ଜେନା, ମନୋଜ ସାହୁ ଓ ମହମ୍ମଦ ସାହାଦୁଲ୍ଲା ଇତ୍ୟାଦିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଗଣଶ୍ୱର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହେଲେ କେନ୍ଦୁଝର ଜିଲ୍ଲାପାଳ

କେନ୍ଦୁଝର, ୨୯/୦୧ (ନି.ପ୍ର): ଭୋଟର ତାଲିକା ସଂଶୋଧନ ଓ ଶୁଦ୍ଧିକରଣ ପ୍ରକ୍ରିୟାରେ ଉଲ୍ଲେଖନୀୟ ସଫଳତା ଓ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକେର ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି । ରାଜଧାନୀ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜିଲ୍ଲାପାଳ ଶ୍ରୀ ଠାକେରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିଶେଷ ଭାବେ ଜନଜାତି ଗୋଷ୍ଠୀ ଯଥା- ବାଂଶପାଳ, ତେଲେକୋଇ, ହରିଚନ୍ଦନପୁର, ଘଟଗାଁ ଆଦି ଅଂଚଳରେ ବସବାସ କରୁଥିବା ଜୁଆଙ୍ଗ ଓ ପାଉଡି ଭୂୟାଁ ସଂପ୍ରଦାୟର ୧୮ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କଙ୍କୁ ଭୋଟର ତାଲିକାରେ ପଞ୍ଜିକରଣ କରାଇବା ଏବଂ ସେମାନଙ୍କୁ ମତଦାନ ଓ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଇବା କ୍ଷେତ୍ରରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଉପସ୍ଥିତ ଥିଲେ ।

# କିଟ୍ ଓ କିସ୍ ପକ୍ଷରୁ ଏକ ମିନି ମାରାଥନ୍ ଅନୁଷ୍ଠିତ



ବାଲେଶ୍ୱର,୨୯/୦୧ (ନି.ପ୍ର): କିଟ୍ ଓ କିସ୍ ବହୁ ବର୍ଷ ଧରି ମିନି ମାରାଥନ୍ ଆୟୋଜନ କରିଆସୁଥିବା ବେଳେ ବାଲେଶ୍ୱର ସହରରେ ମଧ ଅନୁରୂପ ଭାବରେ ଆଜି ସକାଳ ୭ ଟା ରେ ଗାନ୍ଧୀ ସ୍ମୃତି ଭବନ ପରିସର ରୁ ପରମିଟ ପଡିଆ ପର୍ଯ୍ୟନ୍ତ ଏକ ଗଣଦୌଡ ଅନୁଷ୍ଠିତ ହୋଇ ସେଠାରେ ଏକ ସାଧାରଣ ସଭା ଓ ସମସ୍ତ ଅଂଶଗ୍ରହଣ କାରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଚଳିତ ବର୍ଷ ୨୫ ପୂର୍ତ୍ତି ଅବସରରେ କିଟ୍ ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବାରୁ ଏହି ମିନି ମାରାଥନ୍ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେଥିପାଇଁ ସ୍ୱତନ୍ତ୍ର ମିନି ମାରାଥନ୍ ?ର ଆୟୋଜନ କରାଯାଇଛି। ଚଳିତବର୍ଷ ବିଶ୍ୱର ୨୫ଦେଶ, ଭାରତର ୨୫ଟି ସହର ଓ ଓଡ଼ିଶାର ଭୁବନେଶ୍ୱର ସମେତ ୩୪ଟି ସହରରେ ଏହି ମିନି ମାରାଥନ ଆୟୋଜନ କରାଯାଇଛି । ଆଜି ଏହି ଗଣ ଦୌଡ଼ କୁ ବାଲେଶ୍ୱର ଏ ଡି ଏମ ( ଜେନେରାଲ) ଶ୍ରୀ ନିଲୁ ମହାପାତ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୁତାର ଙ୍କ ସମେତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ପତାକା ଦେଖାଇ ଗଣଦୌଡ ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବାଲେଶ୍ୱର ସହରର ସାଧାରଣ ଜନତା ସ୍ୱତପ୍ରବୃତ ଭାବରେ ସାମିଲ ହେବା ସହ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀ , ସାମାଜିକ ଅନୁଷ୍ଠାନ ହେଲ୍ପିଙ୍ଗ ସୋସାଇଟି , ସ୍ମାଇଲି ସୋସାଇଟି , ମୁଁ ତୁମର ସାଥୀ ସଙ୍ଗଠନ , ସେବା ସଙ୍ଗଠନ ଓଡ଼ିଶା , ରୟାଲ କ୍ଲବ୍ , ୱାଓ କ୍ଲବ୍ ସମେତ ଶ୍ରୀ ମା ରେସିଡେଣ୍ଟାଲ ସ୍କୁଲ୍ ର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ପାଖାପାଖି ୧୯୫ରୁ ଉର୍ଦ୍ଧ୍ୱ ଜଣ ଏହି ଗଣଦୌଡ ରେ ସାମିଲ ହୋଇଥିଲେ । ଏହାସହ ପରମିଟ ପଡିଆଠାରେ ଅତିଥି ମାନେ ଯୋଗ ଦେଇ ଗଣଦୌଡ ର ଉଦ୍ଦେଶ୍ୟ ଓ ଡ଼ଃ ସମନ୍ତଙ୍କର ମହତ୍ତ୍ୱ ଆକାଂକ୍ଷା ସମ୍ପର୍କରେ ସଭାରେ ନିଜର ବକ୍ତବ୍ୟ ରଖିଥିଲେ । ଅତିଥି ଭାବରେ ରାଜ୍ୟ ମହିଳା ବିଜେଡ଼ି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ଙ୍କ ସମେତ ସଦର ବିଧାୟକ ସ୍ୱରୂପ କୁମାର ଦାସ , ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗ ଦେଇ ଅଂଶଗ୍ରହଣକାରୀ ଙ୍କୁ ପୁରସ୍କାର ବିତରଣ କରିବା ସହ କିଟ ଓ କିସ ର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସ କୁ ପ୍ରଶଂସା କରିଥିଲେ । ଆପଣମାନେ କିଟ୍ ଓ କିସ୍ ବିଷୟରେ ଅଳ୍ପ ବହୁତ ଜାଣିଥିବେ । ଶିକ୍ଷା ଓ ସମାଜସେବା ଜରିଆରେ ଜନଜାତି ସଶକ୍ତିକରଣ, ସ୍ୱାସ୍ଥ୍ୟସେବାରେ ଇତିହାସ ସୃଷ୍ଟି କରିବା, କ୍ରୀଡ଼ାରେ କୀର୍ତ୍ତିମାନ ସ୍ଥାପନ କରିଥିବା କିଟ୍ ଦୟା ଓ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ ଏକ ବିଶ୍ୱବିଦ୍ୟାଳୟ। ପ୍ରତିଷ୍ଠା ଦିନଠାରୁ କିଟ୍ ଓ କିସ୍ ସମାଜସେବାରେ ନିଜକୁ ନିୟୋଜିତ କରି ଆଜି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇପାରିଛି । ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ମାତ୍ର ୫ହଜାର ଟଙ୍କାରେ କିଟ୍ ଓ କିସ୍ ଦୁଇ ସଂସ୍ଥା ଏକ ଭଡ଼ାଘରେ ଆରମ୍ଭ ହୋଇଥିଲେ ମଧ ଆଜି କିଟ୍ ଏକ ମହାଦ୍ରୁମରେ ପରଣିତ ହୋଇଛି । ଏଠାରେ ଭାରତ ସମେତ ବିଶ୍ୱର ୬୫ଟି ଦେଶରୁ ୩୫ ହଜାର ପିଲା ପାଠ ପଢୁଛନ୍ତି । ଏଠାରେ ୧୫ହଜାର ନିୟମିତ କର୍ମଚାରୀ ଏବଂ ୫ହଜାର ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି । କିଟ୍ ?ରୁ ୧ ଲକ୍ଷ ପୁରାତନ ଛାତ୍ରଛାତ୍ରୀ ସୃଷ୍ଟି ହୋଇପାରିଛନ୍ତି । କିଟ୍ ?ରେ ମେଡିକାଲ କଲେଜ, ଡେଣ୍ଟାଲ୍ କଲେଜ ଓ ନର୍ସିଂ କଲେଜ ସହ ୨୬ଶହ ଶଯ୍ୟା ବିଶିଷ୍ଟ ମଲ୍ଟି ସୁପର ସ୍ପେସିଆଲିଟି ହସ୍ପିଟାଲ୍ ଅଛି । ଏଥିରେ ଗରିବ ଲୋକଙ୍କ ପାଇଁ ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରତ ୧୬ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍ ରହିଛି । କିସ୍ ଏକ ଜନଜାତି ଆନ୍ଦୋଳନରେ ପରଣିତ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନୀଳପ୍ରଭା ସାହିତ୍ୟ ପରିଷଦର ....

ଏହି ଅଧିବେଶନରେ ଗବେଷଣା ପୁସ୍ତକ ପାଇଁ ଡ ଶ୍ରୀକାନ୍ତ ପାତ୍ର, ଗଳ୍ପ ପୁସ୍ତକ ପାଇଁ ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ ଜନନେତା ସୀତାଂଶୁ ସେନାପତି, ସନ୍ତୋଷ କୁମାର ଦାସ ଆଦର୍ଶ ପିତୃଭକ୍ତ ଶ୍ରବଣ କୁମାର ସମ୍ମାନ ଓ ୪ ପ୍ରଶାନ୍ତ ବେହେରାଙ୍କୁ ମରଣୋତ୍ତର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସଂଗଠନର ମୁଖପତ୍ର ନୀଳପ୍ରଭା, ଗଂଗାଧର ଦାସଙ୍କ ଶିଶୁଗଳ୍ପ ସଂକଳନ 'ସାଙ୍ଗ ହେବ ତ ଏମିତି' ଓ ପର୍ଶୁରାମ ସାହୁଙ୍କର 'ଗୁଣ୍ଡଚି ଚଢ଼େ ଗଛ' କବିତା ସଂକଳନ ଉକ୍ତ ଉତ୍ସବରେ ଲୋକାର୍ପଣ କରାଯାଇଥିଲା । ପ୍ରଥମ ଅଧିବେଶନରେ ସତ୍ୟଶ୍ରୀ ଦାସ ଧନ୍ୟବାଦ ଦେଇଥିଲାବେଳେ ଦ୍ୱିତୀୟ ଅଧିବେଶନରେ ରକ୍ତଶ୍ରୀ ଦାସ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାବେଶରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ରବିନ୍ଦ୍ର ବେହେରା, ଶ୍ରୀକାନ୍ତ ବେହେରା, ଶିବ ସୁନ୍ଦର ସାହୁ, ଭୁବନାନନ୍ଦ ବେହେରା, ରୁଦ୍ର ସାହୁ ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ସମାବେଶ ତରଫରୁ ଏହି ଏମ୍ପେରିଆର ଲଂଜର ସଂସ୍ଥାପକ ଉମାକାନ୍ତ ବେହେରା ଓ ତାଙ୍କ ସହଯୋଗୀ ଶ୍ରୀକାନ୍ତ ସାହୁଙ୍କର ଆତିଥ୍ୟତା ପାଇଁ ସେମାନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରାଯାଇଥିଲା । ଏମ୍ପୋରିଆ ଲଂଜର ମନମୁଗ୍ଧକର ଶାନ୍ତ ସ୍ନିଗ୍ଧ ପରିବେଶ ସମସ୍ତ ଅତିଥି, କବି, ଲେଖକ, ସାମ୍ବାଦିକ ଇତ୍ୟାଦିଙ୍କୁ ବେଶ୍ ଆକର୍ଷିତ କରିଥିଲା । ନୀଳଗିରି ବରିଷ୍ଠ ସାମ୍ବାଦିକ ଲୋକନାଥ ଦଳାଇ, ଅତୁଲ ସ, ବିଭୂତି ଭୂଷଣ ବେହେରା ପ୍ରମୁଖ ଏଥିରେ ଯୋଗଦାନ କରି ଶ୍ରୀଯୁକ୍ତ ଗଂଗାଧର ଦାସଙ୍କର ଦୀର୍ଘାୟୁ କାମନା କରିଥିଲେ ।

### ମନକୀ ବାତରେ ଗଣତନ୍ତ୍ରର....

ସମାଜ ସହ ଜଡିତ ଲୋକମାନଙ୍କୁ ଦିଆଯାଇଛି । ଆଦିବାସୀ ଜୀବନ ସହର ଜୀବନଠାରୁ ଭିନ୍ନ, ଏହାର ନିଜସ୍ୱ ଚ୍ୟାଲେଞ୍ଜ ମଧ ଅଛି । ଏସବୁ ସତ୍ତ୍ୱେ ଆଦିବାସୀ ସମାଜ ଏହାର ପରମ୍ପରାକୁ ବଞ୍ଚାଇବାକୁ ସର୍ବଦା ଆଗ୍ରହୀ । ଆଦିବାସୀ ସମ୍ପ୍ରଦାୟ ସହିତ ଜଡିତ ଜିନିଷଗୁଡିକର ସଂରକ୍ଷଣ ଏବଂ ଗବେଷଣା ପାଇଁ ମଧ ଉଦ୍ୟମ ହେଉଛି । ସେହିଭଳି ଟୋଟୋ, ହୋ, କୁଇ, କୁଭି ଏବଂ ମାଣ୍ଡା ପରି ଆଦିବାସୀ ଭାଷାରେ କାମ କରୁଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଦ୍ମ ପୁରସ୍କାର ପାଇଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ।

### ଛାତିରେ ବାଜିଲା ଗୁଳି....

ଆପୋଲୋ ପର୍ଯ୍ୟନ୍ତ ଗ୍ରୀନ କରିଡର କରାଯାଇଥିଲା । ଖୁବ କମ ସମୟ ଭିତରେ ଅପୋଲୋ ପହଁଚାଯାଇଥିଲା । ଆପୋଲୋର ବିଶେଷଜ୍ଞ ଡାକ୍ତରୀ ଟିମ୍ ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ । କଟକ ଏସସିବି ମେଡିକାଲ ଓ କ୍ୟାପିଟାଲ୍ ହସପିଟାଲର ଡାକ୍ତରୀ ଟିମ୍ ଆପୋଲୋରେ ପହଁଚିଥିଲେ । ହେଲେ ଦୀର୍ଘ ଘଣ୍ଟାର ଚିକିତ୍ସା ପରେ ଶେଷରେ ବିଫଳ ହୋଇଥିଲେ ଡାକ୍ତରୀ ଟିମ ଆଉ ଆଖି ବୁଜିଥିଲେ ମନ୍ତ୍ରୀ ନବ ଦାସ ।

### ରଏଟର୍ସର ଚିନ୍ତାଜନକ ଖବର....

ଓ ଭାରତ ସୀମା ବିବାଦ ଭିତରେ ଆମେରିକା ଦେଇଛି ବଡ ବୟାନ । ସୀମାରେ ଯଦି ଚୀନ କୌଣସି ପ୍ରକାର ଏକତରଫା କାର୍ଯ୍ୟ କରେ ତେବେ ଏହାର କଡ଼ା ଜବାବ ଦେବାକୁ ଭାରତକୁ କହିଛି ଆମେରିକା । ଆମେରିକା ସବୁବେଳେ ଏକତରଫା କାର୍ଯ୍ୟକୁ ବିରୋଧ କରେ ବୋଲି କହିଛି ।

## ଟ୍ରାକ୍ଟର ପାଲଟି ନାବଳକ ମୃତ

ନୀଳଗିରି,୨୯/୦୧ (ନି.ପ୍ର): ଏକ ଇଟା ବୋଝେଇ ଟ୍ରାକ୍ଟର ପାଲଟି ଯିବା ଯୋଗୁଁ ଟ୍ରାକ୍ଟରର ଥିବା ଜଣେ ନାବାଳକର ମୃତ୍ୟୁ ଘଟିଛି । ନୀଳଗିରି ବ୍ଲକ ରାଧାକିଶୋରପୁର ପଂଚାୟତ ପୁରଖି ନିକଟସ୍ଥ କୁଡ଼ାପାଳ ଗ୍ରାମର ପ୍ରଶାନ୍ତ ନାୟକଙ୍କ ୧୫ବର୍ଷୀୟ ନାବାଳକ ପୁଅ ହିତେଶ ଟ୍ରାକ୍ଟରରେ ଇଟା ବୋଝେଇ କରି ଯାଉଥିବା ବେଳେ ବେଲବନ୍ଧ ନିକଟରେ ଟ୍ରାକ୍ଟରଟି ପାଲଟି ଯାଇଥିଲା । ଫଳରେ ଘଟଣାସ୍ଥଳରେ ନାବାଳକ ହିତେଶର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଶବକୁ ନୀଳଗିରି ହସପିଟାଲ ଅଣାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉପରେ ଆକ୍ରମଣକୁ ନିନ୍ଦା କଲା ଏବିଭିପି

ଭୁବନେଶ୍ୱର,୨୯/୦୧ (ନି.ପ୍ର): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି ମାଡ ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି । ପରିଷଦ ପକ୍ଷରୁ କୁହାଯାଇଛି ଯେ - ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ ଘଟଣାକୁ ଏବିଭିପି ତୀବ୍ର ନିନ୍ଦା କରିବା ସହ ଆଶୁ ଆରୋଗ୍ୟ କାମନା କରୁଛି । ଏହି ଘଟଣା ରାଜ୍ୟରେ ଭୁଷୁଡି ପଡ଼ିଥିବା ଆଇନଶୃଙ୍ଖଳା ସ୍ଥିତିକୁ ସ୍ପଷ୍ଟ ଦର୍ଶାଉଛି । ତୁରନ୍ତ ଘଟଣାର ସଠିକ ତଦନ୍ତ କରି ଦୋଷୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ।

## ବୁଢାବୁଢୀ ଛକ ପେଟ୍ରୋଲ ପମ୍ପ ପାର୍ଶ୍ୱ ନୟନ ଯୋଡିରୁ ଯୁବକର ମୃତଦେହ ଉଦ୍ଧାର

ବସ୍ତା,୨୯/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଗାନ୍ଧୀ ଛକ ମୁଖ୍ୟ ରାସ୍ତା ଦରଡ଼ା ବୁଢାବୁଢ଼ୀ ଛକ ପେଟ୍ରଲ ସମ୍ମୁଖ ନୟନ ଯୋଡିରୁ ରବିବାର ସକାଳେ ଏକ ଯୁବକର ଗଳିତ ମୃତ ଦେହ ଉଦ୍ଧାର । ସ୍ଥାନୀୟ ଅଂଚଳର ବୋଲି ଜଣା ପଡିଛି । ପୋଲିସର ତଦନ୍ତ ଜାରୀ । ସୂଚନା ଅନୁଯାୟୀ ଆଜି ସକାଳ ସମୟରେ ରାସ୍ତାରେ ଯାଉଥିବା ଲୋକମାନେ ନୟନ ଜୋଡିରୁ ପଚା ଦୁର୍ଗନ୍ଧ ବାହାରୁ ଥିବା ଜାଣି ଘଟଣା ସ୍ଥଳକୁ ଯାଇ ଦେଖିବାକୁ ପାଇଥିଲେ ନୟନ ଯୋଡିରେ ଏକ ଗଳିତ ଶବ ପଡିଥିବାର । ବହୁଦିନର ହୋଇଥିବାରୁ ଶାବଟି ଫୁଲି ଯାଇଥିବାରୁ ପ୍ରଥମେ ତାର ପରିଚୟ ମିଳିପାରି ନ ଥିଲା ବେଳେ ବସ୍ତା ଥାନାକୁ ଖବର ଦେଇଥିଲେ । ବସ୍ତା ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରୀ ରଖିଥିଲା ବେଳେ ଗଳିତ ଶବଟି ସ୍ଥାନୀୟ ଅଂଚଳର ୨୬ବର୍ଷର ଯୁବକ ରତନ ମୁର୍ମୁ ର ବୋଲି ଯଣାପଡିଛି । ତେବେ ମୃତ୍ୟୁର କାରଣ ଯଣାପଡିନାହିଁ । ପୋଷ୍ଟ ମୋଟମ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଯଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି ।

## ଏମକେସି ହାଇସ୍କୁଲ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ



ବାରିପଦା,୨୯/୦୧ (ନି.ପ୍ର): ଏମକେସି ହାଇସ୍କୁଲର ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ କମିଟିର ସ୍ୱତନ୍ତ୍ର ବୈଠକ ବିଦ୍ୟାଳୟ ପରିସରରେ ଆଲୁମିନି କାର୍ଯ୍ୟାଳୟରେ ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂସଦ ପଂଜିକରଣ ହେବାପରେ ଅନୁଷ୍ଠିତ ଏହି ପ୍ରଥମ ବୈଠକରେ ସମ୍ପାଦକ ରଂଜନ ବାନାର୍ଜୀ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କୋଷାଧକ୍ଷ ପ୍ରଦୀପ କୁମାର ପାଣିଗ୍ରାହୀ ନୂତନ ସଦସ୍ୟ ଗ୍ରହଣର କାର୍ଯକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ଉପସଭାପତି ସିଦ୍ଧାର୍ଥ କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଂଜବାଳା ମହାନ୍ତ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ସତ୍ୟବ୍ରତ ମହାନ୍ତି, ଦେବୀଦାସ ମହାନ୍ତି, ପ୍ରଦୀପ କୁମାର ଦାସ, ଡ଼ଃ ସୁଶାନ୍ତ ପାତ୍ର, ଅମିତାଭ ମିଶ୍ର, ଅଂଶୁମାନ ପଟ୍ଟନାୟକ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

## ପୋଖରୀରେ ପଡ଼ି ମହିଳା ମୃତ

ନୀଳଗିରି,୨୯/୦୧ (ନି.ପ୍ର): ନୀଳଗିରି ବ୍ଲକ ସଜନାଗଡ଼ ପଂଚାୟତ ଭାଲୁକାଶୁଣି ଗ୍ରାମରେ ଜନୈକା ମହିଳା ପାଣିରେ ପଡ଼ି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାଇ ଉକ୍ତ ଗ୍ରାମର ଭଗବାନ ସିଂଙ୍କ ପତ୍ନୀ ଝୁମୁରି ସିଂ (୪୫) ନିକଟସ୍ଥ ପୋଖରୀକୁ ଶନିବାର ସକାଳ ପ୍ରାୟ ୯ଟା ସମୟରେ ଗାଧୋଇବା ପାଇଁ ଯାଇଥିଲେ । ଦୀର୍ଘ ସମୟ ପରେ ଘରକୁ ନ ଆସିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ପୋଖରୀ ହୁଡ଼ାରେ ତାଙ୍କର ଲୁଗା ପଡ଼ିଥିଲେ ମଧ ଝୁମୁରିଙ୍କର ଖୋଜଖବର ନ ଥିଲା । ଆଜି ରବିବାର ପରିବାର ଲୋକେ ନୀଳଗିରି ଥାନାରେ ଜଣାଇଥିଲେ । ଅଗ୍ନିଶମ ବିଭାଗକୁ ଖବର ଦେଲା ପରେ ଅଗ୍ନିଶମ ବିଭାଗ ପୋଖରୀ ନିକଟରେ ପହଂଚି ଝୁମୁରି ସିଂ ଙ୍କ ମୃତ ଦେହ ଭାସୁଥିବାର ଦେଖି ଉଦ୍ଧାର କରିଥିଲେ । ମୃତ ଦେହକୁ ଶବବ୍ୟବଚ୍ଛେଦ ପାଇଁ ନୀଳଗିରି ହସପିଟାଲକୁ ପଠାଇଥିବା ଜଣାଯାଇଛି ।

## ପାରାପୋଖରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ

ବାସୁଦେବପୁର,୨୯/୦୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନକୃଷ୍ଣପୁର ପଞ୍ଚାୟତର ପାରାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ନକୁଳକୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ଖିଲାର , ମୁଖ୍ୟବକ୍ତା ଭାବେ କବି ବିକାଶକୁମାର ଶତପଥୀ, ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶସ୍ମିତା ବିଶ୍ୱାଳ ଓ ସମିତିସଭ୍ୟା ସୂର୍ଯ୍ୟମଣୀ ନାୟକ ଯୋଗଦେଇ ନିଜ ନିଜର ମତପୋଷଣ କରିଥିଲେ । ଅନ୍ୟତମ ଅତିଥି ଭାବରେ କୃଷ୍ଣପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗଜେନ୍ଦ୍ର ପ୍ରସାଦ ବେହେରା ଓ ପରିଚ୍ଳନା ସମିତିର ସଭାପତି ଦୟାନିଧୀ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସଙ୍ଗୀତ, କ୍ରୀଡା, ବକ୍ତୃତାପ୍ରଭୃତି ପ୍ରତିଯୋଗୀତାରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଶରତ ମହନୀ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ନିରାକାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡିଶା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨୪ କ୍ରୀଡାବିତ୍ ସାମିଲ



ବାରିପଦା,୨୯/୦୧ (ନି.ପ୍ର): ଓଡିଶା ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ କବାଡି ପ୍ରତିଯୋଗିତା ଚଳିତ ଜାନୁୟାରୀ ମାସ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କାମାକ୍ଷାନଗରସ୍ଥିତ ସରଙ୍ଗାଧର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଅଛି । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ରାଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି କ୍ଷୀରୋଦ ବେହେରା ଓ ବାଳିକା ଟିମ୍ ମ୍ୟାନେଜର ମୋରଡା ବ୍ଲକସ୍ଥିତ ଝିଙ୍କିରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ରଞ୍ଜିତା ମହାନ୍ତଙ୍କ ନେତୃତ୍ୱରେ ମୟୂରଭଞ୍ଜରୁ ୨୪ ଜଣ ବାଳକ ବାଳିକା ଯୋଗ ଦେଇଛନ୍ତି । ସେମାନେ ହେଲେ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଲାଖି ହାଁସଦା, ସତ୍ୟଜିତ୍ ସତ୍ୟପ୍ରକାଶ ମହାନ୍ତି, ସନ୍ଦିପନୀ ପାତ୍ର, ଆୟୁଷ ବେହେରା, ପିୟୁଷ କର, ସୁଜିତ ସାହୁ, ଜୟନ୍ତ ବେହେରା, ହୃଷିକେଷ ପ୍ରଧାନ, ସୁବାଷ ହେମ୍ବ୍ରମ, ସୁମନ ବାଗ, ବିର ମାରାଣ୍ଡି, ବ୍ରହ୍ମା ସୋରେନ ଓ ବାଳିକା ବିଭାଗରେ ଝୁମା ସିଂ, ମୁସ୍କାନ ମୁଣ୍ଡା, ରୁକ୍ମଣୀ ବେହେରା, ସୁକାନ୍ତି ସିଂ, ଶାନ୍ତିଲତା ସୋରେନ, ନରି ସରଦାର, ସସ୍ମିତା ମାଝି, ସୁମନ ମୁଣ୍ଡା, ବିନୋଦିନୀ ବେହେରା, ପୂଜା ହୋ, ଗୌରୀ ଟୁଡୁ, ରେବତୀ ମୁଣ୍ଡା ।

## ଅଦିନରେ ଝଡିଗଲେ ପୋଷ୍ଟାଲ କର୍ମଚାରୀ ମନୋରଞ୍ଜନ



ବସ୍ତା,୨୯/୦୧ (ନି.ପ୍ର): ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ହଳଦିଆପଡା ଗ୍ରାମର ସ୍ୱର୍ଗତ ସଲମନ ଦାସ ଙ୍କର ପୁତ୍ର ମନୋରଞ୍ଜନ(ପୂର୍ଣ୍ଣ) ଦାସ ୬୫ ଆଜି ସକାଳେ ମୃତ୍ୟୁ ଘଟିଛି । ସେ ଯଣେ ପୋଷ୍ଟାଲ କର୍ମଚାରୀ ପୁଣି କେସିଓ ବାଦକ ଭାବେ ଉକ୍ତ ଅଞ୍ଚଳରେ ବେଶ ଯଣାଶୁଣାଥିଲେ । ହେଲେ ଆଜି ସକାଳେ ଘରେ ବସିଥିବା ବେଳେ ଅଶୁସ୍ଥ ଅନୁଭବ କରିବାରୁ ଘରଲୋକେ ବସ୍ତା ଡାକ୍ତର ଖାନାକୁ ନେଇ ଆସିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାପରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ତାଙ୍କ ଶେଷ ଦର୍ଶନପାଇଁ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଜେଡି ରାଜ୍ୟ ସାଧାରଣ ସଂମ୍ପାଦକ ଶ୍ୟାମାପ୍ରସାଦ ବେହେରା, ସଞ୍ଜୟ ବୁଗୁଡି ବ୍ରାହ୍ମଣଦା ପଞ୍ଚାୟତ ସଭାପତି ନିଗମାନନ୍ଦ ଗିରି, ଚନ୍ଦନ ଜେନା, ବସ୍ତା କଂଗ୍ରେସର ନେତା ରବିନ୍ଦ୍ର ଦାସ ସାମ୍ବାଦିକ ସୁଶାନ୍ତ ପ୍ରଧାନ ପ୍ରମୂଖ ବାସଭବନକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଯଣାଇଥିଲେ । ସ୍ୱର୍ଗତ ଦାସଙ୍କର ୪ଝିଅ ଓ ଗୋଟିଏ ପୁଅ ଅଛନ୍ତି । ତାଙ୍କମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

## ଭଦ୍ରକ ଚିନ୍ତନ ଚକ୍ରର ୧୩୭ତମ ଅଧିବେଶନ

ଭଦ୍ରକ,୨୯/୦୧ (ନି.ପ୍ର): ଭଦ୍ରକ ଚିନ୍ତନଚକ୍ରର ୧୩୭ତମ ମାସିକ ଅଧିବେଶନ ଭଦକ୍ର କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ ଆଲୋଚନାଚକ୍ରରେ ଭିତ୍ତି ପ୍ରବନ୍ଧ "ସାହିତ୍ୟରେ ସାମାଜିକ ସ୍ୱର" ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଫେସର ଅଟଳ ବିହାରୀ ନାୟକ ଉପସ୍ଥାପନ କରିଥିଲେ । ବିଶ୍ୱ ସାହିତ୍ୟରେ ବିଭିନ୍ନ ରାଷ୍ଟ୍ରର ବିଧି ବ୍ୟବସ୍ଥା ଉପରେ ତା'ର ସାମାଜିକ ସ୍ଥିତି ଉପରେ ସାହିତ୍ୟର ପ୍ରଭାବ କିପରି ଅନୁଭୂତ ହୋଇଥିଲା ତାହା ପ୍ରଫେସର ନାୟକ ପ୍ରାଞ୍ଜଳ ଭାବରେ ଦର୍ଶାଇଥିଲେ । ଆମ ଜାତୀୟ ସାହିତ୍ୟ ଓ ସାହିତ୍ୟିକ ମାନଙ୍କର ସୁସ୍ଥ ସମାଜ ଗଠନରେ ଭୂମିକା ତଥା ଆମ ଓଡ଼ିଶା ସାହିତ୍ୟର ପ୍ରଭାବ ଆମ ସାମାଜିକ ସ୍ୱରକୁ କିପରି ଶାଣିତ କରିଥିଲା ତାହା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନାଚକ୍ରରେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ବରିଷ୍ଠ ଅଧିବକ୍ତା ନିତ୍ୟାନନ୍ଦ ଦାସ, ପର୍ଶୁରାମ ଦ୍ୱିବେଦୀ, ଅଗଣି ଚରଣ ଜେନା, ଅବସରପ୍ରାପ୍ତ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଡ. ନାରାୟଣ ସେନାପତି, ଡ. ରମେଶ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ଅନାଦି ଚରଣ ଦାସ, କବି ହରିଶ୍ ଦାସ, କବୟତ୍ରୀ ଗୀତାରାଣି ଆଇଚ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବସନ୍ତ ମହାନ୍ତି ଓ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

## ବାଲେଶ୍ୱର ଜିଲ୍ଲା ବାରିକ ସମିତିର ୮୪ ତମ ବାର୍ଷିକ ସମ୍ମିଳନୀ



ବାଲେଶ୍ୱର,୨୯/୦୧ (ନି.ପ୍ର): ଶୁକ୍ରାର ଦିବା ୧୦ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ବାରିକ ସମିତିର ୮୪ତମ ବାର୍ଷିକ ସମ୍ମିଳନୀ,ଗାନ୍ଧି ସ୍ମୃତି ଭବନ ଠରେ, ସମିତିର ସ୍ଥାୟୀ ସଭାପତି ବରିଷ୍ଠ ଆଇନଜୀବି, ଆତ୍ମଜ୍ଞାନୀ ଶ୍ରୀଯୁକ୍ତ ଅରବିନ୍ଦ ବାରିକ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଏବଂ ସମ୍ମିଳନୀର ଉଦଘାଟକ ଥିଲେ, ବାଲେଶ୍ୱର ଜିଲ୍ଲା ପାଳନ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ମହୋଦୟ ।ମୁଖ୍ୟ ବକ୍ତା ଥିଲେ ବାଲେଶ୍ୱର ର ପୂର୍ବତନ ସାଂସଦ, ବିଶିଷ୍ଟ ସମାଜସେ ବି ଶ୍ରୀଯୁକ୍ତ ଇ ରବିନ୍ଦ୍ର କୁମାର ଜେନା ମହୋଦୟ । ସମ୍ମାନୀତ ଅତିଥି ଥିଲେ ସଦର ବିଧାୟଖ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଏବଂ ଯୁବ ସମାଜସେବୀ ମାନସ କୁମାର ଦତ୍ତ ମହୋଦୟ । ସୋନାଲି ବାରିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଆକ୍ଷୀଲେଷ ବାରିକ ଏବଂ କୃର୍ତ୍ତିବାସ ଚନ୍ଦ୍ର ବେଜ, ମୃତ୍ୟୁଞ୍ଜୟ ବାରିକଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । ତାସହିତ ବରିଷ୍ଠ ଜାତିଭାଇ, ଶାଖା ମାନଙ୍କର ସଭାପତି ମାନଙ୍କୁ ମଧ ଫୁଲତୋଡ଼ା ସହିତ ଉପଢୌକନ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା ।କ୍ଷୋରକର୍ମ କରୁଥିବା ଜାତିଭାଇ ମାନଙ୍କୁ ଦକ୍ଷତା ଅନୁସାରେ,କୁଶଳୀ କାରିଗର ଓ ଅର୍ଦ୍ଧକୁଶଳୀ କାରିଗର ର ମାନ୍ୟତା ପ୍ରଦାନ ନିମନ୍ତେ ଦାବିପତ୍ର ମଧ ପ୍ରଦାନ କରାଯାଇଥିଲା । ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ର ଲୋଚନ ବାରିକ ସଙ୍ଗଠନ ଉପରେ ଆଲୋକପାତ କରିଥିବା ବେଳେ, କୋଷାଧକ୍ଷ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକ ସେଲୁନ ଭାଇ ମାନଙ୍କର ଆର୍ଥିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଆମର ସମସ୍ତ ସମସ୍ୟା ସମାଧାନ ସହିତ ସମସ୍ତ ଦାବୀକୁ ମଧ ଗ୍ରହଣ କରିଥିଲେ । ଶେଷରେ ସମିତିର ଉପ ସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ଭୋଜନରେ ଆପ୍ୟାୟିତ କରିଥିଲେ ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା,୨୯/୦୧ (ନି.ପ୍ର): ଗୁରୁବାର ସକାଳ୯ଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନି ମତୀ ସନ୍ତୋଷିନୀ ବାରିକଙ୍କ ଶୁଭ ଜନ୍ମଦିନ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇ ଯାଇଛି । ପ୍ରଥମେ ସମୂହ ପ୍ରଣବ,ଶୁଭ ଭାବନା, ବେଦ ପାଠ,ଶାନ୍ତି ପାଠ କରାଯାଇ,ସନ୍ତୋଷିନୀର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଆଶିର୍ବାଦ ସଙ୍ଗୀତ ଗାନ କରିଥିଲେ । ଯମ ନିୟମ ପାଳନ ପୂର୍ବକ ଯୋଗ ସାଧନ ଜାରି ରଖି ଚାଲିଲେ ଜଣେ ସୁଖ-ଶାନ୍ତି-ଆନନ୍ଦରେ ଜୀବନ ଯାପନ କରିବା ସହିତ ତାର ଆବଶ୍ୟକୀୟ ସମସ୍ତ ସମ୍ପଦ ଆତ୍ମଦେବ ତାଙ୍କୁ ସର୍ବଦା ଯୋଗାଇ ଚାଲିବେ ବୋଲି ସଭାପତି ପ୍ରକାଶ କରିଥିଲେ ।ଉପସ୍ଥିତ ଥିଲେ, ଯୋଗ ସାଧିକା ବାସନ୍ତୀ ମହାଳିକ, ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ ଜାହ୍ନବୀ ଗିରି,ଶକୁନ୍ତଳା ପରିଡ଼ା ଇତ୍ୟାଦି ବହୁ ମୁନି-ମୁନିମତୀମାନେ । ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ସୋମବାର, ଜାନୁଆରୀ ୩୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବୈଠକ



ଭଦ୍ରକ,୨୯/୦୧ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ପ୍ରଚାର ସମିତିର ମୁଖ୍ୟ ପଣ୍ଡିତ ଭାଗିରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ତିହିଡ଼ି ବ୍ଲକସ୍ଥ ଆରୁହା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଥିବା ସମିତିର ବାର୍ଷିକ ସ୍ୱନକ୍ଷତ୍ର ସମାରୋହର ବିବରଣୀ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ପାଠ କରିଥିଲେ। ଉକ୍ତ ସମାରୋହର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ନିୟମାବଳୀରେ ଏହା ଏକ ଭ୍ରାମ୍ୟମାଣ ଆଧାତ୍ମିକ ସଂସ୍ଥା ହୋଇଥିବାରୁ ବାର୍ଷିକ ନେତ ଉତ୍ସବ ଭଦ୍ରକ ବ୍ଲକ ବ୍ରହ୍ମପୁର ଗ୍ରାମପଞ୍ଚାୟତର କୁଣ୍ଡିବାଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋବକୁ ସ୍ଥିର କରାଗଲା। ପ୍ରଚାର ସମିତିର ବାର୍ଷିକ ମୁଖପତ୍ର 'ନୀଳକନ୍ଦର' ପତ୍ରିକା ପ୍ରକାଶନ ନିମନ୍ତେ ଲେଖା ସଂଗ୍ରହର ଅବଧି ଆସନ୍ତା ଫେବୃଆରୀ ମାସ ଶେଷ ସୁଦ୍ଧା ଦିନ ଧାର୍ଯ୍ୟ କରାଯାଇ ଲେଖକ ଲେଖିକାମାନଙ୍କୁ ଗୋଟାଏ କିମ୍ବା ଦୁଇ ପୃଷ୍ଠା ମଧ୍ୟରେ ସୀମିତ ରଖା ଯିବାକୁ ଅନୁରୋଧ କରାଯାଇଥିଲା। ପତ୍ରିକା ନିମନ୍ତେ ସଂପାଦନା ମଣ୍ଡଳୀ ଗଠନ କରାଯାଇ ଏହାର ମୁଖ୍ୟ ଦାୟିତ୍ୱ ବିକାଶ ଚନ୍ଦ୍ର ଶତପଥୀ ଓ ସଦାନନ୍ଦ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସମିତିର ପ୍ରମୁଖ ସଦସ୍ୟ ପଦ୍ମଲୋଚନ ମହାପାତ୍ର, ନାରାୟଣ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ପଣ୍ଡା, ବିଷ୍ଣୁ ମୋହନ ପଣ୍ଡା, ସନେଇ ଶିଅଳ, ପ୍ରତାପ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଦେ, ସଦାନନ୍ଦ ପାଣିଗ୍ରାହୀ, ବିକାଶ ଶତପଥୀ, କାହ୍ନୁ ଚରଣ ଦାସ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଭାରତୀୟ ସଂସ୍କୃତିରେ ଶିଶୁର ଶିକ୍ଷା ଆରମ୍ଭ ହୁଏ ମାତୃ ଗର୍ଭରୁ



ଜଳେଶ୍ୱର,୨୯/୦୧ (ନି.ପ୍ର): ଜଳେଶ୍ୱର ବ୍ଲକର ଆମ୍ବଲିଅଠାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ସଂସ୍କୃତିରେ ଶିଶୁର ପ୍ରକୃତ ଶିକ୍ଷା ମାତୃ ଗର୍ଭରୁ ଆରମ୍ଭ ହେଉଥିବା ବେଳେ ଭାରତୀୟ ସଂସ୍କୃତି, ଆଦର୍ଶ ଓ ପରମ୍ପରା ଗୁରୁକୁଳ ଶିକ୍ଷା ପଦ୍ଧତିରୁ ଆରମ୍ଭ ହୋଇଥାଏ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ଉତ୍ସବରେ ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଅଧ୍ୟକ୍ଷତା କରି ଗୁରୁକୁଳ ଶିକ୍ଷା ପଦ୍ଧତି ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂସ୍କୃତି ସମ୍ପନ୍ନ ଶିକ୍ଷା ଶିକ୍ଷାର୍ଥୀକୁ ଭଲ ମଣିଷ ହେବାର ଉପାଦନ ଯୋଗାଇ ଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ କେଦାର ନାଥ ମହାନ୍ତି ଯୋଗ ଦେଇ ଛାତ୍ର ଶିକ୍ଷାୟତ ବ୍ୟତିତ ଆଦର୍ଶ ପରିବାରରୁ ସଂସ୍କୃତି, ପରମ୍ପରା ଓ ଆଦର୍ଶ ଶିକ୍ଷାଲାଭ କରି ଜଣେ ଭଲ ମଣିଷ ହେବାରେ ସମର୍ଥ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଏବିଇଓ ସୁଶାନ୍ତ କୁମାର ଜେନା ଯୋଗ ଦେଇ ଶିକ୍ଷା ପଦ୍ଧତି ଓ ଅନୁଶାସନ ଦ୍ୱାରା ଶିକ୍ଷାର୍ଥୀର ସର୍ବାଙ୍ଗୀନ ଉନ୍ନତି ଘଟିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସିଆର୍‌ସିସି ମାଖନ ଲାଲ ବେରା ଓ ଅବନୀ ଚାନ୍ଦ ପ୍ରମୁଖ ଯୋଗ ଦେଇ ଶିଶୁ ମନ୍ଦିରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଯୋଗୁଁ ମାଧ୍ୟମିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କର ଉଚ୍ଚ କୋଟିର ପ୍ରଦର୍ଶନ ହୋଇଥାଏ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଗିରି ଓ ବିଦ୍ୟାଳୟର ପ୍ରତିଷ୍ଠା ସଭାପତି ଗୌରାଙ୍ଗ ପାତ୍ର ଯୋଗ ଦେଇ ବର୍ତ୍ତମାନର ଶିକ୍ଷା ପଦ୍ଧତି ଶିକ୍ଷାର୍ଥୀଙ୍କୁ ଅଧିକ ମେଧାବୀ କରୁଥିବା ବେଳେ ଭଲ ମଣିଷ ସୃଷ୍ଟି କରିବାରେ ଅସମର୍ଥ ବୋଲି କହିଥିଲେ।

## ଡିମଳାରେ ଅବକାରୀ ଚଢାଉ

ଜୟପୁର,୨୯/୦୧ (ନି.ପ୍ର): ଦେଶୀ ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଡିମଳା ନିକଟ ଜଙ୍ଗଲରେ ଚଢାଉ କରିଛି। ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରେ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୩୦ ଲିଟର ଦେଶୀ ମଦ କୁ ଜବତ କରି ନଷ୍ଟ କରିଛି। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ସାହିତ୍ୟ ପତ୍ରିକା 'ଅବସର'ର ପ୍ରଜ୍ଞା ମିଳନ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର,୨୯/୦୧ (ନି.ପ୍ର): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପରିସରରେ ଜାତୀୟ କବି ବାଞ୍ଛାନିଧୀ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱର୍ଗତ ବନମାଳୀ ବାରିକଙ୍କ 'ଅବସର' ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରଜ୍ଞାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁବାଦକ ତଥା କବି ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ବାଇଚଢେଇ ସଂପାଦକ କବି ବିକାଶକୁମାର ଶତପଥୀ, ଧନେଶ୍ୱର ରାଉତ,କବି କମଳାକାନ୍ତ କର, ଯାମିନୀକାନ୍ତ ପାଢୀ, ଅଟଳବିହାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ରେବତିକାନ୍ତ ପାଢୀପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ବନମାଳୀ ବାରିକଙ୍କ ପୁତ୍ର ପାର୍ଥସାରଥୀ ବାରିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ କବି ଧନଞ୍ଜୟ ମହାକୁଡଙ୍କ କବିତା ପୁସ୍ତକ 'ତୁମ ଆସିବା ବାଟକୁ ରହିଛି ଗୃହଁ' ଉନ୍ମୋଚିତ ହୋଇଥିଲା। ସୂର୍ଯ୍ୟସାରଥୀ ବାରିକ ଅତିଥିମାନଙ୍କୁ ସ୍ୱାଗତ ସୂଚନାରେଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ 'ରଙ୍ଗରାଗ'ର ସଂପାଦକ କବି ପ୍ରଦିପ୍ତ ମହାନ୍ତି,ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ବାଲେଶ୍ୱର - ଭଦ୍ରକ ଜିଲ୍ଲାର ସଂଗଠନ ସଂପାଦକ ଗାୟକକୁମାର ଲକ୍ଷ୍ମୀକାନ୍ତ ନାଥ, କବି ପ୍ରହଲ୍ଲାଦ ବାରିକ,କବି ଭାଗିରଥୀ ମହନୀ,ପଦ୍ମଭୂଷଣ ସାହୁ, ମାନସ ପାଢୀ,ସଦାନନ୍ଦ ପାଣିଗ୍ରାହୀ, ସରସ୍ୱତୀ ବାରିକ, ପ୍ରତାପ ମଲ୍ଲିକ, ମାନସ ପାଢୀ, ବୈକୁଣ୍ଠ ଦାସପ୍ରମୁଖ କବିତା ପାଠ କରିବା ସହିତ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଆମ ଗାଁ ସାହିତ୍ୟ ପତ୍ରିକାର ସଂପାଦକ କବି ରତ୍ନାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳ ପ୍ରତିଭାଧରଙ୍କୁ ପ୍ରତ୍ସାହନ ଓ ଆଞ୍ଚଳିକ ବିକାଶ ଉତ୍ସବର ମୂଳ ଲକ୍ଷ୍ୟ

ଜଳେଶ୍ୱର,୨୯/୦୧ (ନି.ପ୍ର): ମା ବାସୁସୀ କ୍ରିଡା ଓ ସାଂସ୍କୃତିକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ 'ପ୍ରୟାସ-୨୦୨୩' ଉଦ୍‌ଯାପିତ ହୋଇଛି। ୪ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର, କୃଷି ସମ୍ମିଳନୀ, କୁଇଜ୍ ପ୍ରତିଯୋଗୀତା, ମାଗଣା ସ୍ୱାସ୍ଥ୍ୟ ଶିବିର, ସଂଗୀତ ପ୍ରତିଯୋଗୀତା, ବିଭିନ୍ନ କ୍ରିଡା ପ୍ରତିଯୋଗିତା ତଥା 'ସ୍ୱର ଜଳେଶ୍ୱର' ଅନୁଷ୍ଠିତ ହୋଇ ଯାଇଛି। କୃତି ପ୍ରତିଯୋଗୀଙ୍କୁ ପ୍ରତ୍ସାହନ ସହିତ ପୁରସ୍କୃତ କରାଯାଇଛି। କାର୍ଯ୍ୟଦିବସ ଗୁଡିକରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, କୃଷି ଅଧିକାରୀ ଅରୁଣ କୁମାର ପରିଡା, ରାଜପୁର ସରପଂଚ ପ୍ରତିନିଧି ଦିଲ୍ଲିପ ପରିଡା, ମହମ୍ମଦନଗରପାଟଣା ସରପଂଚ ଅରୁଣ ସେନାପତି, ଗୌରୀଶଙ୍କର ପାଲ, ବ୍ରଜବଲ୍ଲଭ ସାହୁ, କାଳିଚରଣ ଦାସ ଓ ରାଧାଶ୍ୟାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। 'ସ୍ୱର ଜଳେଶ୍ୱର' ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ହୋଇଥିବା ବେଳେ କୃତି ଗାଇକା ଗାୟତ୍ରୀ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା। ଓଏଏସ୍ ଲାଗି ଯୋଗ୍ୟ ବିବେଚିତ ହୋଇଥିବା ଏହି ଅନୁଷ୍ଠାନର ସଦସ୍ୟ ବିଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟାସକୁ ସଫଳ କରିବାରେ ସହାୟତା କରିଥିବା ଡ. ରାଧାଶ୍ୟାମ ବେହେରା, ଆତ୍ମାରାମ ଦାସ, ଅଜିତ୍ କୁମାର ଜେନା, ସମାଜସେବୀ ରାଧାଶ୍ୟାମ ସାହୁଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଓ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ସମ୍ମିଳନୀ



ଭଦ୍ରକ,୨୯/୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘର ୩୨ତମ ବାର୍ଷିକ ସମ୍ମିଳନୀ ଓ ଜିଲ୍ଲା ସମାବେଶ ଭଦ୍ରକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ସଂଘର ପତାକା ଉତ୍ତୋଳନ ସଂଘର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଭେଟେରାନ ନାରାୟଣ ଚନ୍ଦ୍ର ଦାଶ କରିଥିଲେ। ସଂଘର ସଭାପତି ଭେଟେରାନ ରୋହିତ୍ କୁମାର ରାଏ ଏବଂ ସମ୍ପାଦକ ଭେଟେରାନ ଅଶୋକ କୁମାର ପାତ୍ରଙ୍କ ସମେତ ଅନ୍ୟ ସମସ୍ତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଏକ ପଟୁଆର ଟାଉନହଲ ଠାରୁ ବାହାରି ଅପର୍ତ୍ତିବିନ୍ଧା ଛକ ପର୍ଯ୍ୟନ୍ତ ଯାଇ ବଜାର ପରିକ୍ରମା କରି ପୁଣି ଟାଉନହଲକୁ ଫେରିଥିଲେ। ସଭା ପୂର୍ବରୁ ଅତିଥିମାନେ ସଂଘର ନୂତନ ଅଫିସ ଗୃହ ନିମନ୍ତେ ଭୂମି ପୂଜନ କରିଥିଲେ। ପରେ ଟାଉନ ହଲରେ ରୋହିତ କୁମାର ରାଏଙ୍କ ଅଧ୍ୟକ୍ଷତା ଏବଂ ମହେଶ୍ୱର ଦୀକ୍ଷିତଙ୍କ ସଂଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାରତୀୟ ଅବସରପ୍ରାପ୍ତ ସୈନିକ ଲିଗ୍ ଓଡ଼ିଶା, ଭୁବନେଶ୍ୱରର ଉପସଭାପତି ସମରେନ୍ଦ୍ର ପରିଜା, ସମ୍ପାଦକ ବିଦ୍ୟାଧର ନାୟକ, ରବୀନ୍ଦ୍ର କୁମାର ସାହୁ, ଅଜୟ ନାୟକ, ବିମଳ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ସୈନିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ଜେନା ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳ ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବିକା ସୁଜାତା ଜେନା ଯୋଗ ଦେଇଥିଲେ। ସାଂସଦ ଏବଂ ବିଧାୟକ ଅବସରପ୍ରାପ୍ତ ସୈନିକ ସଂଘର ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହଯୋଗ ଯୋଗାଇ ଦେବେ ବୋଲି କହିଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାରିପଦା,୨୯/୦୧ (ନି.ପ୍ର): ସ୍ଥାନୀୟ ମଧୁବନ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଓଡିଶା ରାଜ୍ୟ ଡ଼ିଜାଷ୍ଟର ମ୍ୟାନେଜମେଂଟ ଆଥୋରିଟିର ଉଦ୍ୟମ କ୍ରମେ ଆଶ୍ରୟସ୍ଥଳ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଏଥିରେ ୭୫ ଜଣ ଏବଂ ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା ନିମନ୍ତେ ପରିଚାଳନା କମିଟି ର ୨୫ ଜଣ ସଦସ୍ୟ ତାଲିମ ନେଇଥିଲେ। ଜାନୁୟାରୀ ୨୧ ରୁ ୨୮ ତାରିଖ ଯାଏ ଆଶ୍ରୟସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରର ଉଦଯାପନୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଜୟ ପତି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇ ଶିବିରରୁ ପ୍ରଶିକ୍ଷଣ ପାଇଥିବା ଜୀବନ ରକ୍ଷା କୌଶଳ ଗୁଡିକୁ ଉଚିତ ସମୟରେ ବ୍ୟବହାର କରି ଜନଜୀବନ ବଂଚାଇବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀର ସଂଯୋଜକ ଅନୁଷ୍ଠାନ ସ୍ୱାର୍ଡା ସ୍ୱେଚ୍ଛାସେବୀ ସଂଗଠନର ବିବେକାନନ୍ଦ ପଟ୍ଟନାୟକ ଉଦଯାପିନୀ ଉତ୍ସବକୁ ପରିଚାଳନା କରିଥିବା ବେଳେ, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ୮ନମ୍ବର କାଉନସିଲର ମୂର୍ଚ୍ଛନା ମହାନ୍ତି, ଜିଲ୍ଲା ଜରୁରୀ କାଳୀନ ସଂଯୋଜକ ସୁମିତ୍ରା ସ୍ୱାଇଁ, ସାର୍ଡା ସ୍ୱେଚ୍ଛାସେବୀ ସଂଗଠନର କୋଷାଧକ୍ଷ ସଂଜୟ ଦ୍ୱାରୀ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରଯାଇଥିଲା। ସେହିଭଳି ସମସ୍ତ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୮ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରଯାଇଥିଲା। କମିଟିର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱରରେ ମିନି ମରାଥନ : ଅଂଶ ଗ୍ରହଣ କଲେ ଶହ ଶହ ଛାତ୍ରଛାତ୍ରୀ

ଜଳେଶ୍ୱର,୨୯/୦୧ (ନି.ପ୍ର): କିଟ୍‌ସ୍‌ର ୨୫ବର୍ଷ ତଥା ରୌପ୍ୟଜୟନ୍ତୀ ପାଳନ ଅବସରରେ କିଟିସ୍ ଓ କିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ମିନି ମାରାଥନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଜଳେଶ୍ୱରର କାଳିମନ୍ଦିରଠାରୁ କୋର୍ଟବଜାର ଯାଏ ଏକ ମାନି ମରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବହୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶୁଭେଚ୍ଛୁ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ୨୫ବର୍ଷ ପୂର୍ତ୍ତୀ ଯୋଗୁଁ ଓଡିଶାର ୩୦ଜିଲା ଓ କେତେକ ସଦର ମହକୁମାକୁ ମିଶାଇ ୩୫ଟି ସ୍ଥାନରେ ମିନି ମାରାଥନ ଆରମ୍ଭ ହୋଇଥିବା ବେଳେ ସମଗ୍ର ଭାରତରେ ୨୫ଟି ସହର ଏହା ଅନୁଷ୍ଠିତ ହୋଇ ଯାଇଛି। ସମସ୍ତଙ୍କ ଲାଗି ଶିକ୍ଷା ଆହ୍ୱାନ ଦୀର୍ଘବର୍ଷ ଧରି କିଟ୍ ଓ କିସ୍ ଦେଇ ଆସୁଥିବା ବେଳେ କରୋନାର ମହାମାରୀ ଯୋଗୁଁ ୨ବର୍ଷ ବନ୍ଦ ରହିଥିଲା। କିନ୍ତୁ ଚଳିତବର୍ଷ ଏହା ଆରମ୍ଭ ହୋଇଥିବାରୁ ଜଳେଶ୍ୱରର ଆର୍ଟ ଅଫ ଗିଭିଙ୍ଗ ଶାଖା ପକ୍ଷରୁ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସଂପର୍କରେ ଜିଲା ସଂଯୋଜକ ତଥା ଜଳେଶ୍ୱର ବାର୍ ସଭାପତି ଅନୀଲ ପରିଡା ଆଜି ପୁରୁଣା କୋର୍ଟ ବଜାରରେ ଆୟୋଜିତ ସଭାରେ ମତବ୍ୟକ୍ତ କରିଥିଲେ। ଆର୍ଟ ଅଫ ଗିଭିଙ୍ଗର ସଭାପତି ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଏସ୍‌ଡିପିଓ ଦିଲ୍ଲିପ କୁମାର ସାହୁ ଯୋଗ ଦେଇ ସମଗ୍ର ବିଶ୍ୱରେ ୨୦ ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଆବାସୀକ ଶିକ୍ଷାଦାନର ବ୍ୟବସ୍ଥା କରି ଡ. ଅଚ୍ୟୁତ ସାମନ୍ତ ବିଶ୍ୱରେ ଆଲୋଡନ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଡ. ସାମନ୍ତଙ୍କ ପ୍ରୟାସ ଓ ସମସ୍ତଙ୍କୁ ଶିକ୍ଷା ଦେବାର ଆହ୍ୱାନ ମଧ୍ୟ ବିଶ୍ୱରେ ଅନ୍ୟଏକ ରେକର୍ଡ ସୃଷ୍ଟି କରିଥିବା କହିଥିଲେ। ମୁଖ୍ୟ ବକ୍ତାଭାବେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗ ଦେଇ ଆର୍ଟ ଅଫ ଗିଭିଙ୍ଗ ଡ. ଅଚ୍ୟୁତ ସାମନ୍ତଙ୍କ ସ୍ଲୋଗାନ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ସଚେତନତା ଲାଗି ଏକରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା କହିଥିଲେ।

# ବାଗମାରିରେ ମାର୍କେଟ କମ୍ପ୍ଲେକ୍ସ ଓ ଅଙ୍ଗନୱାଡି ଉଦ୍‌ଘାଟନ

ଜଳେଶ୍ୱର ୨୯/୧(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତର ବାଗମାରି ଗାଁର ପାଣିଟାଙ୍କି ନିକଟରେ ମାର୍କେଟ କମ୍ପ୍ଲେକ୍ସ ଓ ମେଲକସାହିରେ ଅଙ୍ଗନୱାଡି କେନ୍ଦ୍ରକୁ ଆଜି ବ୍ଲକ ଅଧ୍ୟକ୍ଷ ମାନସ ଜେନା ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲାପରିଦେ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଲିନ୍ ପ୍ରଧାନ, ସରପଂଚ ଶୁଭସ୍ମିତା ଦାସ, ମଧୁସୂଦନ ସେନାପତି, ପ୍ରବିର ଦାସ, ସପନ ଦାସ, ଖଗେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପଂଚାୟତ ସମିତିରୁ ୧୦ଲକ୍ଷ ଟଙ୍କା ମାର୍କେଟ କମ୍ପ୍ଲେକ୍ସ ଓ ୭ଲକ୍ଷ ଟଙ୍କା ବ୍ୟୟରେ ଅଙ୍ଗନୱାଡି ପ୍ରକଳ୍ପ ଉଦ୍‌ଘାଟନ ହୋଇଥିବା ସରପଂଚ କହିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକ

ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ ନବ କିଶୋର ଦାସଙ୍କ ବିୟୋଗେ ସେ ଦୁଃଖିତ। ସେ ତାଙ୍କ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି।

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବ୍ରଜରାଜନଗରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ତାଙ୍କୁ ଗୁଳିମାଡ ପରେ ହସ୍ପିଟାଲରେ ସେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ତାଙ୍କ ସହ ଯେଉଁ ଭଳି ଘଟଣା ଘଟିଛି, ଏହା ମୋତେ ବ୍ୟଥିତ କରିଛି। ଜନପ୍ରତିନିଧି ଭାବରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

**ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଟ୍ୱିଟ କରି ଲେଖିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୁଃଖଦ ପରଲୋକରେ ମୁଁ ମର୍ମାହତ। ଶୋକସନ୍ତପ୍ତ ପରିବାର ପ୍ରତି ମୁଁ ସମବେଦନା ଜଣାଉଛି। ତାଙ୍କର ଅମର ଆତ୍ମାର ସତଗତି କାମନା କରୁଛି।

**- ପ୍ରଫେସର ଗଣେଶୀଲାଲ, ରାଜ୍ୟପାଳ**

ନବ ଦାସଙ୍କ ଅସ୍ୱାଭାବିକ ମୃତ୍ୟୁ ନେଇ ଗଭୀର ମର୍ମାହତ ହୋଇଛନ୍ତି। ସ୍ୱର୍ଗତ ଶ୍ରୀ ଦାସଙ୍କ ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନବ ଦାସ ଉଭୟ ସରକାର ଓ ଦଳ ପାଇଁ ମୂଲ୍ୟବାନ ଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ପ୍ରବଳ ଉଦ୍ୟମ କରିଥିଲେ। କିନ୍ତୁ ପ୍ରଗାଢ଼ ଚେଷ୍ଟା ସତ୍ତ୍ୱେ ମେଡିକାଲ ବିଶେଷଜ୍ଞ ଟିମ୍ ବଞ୍ଚାଇ ପାରି ନଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଥିବା କାଳରେ ନବ ଦାସ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ବିଜେଡିକୁ ମଜବୁତ କରିବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ଦଳମତ ନିର୍ବିଶେଷରେ ତାଙ୍କୁ ସମସ୍ତେ ଭଲ ପାଉଥିଲେ।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ପଶ୍ଚିମ ଓଡ଼ିଶାର ଏହି ଆଗଧାଡିର ରାଜନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶା ତଥା ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି ଘଟିଛି। ମନ୍ତ୍ରୀ ଓ ବିଧାୟକ ଭାବେ ତାଙ୍କ କାର୍ଯ୍ୟ ଉତ୍ତର ପିଢ଼ିର ରାଜନେତାଙ୍କ ପାଇଁ ଅନୁକରଣୀୟ ରହିବ। ତାଙ୍କର ଏହି ଅକାଳ ବିୟୋଗ ଆମ ରାଜ୍ୟ ତଥା ରାଜ୍ୟବାସୀଙ୍କ ପାଇଁ ଗଭୀର ଦୁଃଖଦାୟକ। ମୁଁ ତାଙ୍କ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି।

**- ବିକ୍ରମ କେଶରୀ ଆରୁଖ, ବାଚସ୍ପତି**

ସ୍ୱର୍ଗତଃ ନବ ଦାସ ଜଣେ ସରଳ ମେଳାପୀ ଚରିତ୍ରର ବ୍ୟକ୍ତି ଥିଲେ। ତାଙ୍କର ଅସ୍ୱାଭାବିକ ମୃତ୍ୟୁକୁ ନେଇ ମୁଁ ଗଭୀର ମର୍ମାହତ। ତାଙ୍କ ସହିତ ମୋର ବ୍ୟକ୍ତିଭତ ଭାବେ ଖୁବ୍ ଭଲ ସମ୍ପର୍କ ଥିଲା। ଓଡ଼ିଶା ରାଜନୀତି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ସ୍ୱର୍ଗତଃ ଦାସଙ୍କ ଶୋକ ସନ୍ତପ୍ତ ପରିବାରକୁ ଭଗବାନ ସହାୟକ ହୁଅନ୍ତୁ। ମୁଁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**- ରଘୁନାଥ ମହାନ୍ତି, ପୂର୍ବତନ ମନ୍ତ୍ରୀ**

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ସମାଜବାଦୀ ପାର୍ଟିର ଶୋକ

ଭୁବନେଶ୍ୱର,୨୯/୦୧ (ନି.ପ୍ର):ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ସମାଜବାଦୀ ପାର୍ଟି, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ପୋଲିସ୍ ଗୁଳିରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ କ୍ଷତି। ତାଙ୍କର ବିୟୋଗ ସାଧାରଣଙ୍କ ଜନତାଙ୍କ ଜୀବନ ପ୍ରତି ପୋଲିସ୍‌ର ନିଷ୍କ୍ରିୟତା ଓ ଉଦାସୀନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମାଜାବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦାବି କରିଛି।

# ଫିଆଟଲକ୍ସ ମହୋତ୍ସବ ଉଦ୍‌ଯାପନୀ : ମନମୋହିଲେ ଓଲିଉଡ ଅଭିନେତ୍ରୀ ଜୀନା ଓ ଅଭିନେତା ପୁପିନ୍ଦର



ନୀଳଗିରି,୨୯/୦୧ (ନି.ପ୍ର): ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ୩ଦିନ ଧରି ଚାଲିଥିବା ଫିଆଟଲକ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଓଲିଉଡ୍ ଅଭିନେତ୍ରୀ ଜୀନା ସାମଲ ଓ ଅଭିନେତା ପୁପିନ୍ଦରଙ୍କ ଆକର୍ଷଣୀୟ ଡାଇଲଗ୍ ଓ ପୁପିନ୍ଦରଙ୍କ ସଂଳାପ ସହିତ ଅଭିନୟ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ଉପସ୍ଥିତ ରହି କ୍ଲବର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ଶୁଭେନ୍ଦୁ ଦାସ ମଙ୍ଗରାଜ ଉପସ୍ଥିତ ରହି କ୍ଲବର ୩୧ ବର୍ଷର ଯାତ୍ରାର ଗାଥା ଏବଂ କ୍ଲବର ଯୁବକମାନଙ୍କର ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଶଶି ସାହୁ କ୍ଲବ ଏହିଭଳି ଜନ ହିତୈଷୀ କାର୍ଯ୍ୟକୁ ଏକ ସଂଗଠନ ନୁହେଁ କିମ୍ବା ଅନୁଷ୍ଠାନ ନୁହେଁ ଏହା ଏକ ବିପ୍ଳବ ବୋଲି ଅଭିବ୍ୟକ୍ତି ରଖିଥିଲେ। ବାଲେଶ୍ୱର ବିଜେଡି ଜିଲ୍ଲାସଭାପତି ରବିନ୍ଦ୍ର ଜେନା ମହୋତ୍ସବରେ ଉପସ୍ଥିତ ରହି ପାରି ନ ଥିଲେ ମଧ୍ୟ ଭରଚୁଆଲ ଯୋଗେ କ୍ଲବର ସଦସ୍ୟମାନଙ୍କୁ ନିଜ ଅନୁପସ୍ଥିତି ପାଇଁ ଦୁଃଖ ପ୍ରକାଶ କରିବା ସହ କ୍ଲବର ଉତୋରତର କାମନା କରିଥିଲେ। ରାଜନୀତିରେ ଶତୃତା ରହିଲେ ମଧ୍ୟ ମହୋତ୍ସବ ଭାଇଚାରା ସୃଷ୍ଟି କରି ପରସ୍ପର ମଧ୍ୟରେ ସ୍ନେହ ବନ୍ଧନରେ ବାନ୍ଧିଥାଏ ବୋଲି କହିଥିଲେ। ଭାସ୍କର ବିଶ୍ୱାଳ ଏବଂ ଶରତ ଦାସ ମଂଚାସୀନ କରିଥିବା ବେଳେ କ୍ଲବର ସଭାପତି ଉଦୟ ଜ୍ୟୋତି ମହାନ୍ତି, ଉପସଭାପତି ତାପସ ପରିଡ଼ା, ସଂପାଦକ ସବ୍ୟସାଚୀ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି, ଶିଶିର ରାଉତ, ସୁରଞ୍ଜନ ମହାପାତ୍ର, ସଂଜିବ ମହାପାତ୍ର, ବିଜୟ ଲେଙ୍କା, ବିନୟ ପ୍ରଧାନ, ଧର୍ମେନ୍ଦ୍ର ମହାପାତ୍ର, ଶରତ ଦାସ, ନିବାଶିଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଲିଉଡ୍ ର ଜଣାଶୁଣା କଣ୍ଠଶିଳ୍ପୀ ଅମିତ୍ରା ନାୟକ, ରଙ୍ଗିଲା ରଣଜିତ, କୌଶିକ ଶତପଥୀଙ୍କ କଣ୍ଠରେ ଯାଦୁରେ ଦର୍ଶକ ମତୁଆଲା ହୋଇଥିଲେ। କମେଡିଆନ କାଳିଆ ଷଣ୍ଢ ଙ୍କ କମେଡି ସଂଳାପରେ ଦର୍ଶକ ହସି ହସି ବେଦମ ହୋଇଥିଲେ।

## ଯାତ୍ରୀବାହୀ ବସକୁ ଅଟକାଇବାରୁ ଯାତ୍ରୀ ହଟହଟା

କେନ୍ଦ୍ରାପଡ଼ା,୨୯/୦୧ (ନି.ପ୍ର): ବିଟି ଆଣ୍ଡ ବିଟି ନାମକ ଯାତ୍ରୀବାହୀ ବସଟି ସଂନ୍ଧ୍ୟା ସମୟରେ କେନ୍ଦ୍ରାପଡା ସହରର ଲକ୍ ବାଟ ଦେଇ ବାବର କଣ୍ଟାବଣ ଯାଉଥିବା ସମୟରେ ବସ ଯାତାୟତ ସମୟକୁ ନେଇ ଅନ୍ୟ ମାଲିକ ମାନଙ୍କ ମଧ୍ୟରେ ଲାଗିଥିବା ତିକ୍ତତାକୁ ନେଇ ଏହି ବସ୍‌ଟିକୁ କେତେକ ମାଲିକ କିଛି ସମୟ ଅଟକ ରଖିଥିଲେ। ଫଳରେ ବସ ଭିତରେ ଥିବା ମହିଳା, ଶିଶୁ, ବୃଦ୍ଧ, ବୃଦ୍ଧା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯାତ୍ରୀମାନେ ବସ ଅଟକ ଥିବାର ପ୍ରତିବାଦ କରିବାରୁ ଅଟକ ରଖିଥିବା ଯୁବକ ମାନେ ବାଧ ହୋଇ ବସ୍‌ଟିକୁ ଛାଡିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo